सत्यमेव जयते

ଶିଶୁଗୀତିକା

ପ୍ରସ୍ତୁତି

ଭାରତୀୟ ଭାଷା ସଂସ୍ଥାନ

(ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ, ଶିକ୍ଷା ବିଭାଗ, ଭାରତ ସରକାର)

ମହୀଶୂର,

ଭାରତୀୟ ପ୍ରଯୋଗାତ୍ମକ ଭାଷା ବିଜ୍ଞାନ ସଂସ୍ଥାନ, ମହୀଶୂର,

ଓ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ, ଏବଂ

ରାଜ୍ୟଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା

ଭୁବନେଶ୍ୱର

CENTRAL INSTITUTE OF INDIAN LANGUAGES
25
भारतीय भाषा संस्थान
1969 – 1994

T.E.&S.C.E.R.T.
ORISSA

ଶିଶୁଗୀତିକା

ପ୍ରସ୍ତୁତି

ଆଞ୍ଚଳିକ ଭାଷା ସଂସ୍ଥାନ

(ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ, ଶିକ୍ଷା ବିଭାଗ, ଭାରତ ସରକାର)

ମହୀଶୂର,

ଭାରତୀୟ ପ୍ରଯୋଗାତ୍ମକ ଭାଷା ବିଜ୍ଞାନ ସଂସ୍ଥାନ, ମହୀଶୂର,

ଓ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ, ଏବଂ

ରାଜ୍ୟଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା

ଭୁବନେଶ୍ୱର

ଶିଶୁଗୀତିକା

SHISHU GEETIKA

ପ୍ରସ୍ତୁତି :
ଭାରତୀୟ ଭାଷାସଂସ୍ଥାନ, ମହୀଶୂର

ଭାରତୀୟ ପ୍ରୟୋଗାତ୍ମକ
ଭାଷା, ବିଜ୍ଞାନ ସଂସ୍ଥାନ, ମହୀଶୂର
ଓ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା
ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା
ଭୁବନେଶ୍ୱର

ପ୍ରକାଶନ : ୧୯୯୫

ମୁଦ୍ରଣ : ୨୦୦୦

ମୁଦ୍ରଣ :
ବି.ପି. ଏଣ୍ଟର ପ୍ରାଇଜର
କଟକ

Prepared by :
Central Institute of
Indian Languages, Mysore
Indian Institute of
Applied Language Sciences,
Mysore &
Directorate of Teacher
Education & SCERT,
Orissa, Bhubaneswar

Year of Printing 1995

No of Copies Printed. 2000

Printers :
B.P Enterpriser
CUTTACK

ଶିଶୁଗୀତିକାରେ ସନ୍ନିବେଶିତ ଗୀତଗୁଡ଼ିକ ଭାରତୀୟ ଭାଷା ସଂସ୍ଥାନ (ମାନବ ସମ୍ବଳ ବିକାଶ, ଭାରତ ସରକାର) ମହୀଶୂର, ଭାରତୀୟ ପ୍ରୟୋଗାତ୍ମକ ଭାଷାବିଜ୍ଞାନ ସଂସ୍ଥାନ, ମହୀଶୂର ଓ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା,ଭୁବନେଶ୍ୱର ଦ୍ୱାରା ଆୟୋଜିତ ଏକ କର୍ମଶାଳାରେ ପ୍ରସ୍ତୁତ କରାଯାଇଥିଲା ।

କର୍ମଶାଳାରେ ଅଂଶ ଗ୍ରହଣ କରିଥିଲେ :

ଶ୍ରୀ ରାମ ପ୍ରସାଦ ମହାନ୍ତି
ଶ୍ରୀ ନିରଞ୍ଜନ ବେହେରା
ଶ୍ରୀ ସୂର୍ଯ୍ୟମଣି ସାମନ୍ତରାୟ
ଡଃ ମହେଶ୍ୱର ମହାନ୍ତି
ଦାଶ ବେନହୁର
ଶ୍ରୀ ଜୟକୃଷ୍ଣ ସାହୁ
ଡଃ ଭାଗବତ ପ୍ରସାଦ ଲେଙ୍କା
ଶ୍ରୀମତୀ ବିନୋଦିନୀଦେବୀ

ଶ୍ରୀ ନନ୍ଦକିଶୋର ସାମଇ
ଶ୍ରୀ ଇନ୍ଦୁ ଭୂଷଣ ମିଶ୍ର
ଡଃ ଜଗନ୍ନାଥ ମହାନ୍ତି
ଶ୍ରୀମତୀ ସୁକୃତି ତନୟା ସାମନ୍ତରାୟ
ଡଃ ମନୋରମା ବିଶ୍ୱାଳ(ମହାପାତ୍ର)
ଶ୍ରୀ ଫାଶିଆର ଆଚାର୍ଯ୍ୟ
ଡଃ ଦିଗରାଜ ବ୍ରହ୍ମା

କର୍ମଶାଳା
ସଂଯୋଜନା ଓ ସଂପାଦନା

ବି.ଶ୍ୟାମଳା କୁମାରୀ
ଭାରତୀୟ ଭଷା ସଂସ୍ଥାନ,
ମହୀଶୂର

ଡଃ ଦେବୀପ୍ରସନ୍ନ ପଟ୍ଟନାୟକ
ଭାରତୀୟ ପ୍ରୟୋଗାତ୍ମକ
ଭାଷା ବିଜ୍ଞାନ ସଂସ୍ଥାନ,
ମହୀଶୂର

ଡଃ ଦିଗରାଜ ବ୍ରହ୍ମା
ଶିକ୍ଷକ ଶିକ୍ଷା
ନିର୍ଦ୍ଦେଶାଳୟ,ଓଡ଼ିଶା,
ଭୁବନେଶ୍ୱର

ଭାରତୀୟ ଭାଷାସଂସ୍ଥାନ, ମହୀଶୂରର ନିର୍ଦ୍ଦେଶକଙ୍କ କଲମରୁ :

ପିଲାଟି ଲେଖିବା ପୂର୍ବରୁ ଏଣୁତେଣୁ ଗାରେଇଲା ଭଳି ଭାଷା ଉଚ୍ଚରାଣ ପୂର୍ବରୁ ପ୍ରାକ୍-ଭାଷା ଗୁଞ୍ଜରଣ କରିଥାଏ । ଛବି ଆଙ୍କିବା ଯେପରି ଲେଖିବା ସହିତ ସମାନ ନୁହେଁ, ଗୀତ ଗାଇବା ସେହିପରି କଥା କହିବା ସହିତ ସମାନ ନୁହେଁ । ତଥାପି ଏହା ଭାଷାଗତ ଧ୍ୱନି ସୃଷ୍ଟିକରିବାରେ ସହାୟକ ହୋଇଥାଏ । କଥା କହିବା ପୂର୍ବରୁ ଶିଶୁର ଏଣୁତେଣୁ ଗୁଞ୍ଜରଣ ଏବଂ ଭାଷାଜ୍ଞାନ ଆହରଣର ମଧ୍ୟବର୍ତ୍ତୀ ଅବସ୍ଥାରେ ଶିଶୁଗୀତ ଆସିଥାଏ । ସେହି ଗୀତ ଗୁଡ଼ିକ ଅର୍ଥ ଦ୍ୟୋତକ ନହେଲେ ମଧ୍ୟ ସେଥିରେ ଭାଷାଗତ ଧ୍ୱନିର ପ୍ରାଧାନ୍ୟ ରହି ଥାଏ । ପ୍ରାକ୍ ବିଦ୍ୟାଳୟ ସ୍ତରରେ ଶିଶୁଗୀତ ଅଭ୍ୟାସ କରାଯାଏ । ଏହାପରେ ଶିଶୁଟି ବିଦ୍ୟାଳୟ ପାଇଁ ସହଜରେ ପ୍ରସ୍ତୁତ ହୋଇଥାଏ । ଶିଶୁଗୀତ ଗୁଡ଼ିକ ପ୍ରାକ୍ ଲେଖାପଢ଼ା କୌଶଳ ସଦୃଶ ହୋଇଥାଏ ଏବଂ ଏହା ଶିଶୁକୁ ବିଦ୍ୟାଳୟ ଶିକ୍ଷା ନିମନ୍ତେ ପ୍ରସ୍ତୁତ କରିଥାଏ ।

ଭାରତୀୟ ଭାଷାରେ ଶିଶୁ ସାହିତ୍ୟ କ୍ରମଶଃ ବୃଦ୍ଧି ପାଇଥିଲେହେଁ ଶିଶୁଗୀତ ପ୍ରତି ଅଧିକ ଧ୍ୟାନ ଦିଆଯାଇ ନାହିଁ । ସାଧାରଣତଃ ଏହି ଅଭାବ ସହରର ମଧ୍ୟବିତ୍ତ ପରିବାରରେ ଇଂରାଜୀ ଶିଶୁଗୀତ ଦ୍ୱାରା ପୂରଣ କରାଯାଇଛି । ନିଜର ଭାଷାର ଧ୍ୱନି ଜାଣିବା ଓ ତତ୍ ସଂପର୍କୀୟ ଅଭିଜ୍ଞତା ହାସଲ କରିବା ଶିଶୁର ସାମାଜିକୀକରଣ ନିମନ୍ତେ ଆବଶ୍ୟକ । ନିଜ ଭାଷାପ୍ରତି ଶ୍ରଦ୍ଧା ପ୍ରକାଶ କରିବା ପାଇଁ ଏହା ହେଉଛି ପ୍ରଥମ ପଦକ୍ଷେପ ।

ଦେଶର ଛତୁ ଭଳି ଫୁଟି ଉଠୁଥିବା ଇଂରାଜୀ ମାଧ୍ୟମ ପ୍ରାକ୍ ଶିଶୁ ବିଦ୍ୟାଳୟଗୁଡ଼ିକର ମୁକାବିଲା ନିମନ୍ତେ ଭାରତୀୟ ଭାଷାରେ ଶିକ୍ଷାଦାନ ବ୍ୟବସ୍ଥାଥିବା ଭଳି ଶିଶୁ ବିଦ୍ୟାଳୟ ସୃଷ୍ଟି କରିବା ନିତାନ୍ତ ଆବଶ୍ୟକ । କୌଣସି ଆଇନଗତ ପଦକ୍ଷେପ ନେବା ଅପେକ୍ଷା ଏହାହେବ ସବୁଠାରୁ ଉତ୍କୃଷ୍ଟ ପଦକ୍ଷେପ । ଏହିଭଳି ଶିଶୁ ବିଦ୍ୟାଳୟ ନିମନ୍ତେ ଭାରତୀୟ ଭାଷାରେ ଶିଶୁଗୀତ ଗୁଡ଼ିକ ପ୍ରଧାନ ମାଧ୍ୟମ ହୋଇ ପାରିବ ।

ଉପଯୁକ୍ତ ବିଷୟ ଗୁଡ଼ିକୁ ଆଖି ଆଗରେ ରଖି ଭାରତୀୟ ଭାଷା ସଂସ୍ଥାନ ଭାରତର ବିଭିନ୍ନ ଭାଷା ଏପରିକି ଆଦିବାସୀ ଭାଷାରେ ମଧ୍ୟ ଶିଶୁଗୀତିକା ପୁସ୍ତକ ମାନ ପ୍ରକାଶ କରି ଆସୁଅଛି । ଏଜ ସ୍ୱତନ୍ତ୍ର କର୍ମଶାଳାରେ ସୃଜନଶୀଳ ସାହିତ୍ୟିକ ଭାଷା ଶିକ୍ଷକ ଓ ଭାଷାବିଦ୍‌ଗଣ ନିମନ୍ତ୍ରିତ ହୋଇ ଅଂଶଗ୍ରହଣ କରିଥାନ୍ତି ଓ ଏହି ଗୀତିକା ଗୁଡ଼ିକ ପ୍ରସ୍ତୁତ କରିଥାନ୍ତି । ସେମାନେ ବହୁ ଆଗ୍ରହ ଓ ପ୍ରଚେଷ୍ଟାର ସହିତ କର୍ମଶଳାରେ ଶତାଧିକ ଶିଶୁଗୀତ ରଚନା କରିଥାନ୍ତି । ଏହି ସବୁ ଶିଶୁଗୀତର ସଂକଳନ ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ପ୍ରେରଣାର ଉତ୍ସରୂପେ କାମ କରିବ । ଭବିଷ୍ୟତରେ ଆକର୍ଷଣୀୟ ଛବି ସହିତ ସୁନ୍ଦର ପୁସ୍ତକ ପ୍ରକାଶିତ ହୋଇ ପିଲାମାନଙ୍କ ନିକଟରେ ପହଞ୍ଚି ପାରିବ ବୋଲି ଆଶା ରଖିଛୁ ।

ଘରେ, ବିଦ୍ୟାଳୟରେ ଓ ସହରଞ୍ଚ ଗଳିକନ୍ଦିରେ ଏହି ଶିଶୁଗୀତ ଗୁଡ଼ିକ ଶିଶୁମାନଙ୍କ ଦ୍ୱାରା ବୋଲା ହେଉଥିବାର ଜାଣିଲେ ଆମେ ଖୁସିହେବୁ । ଜୁନି ଜୁନି ପିଲାମାନଙ୍କ ମନରେ ଭାରତୀୟ ଭାଷାର ଚାରାରୋପଣ କରାଯିବାର ପ୍ରଚେଷ୍ଟା କରାଗଲେ ଏହା ଆମ ପାଇଁ ଏକ ବଳିଷ୍ଠ ପଦକ୍ଷେପ ହେବ ।

ଡଃ. ଇ. ଅନ୍ନମଲ୍ଲେ
ନିର୍ଦ୍ଦେଶକ, ଭାରତୀୟ ଭାଷାସଂସ୍ଥାନ
ମହୀଶୂର ।

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ
ଏବଂ ରାଜ୍ୟ ଶିକ୍ଷା ଗବେଷଣା
ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶାର
ନିର୍ଦ୍ଦେଶକଙ୍କ କଲମରୁ .....

ଓଡ଼ିଶାର ପ୍ରାକ୍ ବିଦ୍ୟାଳୟ ଓ ଅଙ୍ଗନବାଡ଼ି ଅନୁଷ୍ଠାନମାନଙ୍କରେ ଶିକ୍ଷା ଲାଭ କରୁଥିବା କୁନି କୁନି ପିଲାମାନଙ୍କ ପାଇଁ ଭାରତୀୟ ଭାଷା ସଂସ୍ଥାନ, ମହୀଶୂର, ଭାରତୀୟ ପ୍ରୟୋଗାତ୍ମକ ଭାଷାବିଜ୍ଞାନ ସଂସ୍ଥାନ, ମହୀଶୂର ଓ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା ଭୁବନେଶ୍ୱର ଆନୁକୂଲ୍ୟରେ ଉକ୍ତ ଶିଶୁ ଗୀତିକା ପୁସ୍ତକ ପ୍ରକାଶ ଲାଭ କରୁଥିବା ଆନନ୍ଦର କଥା । ଏପରି ପ୍ରଚେଷ୍ଟା ଆମ ରାଜ୍ୟ ପାଇଁ ପ୍ରଥମ ଓ ଅଭିନବ ।

ବିଗତ ନଭେମ୍ବର ମାସରେ ଉପର୍ଯ୍ୟୁକ୍ତ ତିନୋଟି ଅନୁଷ୍ଠାନ ତରଫରୁ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ପରିସର ମଧ୍ୟରେ ଏକ ସପ୍ତର ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଉକ୍ତ କର୍ମଶଳାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ଶିଶୁ ସାହିତ୍ୟକଗଣ ଯୋଗଦାନ କରିଥିଲେ । ବହୁ ତତ୍ତ୍ୱଗତ ଆଲୋଚନା ଓ ପରୀକ୍ଷା ନିରୀକ୍ଷା ପରେ ଶିଶୁଗୀତିକା ଗୁଡ଼ିକ ପୁସ୍ତକରେ ସ୍ଥାନପାଇବା ପାଇଁ ନିର୍ବାଚିତ କରାଯାଇଥିଲା । ସେହି ଗୀତିକା ଗୁଡ଼ିକୁ ତିନିବର୍ଷରୁ ଅଧିକ ଓ ଚାରିବର୍ଷରୁ ଅଧିକ ବୟସର ଶିଶୁମାନଙ୍କ ପାଇଁ ଦୁଇଟି ଭାଗରେ ବିଭକ୍ତ କରି ପୁସ୍ତକଟିରେ ଦିଆଯାଇଅଛି ।

କର୍ମଶାଳାଟିର ଆରମ୍ଭରୁ ପାଣ୍ଡୁଲିପି ପ୍ରସ୍ତୁତି ଓ ପ୍ରକାଶନ ପର୍ଯ୍ୟନ୍ତ କର୍ମଶାଳାର ସଂଯୋଜକଗଣ ଯଥେଷ୍ଟ ପରିଶ୍ରମ କରିଛନ୍ତି । ସେଥିପାଇଁ ମହୀଶୂର ଭାଷା ଶିକ୍ଷା ସଂସ୍ଥାନର ଶ୍ରୀମତୀ ବି ଶ୍ୟାମଳାକୁମାରୀ ଓ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ଡ଼ଃ ଦିଗରାଜ ବ୍ରହ୍ମାଙ୍କ ଉଦ୍ୟମ ପ୍ରସଂଶନୀୟ ।

ଶିଶୁଗୀତିକାଟି ପ୍ରକାଶ ଲାଭକରିବା ଅବସରରେ ଓଡ଼ିଶାର ଶିଶୁମାନଙ୍କ ଉନ୍ନତିକଳ୍ପେ ଆମ ସହିତ ସହଯୋଗ କରିଥିବା ମହୀଶୂରସ୍ଥିତ ଭାଷା ସଂସ୍ଥାନର ନିର୍ଦ୍ଦେଶକ ଡ଼ଃ ଇ. ଅନମଲୈ ଓ ପ୍ରୟୋଗାତ୍ମକ ଭାଷାବିଜ୍ଞାନ ସଂସ୍ଥାନର ନିର୍ଦ୍ଦେଶକ ଡ଼ଃ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି ।

ଉକ୍ତ ଶିଶୁଗୀତିକା ପ୍ରକାଶନରେ ଏହି ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ ଡ଼ଃ ନରେନ୍ଦ୍ର ପ୍ରସାଦ ଦାସଙ୍କ ସହଯୋଗ ପାଇଁ ତାଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି ।

ଶିଶୁ ଗିତୀକା ପୁସ୍ତକଟି ଅଙ୍ଗନ ବାଡ଼ି ଅନୁଷାନ ଓ ପ୍ରାକ୍ ବିଦ୍ୟାଳୟ ଅନୁଷ୍ଠାନର ଶିକ୍ଷକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବିଶେଷ ଆଦୃତ ହେବ ବୋଲି ଆଶା ।

ଶିଶୁମାନଙ୍କର ପିତାମାତା ଓ ଅଭିଭାବକଗଣ ମଧ୍ୟ 'ଶିଶୁଗୀତିକା'ରେ ସ୍ଥାନ ପାଇଥିବା ଗୀତ ଗୁଡ଼ିକ ମଧ୍ୟରୁ ସେମାନଙ୍କ ଶିଶୁର ରୁଚି ଓ ପରିବେଷକୁ ଆଖିଆଗରେ ରଖି ଗୀତ ଗୁଡ଼ିକ ବାଛି ଶିଶୁମାନଙ୍କ ଆଗରେ ବୋଲିବେ ଓ ଗୀତ ଗୁଡ଼ିକ ବୋଲିବାରେ ସେମାନଙ୍କୁ ସାହାଯ୍ୟ କରିବେ । ଏପରି କଲେ ଶିଶୁ ଆନନ୍ଦ ପାଇବ ଓ ଭବିଷ୍ୟତ ପାଇଁ ତା'ର ଭାଷାଜ୍ଞାନ ମୂଳଦୁଆ ପଡ଼ିପାରିବ ।

ପ୍ରଫେସର ଜାଜିକୁମାର ଦାସ

ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷାଗବେଷଣା
ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର ।

ଉପକ୍ରମଣିକା :

ମଣିଷ ଭଳି ଉଦ୍ଭିଦ ଓ ପ୍ରାଣୀମାନେ ମଧ୍ୟ ସଂଗୀତ ପ୍ରତି ସଂବେଦନଶୀଳ । ମାତୃ ଗର୍ଭରେ ଥିବା ଶିଶୁର ମାନସିକ ବିକାଶ ଦିଗରେ ସ୍ତୋତ୍ର ଭୂମିକା ସଂପର୍କରେ ପୃଥିବୀର ବିଭିନ୍ନ ସ୍ଥାନରେ ଗବେଷଣାମାନ ବିଭିନ୍ନ ଅନୁଷ୍ଠାନମାନଙ୍କ ଦ୍ୱାରା ଚାଲୁ ରହିଛି । ସେହି ସବୁ ଗବେଷଣା ହେଉଛି ବୈଜ୍ଞାନିକମାନଙ୍କ ପାଇଁ, ଆମଭଳି ସାଧାରଣ ଲୋକେ ଭଲଭାବରେ ଜାଣନ୍ତି ଯେ ପ୍ରାରମ୍ଭରୁ ମଣିଷ ସମାଜ କେବଳ ସଂଗୀତ ବା ଗୀତ ପ୍ରତି ନୁହେଁ ବରଂ ଯେକୌଣସି ଜିନିଷର ଏକ ଛନ୍ଦ ଓ ତାଳ ଅଛି, ସେଥିପ୍ରତି ସମ୍ବେଦନଶୀଳ । ସେହି ଛନ୍ଦ ମଣିଷର ମଧୁର ସ୍ୱର ହୋଇପାରେ, ପକ୍ଷୀର ଜାଳଜି କିମ୍ବା ଝରଣାର ଗୀତ ମଧ୍ୟ ହୋଇପାରେ । ସେହି କାରଣରୁ ପ୍ରତ୍ୟେକ ଲୋକ-ସାହିତ୍ୟ କିମ୍ବା ଆଧୁନିକ ସାହିତ୍ୟରେ ଆମେ ସୁନ୍ଦର ସୁନ୍ଦର ଶିଶୁଗୀତମାନ ଦେଖିବାକୁ ପାଉ । ସେହି ସବୁ ଗୀତଗୁଡ଼ିକ ଯୁଗଯୁଗ ଧରି କେତେଜ ମା' କିମ୍ବା ବୁଢ଼ୀମା'ଙ୍କ ଦ୍ୱାରା ଗାନ କରାଯାଉନାହିଁ, ବରଂ ଆମମାନଙ୍କ ଭଳି ଯେଉଁମାନେ ଶିଶୁ ପ୍ରତି ଯତ୍ନଶୀଳ ସେ ସମସ୍ତଙ୍କ ଦ୍ୱାରା ଗାନ କରାଉଛି । ଏହି କାରଣରୁ ଶିଶୁର ସାମାଜିକୀକରଣ ନିମନ୍ତେ ତାକୁ ତା'ର ଦୈନନ୍ଦିନ ଗୃହ ପରିସର ମଧ୍ୟରୁ ଯେତେବେଳେ ବାହାରକୁ ନେଇ ପ୍ରାକ୍ ବିଦ୍ୟାଳୟରେ ପ୍ରବେଶ କରାଯାଏ, ସେତେବେଳେ ଶିଶୁଗୀତଗୁଡ଼ିକ ହିଁ ତା'ର ଶିକ୍ଷାର ଶ୍ରେଷ୍ଠମାଧ୍ୟମ ବୋଲି ବିବେଚିତ ହୋଇଥାଏ ।

ସାଧାରଣତଃ ସବୁପିଲା ଗୀତଟିଏ ଶୁଣିବାକୁ ଏବଂ ଗୀତଟିକୁ ବାରମ୍ବାର ଆବୃତ୍ତି କରିବାକୁ ଭଲ ପାଆନ୍ତି । ସେମାନେ ତା'ର ଅର୍ଥ ବିଷୟରେ ଚିନ୍ତା କରନ୍ତି ନାହିଁ କିମ୍ବା ଯେଉଁ ଶବ୍ଦଟି ଶୁଣନ୍ତି ସେଇଟି ସେମାନଙ୍କ ପରିଚିତ କି ନୁହେଁ ସେ ବିଷୟରେ ମଧ୍ୟ ଭାବନ୍ତି ନାହିଁ । ଏପରିକି ସେମାନେ ଶୁଣୁଥିବା ଶବ୍ଦଟିର ଉଚ୍ଚାରଣ କଠିନ ହେଲେ ମଧ୍ୟ ସେଥିପ୍ରତି ଭ୍ରୁକ୍ଷେପ କରନ୍ତି ନାହିଁ । ଗୀତଟି ବୋଲିବାରେ ସେମାନଙ୍କ ମନରେ ଅସରନ୍ତି ଆନନ୍ଦ ଥାଏ । ସେଥିରେ କୁହାଯାଇ ଥିବା ଅର୍ଥ ସେମାନେ ବୁଝି ନପାରିଲେ ମଧ୍ୟ ସେମାନେ ଗୀତଟିର ବିଷୟବସ୍ତୁ ବୁଝି ପାରନ୍ତି । ଏହାହିଁ ହେଉଛି ଶିଶୁମାନଙ୍କର ବୁଝିବା କୌଶଳ ବିଷୟବସ୍ତୁ । ଛନ୍ଦ ସହିତ ଛନ୍ଦର ସାରମର୍ମ ସହଜରେ ବୁଝି ହେଉଥିଲେ ସେମାନେ ଛନ୍ଦଟିକୁ ଗାଇବାକୁ ନଜୁହା ହୋଇଥିଲେ ମଧ୍ୟ ଆନନ୍ଦରେ ଗାଇ ଚାଲନ୍ତି ।

ସାଧାରଣତଃ ଶିକ୍ଷକ ଓ ଭାଷାବିତ୍‌ଗଣ ପ୍ରାକ୍ ବିଦ୍ୟାଳୟ ଶିଶୁର ଭାଷାଜ୍ଞାନ ଅଭିବୃଦ୍ଧି ସଂପର୍କରେ ଆଗ୍ରହ ପ୍ରକାଶ କରିଥାନ୍ତି । ତେଣୁ ଆମର କର୍ତ୍ତବ୍ୟ ହେଉଛି ଶିଶୁକୁ ଏକ କ୍ରମତାଲିକା ଭିତ୍ତିର (gradation) ନୀତି ନିୟମ ଅନୁସାରେ ଅମ ପରିବେଶରେ ଥିବା ଉଭୟ ଜୀବନ୍ତ ଓ ମୃତ ବିଷୟବସ୍ତୁ ସଂପର୍କରେ ପରିଚିତ କରାଇବା । ଏହା ଫଳରେ ଶିଶୁଟି ତା'ର ଚତୁର୍ଦ୍ଦିଗରେ ଥିବା ସାମାଜ ସହିତ ପରିଚିତ ହୋଇ ପାରିବ । ତେଣୁ ଯେଉଁ କ୍ରମ ଭିତ୍ତିକ (gradation) ନୀତି ନିୟମ ପାଳନ କରାଯିବ ସେଗୁଡ଼ିକୁ ସାଧାରଣତଃ ଜଣାରୁ

ଅଳଣା, ସରଳରୁ ଜଟିଳ, ନିର୍ଦ୍ଦିଷ୍ଟରୁ ସାଧାରଣ, ସାଧାରଣରୁ ବିଷୟଗତ ଆଦି ହେବ । ଏହି ସବୁ ନୀତି ନିୟମକୁ ଆଖି ଆଗରେ ରଖି ଉକ୍ତ ପୁସ୍ତକରେ ଥିବା ଗୀତିକା ଗୁଡ଼ିକ ମୁଖ୍ୟତଃ ୩ବର୍ଷରୁ ୪ ବର୍ଷ ଓ ୪ବର୍ଷରୁ ୫ବର୍ଷ ବୟସର ପିଲାମାନଙ୍କ ପାଇଁ ରଚନା କରାଯାଇଅଛି । ଏହି ବୟସର ପିଲାମାନେ ଏହି ବହିକୁ ପଢ଼ିବା କିମ୍ବା ଲେଖି ପାରିବା ସମ୍ଭବ ନୁହେଁ । ତେଣୁ ପୁସ୍ତକ ମୁଖ୍ୟତଃ ପ୍ରାକ୍ ବିଦ୍ୟାଳୟ ଶିକ୍ଷକମାନଙ୍କ ସହିତ ଶିଶୁମାନଙ୍କର ପିତାମାତା, ସଂପର୍କୀୟ ଓ ଶିଶୁପ୍ରେମୀମାନଙ୍କ ପାଇଁ ଅଭିପ୍ରେତ ହୋଇଛି । ସେମାନେ ପୁନଃ ପୁନଃ ଗାନ କରି ଶିଶୁମାନଙ୍କୁ ଗୀତିକା ଗୁଡ଼ିକ ଶିକ୍ଷା ଦେବେ ଓ ଶିକ୍ଷଣରୁ ମଧ୍ୟ ଆନନ୍ଦ ପାଇବେ । ଯଦିଓ ସଚେତନ ଭାବେ ଗୀତିକା ଗୁଡ଼ିକ ସାହାଯ୍ୟରେ ପିଲାମାନଙ୍କୁ ଶିକ୍ଷଦେବାର ପ୍ରୟାସ ଘୋଷଣ କରାଯାଇ ନାହିଁ, ତଥାପି ଅଧିକାଂଶ ସମୟରେ ଗୋଟିଏ ଦଳ ପିଲାଙ୍କ ଆଗରେ ଗୀତ ଗୁଡ଼ିକୁ ଆଗ୍ରହର ସହିତ ଆବୃତ୍ତ କରାଗଲେ ଆଶାନୁରୂପ ଫଳ ମଳିତ ଏବଂ ପିଲାମାନେ ଗାଇଗୁଡ଼ିକୁ ଆପେ ଆପେ ବୋଲି ଚାଲିବେ ।

ପିଲାମାନଙ୍କ ଶିଶୁ ସୁଲଭ ମନୋଭାବକୁ ଅକ୍ଷୁଣ ରଖି, ସେମାନେ ଯେପରି ଭାଷାରେ ମହତ୍ୱ ଅନୁଭବ କରିବା ସହିତ ଭାଷା ଶିକ୍ଷଣରୁ ଆନନ୍ଦ ଲାଭ କରିପାରିବେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇ ଏହିସବୁ ଗୀତିକାଗୁଡ଼ିକ ରଚନା କରାଯାଇଛି । ଆମେ ଶିଶୁର ଅନୁଭୂତିର ପରିସରକୁ ଆଖି ଆଗରେ ରଖି ଭାଷାର ଧ୍ୱନାତ୍ମକ ଲୌଶିଷ୍ଟ ଏବଂ ଶବ୍ଦ ଭଣ୍ଡାର ଅନୁଯାୟୀ ଉକ୍ତ କର୍ମଶାଳାରେ ଗୀତିକା ଗୁଡ଼ିକୁ ପ୍ରସ୍ତୁତ କରାଯିବା ପାଇଁ ପ୍ରୟାସ କରିଅଛୁଁ । ଏହା ବ୍ୟତୀତ ଏଥିରେ ଯେତେକ ନୂତନ ଶବ୍ଦର ବ୍ୟବହାର ମଧ୍ୟ କରାଯାଇଛି । ଏହି ସବୁ ଶବ୍ଦ ଏହି ବୟସର ଶିଶୁମାନଙ୍କ ଦ୍ୱାରା ଜଣାଥିବାରୁ ନିଶ୍ଚିତ ଭାବେ ବୋଧଗମ୍ୟ ହେବ । ଶିଶୁଗୀତ ଗୁଡ଼ିକର ଅର୍ଥ ଆବୃତ୍ତି ଓ ଗାନ ସହିତ ଯେପରି ବୋଧଗମ୍ୟ ହୋଇପାରିବ, ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଅଛି ।

ଏକ ବିଷୟବସ୍ତୁ ବା ଏକାଭଳି ମନେ ହେଉଥିବା ବିଷୟବସ୍ତୁ ଆଧାରିତ ପ୍ରତିଦଳର ପିଲାମାନଙ୍କ ପାଇଁ ଏକାଧିକ ଗୀତିକା ଉକ୍ତ ପୁସ୍ତକରେ ସନ୍ନିବେଶିତ କରାଯାଇଛି । ଏକ ବିଷୟବସ୍ତୁ କିପରି ବିଭିନ୍ନ ଦୃଷ୍ଟିକୋଣରୁ ଶିଶୁମାନଙ୍କୁ ବୁଝାଯାଇ ପାରିବ, ତାହା ଦର୍ଶାଇବା ପାଇଁ ସେଗୁଡ଼ିକ ସ୍ଥାନିତ କରାଯାଇଛି । ଗୀତିକାଗୁଡ଼ିକର ବିଷୟବସ୍ତୁ ଶିଶୁଟିର ନିଜ ଗୃହ ଓ ତା'ର ପରିବେଶକୁ ଆଖି ଆଗରେ ରଖି ପ୍ରସ୍ତୁତ କରାଯିବା ସହିତ ସେଗୁଡ଼ିକ ଶିଶୁର ଚତୁଃପାର୍ଶ୍ୱରେ ଥିବା ଉଦ୍ଭିଦ ଓ ଜୀବଜନ୍ତୁକୁ ନେଇ ଉଚିତ ହୋଇଛି । ବିଶ୍ୱପ୍ରେମ ସଂପର୍କୀୟ ବିଷୟବସ୍ତୁ, ପରସ୍ପରକୁ ଭଲ ପାଇବାର ସଂଦେଶ ଆଦି ଏଥିରେ ସ୍ଥାନ ପାଇଥିବା ଗୀତିକା ଗୁଡ଼ିକରେ ପ୍ରକାଶ ଲାଭ କରିଛି । ଆମେ ମଧ୍ୟ ଗୀତିକା ଗୁଡ଼ିକ ମାଧ୍ୟମରେ ପ୍ରତ୍ୟକ୍ଷ ଶିକ୍ଷାଦାନ ସହିତ ନିଜର ବନ୍ଧୁମାନଙ୍କୁ ଭଲ ପାଇବାର ପ୍ରତ୍ୟକ୍ଷ ଶିକ୍ଷା ଏଥିରେ ପ୍ରଦାନ କରି ନାହୁଁ । କିନ୍ତୁ ପରୋକ୍ଷଭାବରେ ଏହି ସବୁ ବାର୍ତ୍ତା ଗୀତିକା ଗୁଡ଼ିକରେ ଦିଆଯାଇଅଛି । ତେଣୁ ଗୀତିକା ଗୁଡ଼ିକରେ ଯେଉଁଠାରେ 'ତୁମେ ଭଲ ପାଇବା ଉଚିତ୍' 'ତୁମେ ଦୟାଳୁ ହେବା ଉଚିତ୍'

ଆଦି ଦିଆନଯାଇ ଶିଶୁଟିର ମନର ପରିବର୍ତ୍ତନ ଲାଗି ''ମୁଁ ଭଲପାଏ'' ''ଏହା ଭଲ'', ''ଏହା ସୁନ୍ଦର'' ଆଦି ଦିଆଯାଇଛି । ତେଣୁ ଆମେ ଭଲ ପାଇବାର ସୌନ୍ଦର୍ଯ୍ୟ, ଆନନ୍ଦର ସୌନ୍ଦଯ୍ୟ ପ୍ରତି ଶୁଶୁଟିର ଦୃଷ୍ଟି ଆକର୍ଷଣ କରିବା ସହିତ ଯାହା ଭଲ ତାକୁ ଭଲପାଇବା ପାଇଁ ଓ ସେଗୁଡ଼ିକର ବାର୍ତ୍ତା ଅନୁକରଣ କରିବାପାଇଁ ଶିଶୁଟିର ଦୃଷ୍ଟି ଆକର୍ଷଣ କରିଅଛୁ ।

ଛନ୍ଦଗୁଡ଼ିକ ଜ୍ଞାତିକୁଟୁମ୍ବ, ଅଙ୍ଗ ପ୍ରତ୍ୟଙ୍ଗ, ବ୍ୟକ୍ତିଗତ ଜିନିଷପତ୍ର କଣ୍ଢେଇ ଓ ଖେଳନା, ବିଭିନ୍ନ ପ୍ରକାରର ଜୀବଜନ୍ତୁ ଓ ପକ୍ଷୀ, ଉଦ୍ଭିଦ ଓ ପ୍ରକୃତିର ବିଭିନ୍ନ ବିଭାବ ଆଦି ସଂପର୍କରେ ଲେଖା ଯାଇଛି । ତଦନୁଯାୟୀଗୀତିକା ଗୁଡ଼ିକୁ ମଧ୍ୟ ବହିରେ ସ୍ଥାନିତ କରାଯାଇଅଛି । ତେଣୁ ଶିକ୍ଷକ ଓ ପିତାମାତାମାନେ ଶିଶୁ ରହୁଥିବା ପରିବେଶ (ଗ୍ରାମାଞ୍ଚଳ/ସହର) ଅନୁଯାୟୀ ଗୀତିକା ଗୁଡ଼ିକୁ ବାଛି ଆବୃତ୍ତି କରିବେ କିମ୍ବା ଗାନ କରିବେ । ଶିଶୁଟି ଯେପରି ସହଜରେ ଗୀତିକା ଗୁଡ଼ିକୁ ଆବୃତ୍ତି କିମ୍ବା ବୋଲିପାରିବ ସେଥିପ୍ରତି ମଧ୍ୟ ଧ୍ୟାନ ଦେବେ । ଆମ୍ଭେମାନେ ମଧ୍ୟ ଏହି ଗୀତିକା ଗୁଡ଼ିକୁ ଏକ ଗାଁ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପିଲାମାନେ କିପରି ଆବୃତ୍ତି ବା ବୋଲିପାରୁଛନ୍ତି, ତାହା ମଧ୍ୟ ପରୀକ୍ଷା କରି ଦେଖିଛୁଁ ।

ଏହି ପଚେଷ୍ଟାରେ ଆମକୁ ଚଦକା ନିକଟସ୍ଥ ସିମିଳି ପାଟଣା ବିଦ୍ୟାଳୟର ଶିକ୍ଷକ ଶ୍ରୀଯୁକ୍ତ ବଂଶୀଧର ସାହୁ, କୁମାରୀ ସୁନନ୍ଦା ମହାରଣା, ଶ୍ରୀ ଶ୍ରୀନିବାସ ସାହୁ, ଟୁକୁନା ବଳିଆର ସିଂହ, ଶିକ୍ଷୟିତ୍ରୀ ଲକ୍ଷ୍ମିପ୍ରିୟା ମାଝୀ ପ୍ରମୁଖ ଆମକୁ ସହୃଦୟତାର ସହିତ ସାହାଯ୍ୟ କରିଥିଲେ । ଆମେ ସେମାନଙ୍କୁ ସ୍ୱତନ୍ତ୍ରଭାବେ କୃତଜ୍ଞତା ଜଣାଉଛୁ ।

ସିମିଳିପଡ଼ାଠାରେ ଏହି ପରୀକ୍ଷା ନିରୀକ୍ଷା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଶ୍ରୀ ବନବିହାରୀ ବେହେରା । ଏତଦ୍ ବ୍ୟତୀତ ରିଚ୍ (REACH) ଅନୁଷ୍ଠାନର ଶ୍ରୀଯୁକ୍ତ ଜି.ଜନ ମଧ୍ୟ ଏହି କାର୍ଯ୍ୟକ୍ରମର ଆୟୋଜକ ଥିଲେ । ତେଣୁ ସେମାନେ ଆମର ଧନ୍ୟବାଦାର୍ହ ।

କର୍ମଶାଳାରେ ଯୋଗଦାନ କରିଥିବା ସମସ୍ତ ବନ୍ଧୁମାନଙ୍କୁ ସେମାନଙ୍କର ପରିଶ୍ରମ, ପ୍ରଚେଷ୍ଟା ଓ ଅବଦାନଲାଗି ଆମେ କୃତଜ୍ଞତା ଜଣାଉଛୁଁ । ନର୍ସେରୀ ବିଦ୍ୟାଳୟରେ ଶିକ୍ଷାଦାନ ପାଉଥିବା ପିଲାମାନଙ୍କର ସମସ୍ତ ପିତାମାତା, ଅଙ୍ଗନବାଡ଼ି, ପ୍ରାକ୍ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପିଲାମାନଙ୍କୁ ଏହି ଗୀତ ଗୁଡ଼ିକ ଶିକ୍ଷାଦେଲେ ଆମେ ସେମାନଙ୍କ ନିକଟରେ କୃତଜ୍ଞ ରହିବୁ । ଭବିଷ୍ୟତରେ ଏହି ସବୁ ଛନ୍ଦଗୁଡ଼ିକୁ ନୂତନ ଭାବେ ପ୍ରକାଶ କଲାବେଳେ ଯେଉଁ ବନ୍ଧୁମାନେ ଆମପାଖକୁ ସେମାନଙ୍କର ମତାମତ ଓ ଗଠନମୂଳକ ପରାମର୍ଶ ପଠାଇଥିବେ, ଆମେ ସେମାନଙ୍କ ପାଖରେ ଅଧିକ କୃତଜ୍ଞ ରହିବୁ ।

ବି. ଶ୍ୟାମଳାକୁମାରୀ
ଡଃ ଦିଗରାଜ ବ୍ରହ୍ମା

ସୂଚୀପତ୍ର

ଶିଶୁଗୀତ

(୩+ ପିଲାମାନଙ୍କପାଇଁ)

(କ) ଛାଟିକୁଟୁମ୍ବ ସମ୍ବନ୍ଧୀୟ :

କ୍ର:ନଂ	ବିଷୟ	ପୃଷ୍ଠା (୧-୬)
୧-	ମା	୧
୨-	ମାଆଲୋ ମାଆ	୧
୩-	ମୋ ମାଆ	୧
୪-	ଭାଆ ପଦେ ଗୀତ	୨
୫-	ମାଆ ଓ ଖୁଡ଼ି	୨
୬-	ଖୁଡ଼ି	୨
୭-	ଜେଠେଇ	୩
୮-	ଅଜା	୩
୯-	ଅଜା ହୋ ଅଜା	୩
୧୦-	ବଡ଼ ଭଉଣୀ	୪
୧୧-	ଉବି ଛବି	୪
୧୨-	ଚଢ଼ା ଚଢ଼ା ଭଉଁରୀ	୫
୧୩-	ରାମଭାଇ	୫
୧୪-	ମାମୁ ଦେଇଛନ୍ତି ପ୍ୟାଣ୍ଟଟିଏ	୫
୧୫-	ପଡ଼ିଆ	୬

(ଖ) ଅଙ୍ଗପ୍ରତ୍ୟଙ୍ଗ ଓ ବାଦ୍ୟଯନ୍ତ୍ର ସିମ୍ବନ୍ଧୀୟ : (୬-୯)

୧୬-	ଦେହ	୬
୧୭-	ମୋର ଆଙ୍ଗୁଠି	୬
୧୮-	ଛୋଟ ଆଙ୍ଗୁଠି	୭

୧୯-	ଗୋଲାପି ଜାମା	୭
୨୦-	ଦେଖ୍ ମୋର ଜାମାକୁ	୭
୨୧-	ଟୋପି	୮
୨୨-	ଛତା ଯୋତା	୮
୨୩-	ଝୁମୁରୀ	୯

(ଗ) ଖେଳ ଓ ଖେଳଣା ସମ୍ବନ୍ଧୀୟ : (୯-୧୭)

୨୪-	କଣେଇ ପେଡିରେ ଘର	୯
୨୫-	କଣେଇ କୁଆଡ଼େ ଗଲା	୯
୨୬-	ଯାଉଛି ମୋ ଡ଼ଙ୍କ ଉଡ଼ି	୧୦
୨୭-	ପଇଡ଼ ଯାଣି	୧୦
୨୮-	ଆସ ଲୁଚୁକାଳି ଖେଳିବା	୧୦
୨୯-	କାଠ ଘୋଡ଼ା	୧୧
୩୦-	କଣେଇ	୧୧
୩୧-	ଆଗୁଡୁମ୍ ମାଗୁଡୁମ୍	୧୧
୩୨-	କାଗଜ ଡ଼ଙ୍ଗା	୧୨
୩୩-	କାଠ କଣେଇ	୧୨
୩୪-	ଉଡ଼େଇ ଦେଲି ଗୁଡି	୧୨
୩୫-	ଗାଡ଼ିତ ଗାଡ଼ି	୧୩
୩୬-	ଯାଉଛି ରେଳଗାଡ଼ି	୧୩
୩୭-	ରୁନୁର କଣେଇ	୧୩
୩୮-	ମୋ ହାତୀ	୧୪
୩୯-	ବେଙ୍ଗୁଲୀ ମାଉସୀ ଆସିଲାଦେଖ	୧୪
୪୦-	ଠେକୁଆ ଭାଇରେ ଭାଇ ଠେକୁଆ	୧୪
୪୧-	ଆସ କରିବା ନାଚ୍	୧୫
୪୨-	ସାଇକଲଟି ତିନି ଚକିଆ	୧୫
୪୩-	ବାଲିଘର ମୋର ଜେଡ଼େ ସୁନ୍ଦର	୧୫
୪୪-	ଚକାଭଉଁରୀ	୧୬
୪୫-	କୁନା ଯାଇଥିଲା ଦାଣ୍ଡରେ	୧୬
୪୬-	ପେଞ୍ଚୁଗଲା ଗଡ଼ି ଗଡ଼ି	୧୬
୪୭-	ଖେଳିବା ଦୋଳି	୧୭
୪୮-	ଆସ ପୁଚ୍ଚି ଖେଳିବା	୧୭

(ଘ) ଖାଦ୍ୟ ସମ୍ବନ୍ଧୀୟ : (୧୮-୨୧)

୪୯- ରସଗୋଲା ୧୮
୫୦- ହେଲା ଯେମିତି ସକାଳ ୧୮
୫୧- ଦୁଧରୁ ହୁଏ ୧୮
୫୨- ବାଃ ବାଃ ରେ ୧୯
୫୩- ଚକୁଳି ପିଠା ୧୯
୫୪- ଆଳୁଚପ୍ ୧୯
୫୫- ଭାତ ୨୦
୫୬- ଭାତ ତିଅଣ ଡାଲି ୨୦
୫୭- ଗରମ ମୁଢ଼ି ୨୦
୫୮- ଖାଇବ ମୁନାରଜା ୨୧

(ଙ) ଘର ଜିନିଷପତ୍ର ସମ୍ବନ୍ଧୀୟ : (୨୧-୨୧)

୫୯- ଡିବି ୨୧
୬୦- ଆଇନା ୨୧

(ଚ) ଶିଶୁ ସମ୍ବନ୍ଧୀୟ : (୨୨-୨୭)

୬୧- କିଏ ମୋତେ କେମିତି ଡ଼ାକେ ୨୨
୬୨- ମାମୁନି ୨୨
୬୩- କୁନିପିଲାଟି ୨୨
୬୪- ନିଦ ମାଉସୀ ୨୩
୬୫- ଆମ ରାନୁ ୨୩
୬୬- ଆ ମୋଧନ ଶୋଇବୁ ଆ ୨୩
୬୭- ନିଦ ମାଉସୀରେ ନିଦ ମାଉସୀ ୨୪
୬୮- ଚାଲେ ଘୋଷାରି ୨୪
୬୯- ଆସରେ ପିଲେ ଦେଖି ୨୪
୭୦- ଦୁଇଟି ପିଲା ୨୫
୭୧- ବୁଲୁ ୨୫
୭୨- ମୋଧନ ପଢ଼ିବ ଶୋଉ ୨୫
୭୩- ଖୁସିରେ ଝୁମୁରୀ ଡିଏଁ ୨୬
୭୪- ଚପୁଲା ବିଲେ ଜଣେଇ ୨୬

୭୫- ପାପୁନିର ଗାଧୁଆ ୨୭
୭୬- କୁନ୍‌ମୁନି କୁନ୍‌ମୁନି ମୋ କୋଢକୁଆ ୨୭

(ଛ) ପଶୁପକ୍ଷୀ ଜଗତ ସମ୍ବନ୍ଧୀୟ : (୭୮-୪୩)

୭୭- ଚଢ଼େଇରେ ଚଢ଼େଇ ୨୮
୭୮- ବାଇଚଢ଼େଇ ୨୮
୭୯- ଉଡ଼ିଗଲା ବଗ ୨୮
୮୦- କାଉ ରାବଣ ଭା' ୨୯
୮୧- ଥଉଲା ବସ୍ତ୍ର ୨୯
୮୨- ଟିଟି ଚଢ଼େଇ ୨୯
୮୩- ଉଡ଼ିଗଲେ ଚଢ଼େଇ ୩୦
୮୪- ପେଟୁଆ ବତକ ୩୦
୮୫- ଟିଟି ଚଢ଼େଇରେ ଟିଟି ଚଢ଼େଇ ୩୦
୮୬- କୋଇଲିଟି ଆଇଲା ୩୧
୮୭- କାଉରେ କାଉ ୩୧
୮୮- ଧୋବଲା ପାରା ୩୧
୮୯- ଟିପି ଚଢ଼େଇ ପୁରରେ ୩୨
୯୦- ଘର ଚଟିଆ ୩୨
୯୧- ଟିଟି ଚଢ଼େଇ ୩୨
୯୨- ସାଧନ ବୋହୂ ୩୩
୯୩- ମୁଁ ଟିଟି ପରଜାପତି ୩୩
୯୪- ଜୁଜୁ ଜୁଜିଆ ୩୪
୯୫- ପିମ୍ପୁଡ଼ିଙ୍କ ରେଳଗାଡି ୩୪
୯୬- ଠେକୁଆ ଛୁଆ ୩୪
୯୭- ଠେକୁଆ ଭାଇ ୩୫
୯୮- ଠେକୁଆ ଛୁଆ ୩୫
୯୯- ପତର ପତର ସାରୁପତର ୩୫
୧୦୦- କୁନି ମୁନିଆ ମୂଷା ଛୁଆଟି ୩୬
୧୦୧- ଗୁଣ୍ଡୁଚି ମୂଷାରେ ଗୁଣ୍ଡୁଚି ମୂଷା ୩୬
୧୦୨- ନେଉଳ ୩୬
୧୦୩- ପୁଷି ବିଲେଇ ୩୭
୧୦୪- ପୁଷିରେ ପୁଷି ୩୭

୧୦୫-	ମୁଖା ଓ ବିଲେଇ	୩୭
୧୦୬-	ନେଇଗଲା ଶଙ୍ଖୀବିରାଡ଼ି	୩୮
୧୦୭-	କୁକୁଡ଼ କୁଁ କୁକୁଡ଼	୩୮
୧୦୮-	ଡ଼ାକରା	୩୮
୧୦୯-	ଭାଙ୍ଗୁଆଁ	୩୮
୧୧୦-	ବାହୁଡ଼ି ହୋଇଛି ଆମ ଗାଈର	୩୯
୧୧୧-	ମୋ ଜଅଁଳା ବାହୁରୀ	୩୯
୧୧୨-	ଝୁମୁରା	୩୯
୧୧୩-	ଓଲେଇ ଗଛ	୪୦
୧୧୪-	ମେଘାଳୁଆଟି	୪୦
୧୧୫-	ଠେକୁଆ ଭାଇ	୪୦
୧୧୬-	ଆ ଉଚ୍ଚଦ	୪୦
୧୧୭-	ହନୁମାଙ୍କଡ଼	୪୧
୧୧୮-	ହନୁମାଙ୍କଡ଼	୪୧
୧୧୯-	ମାଙ୍କଡ଼ ପଇ	୪୨
୧୨୦-	ହାତୀ	୪୨
୧୨୧-	ଭାଲୁନାଚ୍	୪୩

(ଙ) ଉଦ୍ଭିଦ ଜଗତ ସମ୍ବନ୍ଧୀୟ : (୪୩-୪୬)

୧୨୨-	ଫୁଲରେ ଫୁଲ	୪୩
୧୨୩-	ଶୋରିଷ ଫୁଲ	୪୩
୧୨୪-	ମୋଟେ	୪୪
୧୨୫-	ଜାକୁଡ଼ିଟିଏ ନେଇଯା	୪୪
୧୨୬-	ଆଳୁ ବାଇଗଣ ପୋଟଳ	୪୫
୧୨୭-	ଓଉ	୪୫
୧୨୮-	ପଣସ ଢଠା	୪୫
୧୨୯-	ତାଳ୍ ତାଳ୍ ତାଳି	୪୬
୧୩୦-	ଆମ ଡ଼ାଳେ ଆମ କଷି	୪୬
୧୩୧-	କରମଙ୍ଗା	୪୬

(ଝ) ନାଚ୍‌ଗୀତ ସମ୍ବନ୍ଧୀୟ : (୪୭-୪୭)

୧୩୨-	ପପୁଆ ନାଚିଲା ଛମରେ ଛମ	୪୭

୧୩୩- ଟକ୍ ଟକ୍ ଟକ୍ ଟକର ୪୭
୧୩୪- ଫୁଲଝରି ୪୭

(ଞ) ସୂର୍ଯ୍ୟ ଚନ୍ଦ୍ର ଦିନରାତି ଓ ସକାଳ ସମ୍ବନ୍ଧୀୟ : (୪୮-୫୧)

୧୩୫- ସକାଳ ୪୮
୧୩୬- ଦିନ ୪୮
୧୩୭- ସଞ୍ଜ ହେଲା ୪୮
୧୩୮- ରାତି ୪୯
୧୩୯- ଆରେ ଜହ୍ନ ଆ ୪୯
୧୪୦- ଜହ୍ନମାମୁ ଆସ ଖେଳିବା ୫୦
୧୪୧- ଜହ୍ନମାମୁ ୫୦
୧୪୨- ଏକ ଏକ ଏକ ୫୧

(ଟ) ଗମନାଗମନ ସମ୍ବନ୍ଧୀୟ : (୫୧-୫୧)

୧୪୩- ଶଗଡ଼ ଗାଡ଼ି ୫୧
୧୪୪- ଯାଉଚି ଗଡ଼ି ଯାଉଚି ମାଡ଼ି ୫୧

(ଠ) ବୃତ୍ତି ସମ୍ବନ୍ଧୀୟ : (୫୨-୫୫)

୧୪୫- ଡ୍ରାଇଭର ୫୨
୧୪୬- ଆମ ଦିଦି ୫୨
୧୪୭- ବାଦାମ ବାଲା ୫୨
୧୪୮- ପରିବା ଡ଼ାଲା ୫୨
୧୪୯- ବେଲୁନ୍ ୫୩
୧୫୦- ବେଲୁନ୍ ବାଲା ୫୩
୧୫୧- ଜୋକର ୫୪
୧୫୨- ଦିଦି ୫୪
୧୫୩- ମୁନି ହେଲା ବଇଦ ୫୪
୧୫୪- ଗୋଲି ଡ଼ାକ୍ତର ସାଜିଛି ୫୫

(ଡ) ପବନ ଓ ବର୍ଷା ସମ୍ବନ୍ଧୀୟ : (୫୫-୫୭)

୧୫୫- ପବନ ୫୫

୧୫୬-	ମେଘ ଉଠେଇଲା	୫୬
୧୫୭-	କାଗଜ ତଙ୍କୀ ଉପରେ ଦେ	୫୬
୧୫୮-	ଟୁଲୁ ଟୁଲୁ ମେଘ ଦେ ବରଷି	୫୬
୧୫୯-	ଏଇଟି ନଈ	୫୭
୧୬୦-	ନଈରେ ନଈ	୫୭

(ଢ) ବିବିଧ ବିଷୟବସ୍ତୁ : (୫୭-୬୦)

୧୬୧-	ମୋଘରେ ପାଣିର ଘର	୫୭
୧୬୨-	ଶୁଖୁରା ପତର ଖଡ଼ ଖଡ଼	୫୮
୧୬୩-	ଚାଲି	୫୮
୧୬୪-	ଆଖି ନାଇଁ କାନ ନାଇଁ	୫୯
୧୬୫-	ଖା' ଖା'	୫୯
୧୬୬-	ଆମରି ଆଇ	୫୯
୧୬୭-	କେଇଁଠି ବସି କଣ କରିବ	୬୦
୧୬୮-	ନିଆଁ	୬୦
୧୬୯-	ହାଟ	୬୦
୧୭୦-	ନମସ୍କାର	୬୦

୪+ ପିଲାମାନଙ୍କପାଇଁ

(କ) ଜ୍ଞାତିକୁଟୁମ୍ବ ସଂପର୍କୀୟ : (୬୧-୬୯)

୧୭୧-	ମାଆ	୬୧
୧୭୨-	ମାଆ ବାପା	୬୧
୧୭୩-	ଅଜା ଆଇ	୬୨
୧୭୪-	ଥାପୁଡ଼ି ଦେବ ବୋଉ	୬୨
୧୭୫-	ତୁ..ତୁ..ତୁ..ତୁ..ତୁତୁତାରା	୬୨
୧୭୬-	କହ୍ନେଇ	୬୩
୧୭୭-	ଟିକ ଭଉଣୀ	୬୩
୧୭୮-	ଟପ୍ ଟପ୍ ଟପ୍ ଘୋଡ଼ାମୋ ଚାଲେ	୬୪
୧୭୯-	ଆଇ ନାତି	୬୪
୧୮୦-	ଟିପ୍ ଟିକ୍‌ର ମଣିଷ	୬୪
୧୮୧-	ଗପ ଶୁଣିବା ନୋହିଲା	୬୫

୧୮୨-	ଅଜା ଆଇଙ୍କ ଆମ୍ବୁଲ ଖିଆ	୬୫
୧୮୩-	ଗେଲ କରନ୍ତି	୬୬
୧୮୪-	ଆମ ମାମୁଘର ସେଇଠି	୬୬
୧୮୫-	ମାମୁ ଘର ଯିବି	୬୭
୧୮୬-	ମାମୁ ଘରେ ସଭିଏଁ ଭଲ	୬୭
୧୮୭-	ଅଜା	୬୮
୧୮୮-	ମାମୁ ଘର	୬୮
୧୮୯-	ଆଇର କୋଥଳି	୬୮
୧୯୦-	ଚାହୁଁଟିରେ ଲିନୁ ଚାହୁଁଟି	୬୯
୧୯୧-	ପାକୁଆ ପାଟିରେ ହସ	୬୯

(ଖ) ବ୍ୟକ୍ତିଗତ ଓ ଚିନିଷପତ୍ର ସମ୍ବନ୍ଧୀୟ : (୭୦-୭୪)

୧୯୨-	ଛତା	୭୦
୧୯୩-	ଛାତଟି ବଡ଼ ଭଲ	୭୦
୧୯୪-	ମଜାରେ ବୁଲିବି ଯାଇଁ	୭୧
୧୯୫-	କଲମ	୭୧
୧୯୬-	ମୋ ପାଦରେ ଯୋତାମୋଜା	୭୨
୧୯୭-	କେଉଁଟିଙ୍କ କେଉଁଠି	୭୨
୧୯୮-	ବକୁଲା ବାଡ଼ି	୭୨
୧୯୯-	ଛବିବହି	୭୩
୨୦୦-	ବିଅଣା	୭୩
୨୦୧-	ପ୍ଲାଷ୍ଟିକ୍ ଫୁଲ	୭୪

(ଗ) ଖେଳଣା ଓ ଖେଳ ସମ୍ବନ୍ଧୀୟ : (୭୪-୯୨)

୨୦୨-	ଜଖେଇ ପାଠପଢ଼ା	୭୪
୨୦୩-	ମୋ କୁନି ଜଖେଇ	୭୫
୨୦୪-	ଜଖେଇ ଖାଇନାହିଁ	୭୫
୨୦୫-	ଜଖେଇ ମୁହଁଟି ଯାଉଛି ଶୁଖି	୭୬
୨୦୬-	ମୋ ଜଖେଇଟି ଭଲ	୭୬
୨୦୭-	ଜଖେଇ ଜଖିଟି ମୁଁ ଶୁଖେଇ	୭୭
୨୦୮-	ଚଉଜାଟି ଆଡି ବାଡିଆରେ	୭୭
୨୦୯-	ଜଖେଇର ବାହାଘର	୭୭

୨୧୦-	କଖେଇ ବାହା	୭୭
୨୧୧-	କଖେଇ ବାହାଘର	୭୮
୨୧୨-	ପେଟି ଭିତରେ କଖେଇ	୭୮
୨୧୩-	କଖେଇ ଘର	୭୯
୨୧୪-	କଖେଇର ଜନମଦିନ	୭୯
୨୧୫-	ଶୋଇଯା ମୋର ଟିକି କଖେଇ	୭୯
୨୧୬-	କଖେଇ	୮୦
୨୧୭-	ପଡିଗଲା ମୋ କାଠ କଖେଇ	୮୦
୨୧୮-	ବାଏଁ ଡାଏଁ ବାଏଁ ଡାଏଁ	୮୧
୨୧୯-	ଗୁଡ଼ି	୮୧
୨୨୦-	ଗୁଡ଼ି	୮୧
୨୨୧-	ଗୁଡ଼ି	୮୨
୨୨୨-	ଗୁଡ଼ି	୮୨
୨୨୩-	ଗୁଡ଼ି ଉଡୁଛି ସାଇଁ ସାଇଁ	୮୩
୨୨୪-	ରଙ୍ଗଦୋଳି	୮୩
୨୨୫-	ଖେଳିବା ଦୋଳି	୮୩
୨୨୬-	ଦୋଳି	୮୪
୨୨୭-	ନଟୁ	୮୪
୨୨୮-	ଆସରେ ଆସ ଗାଇବା ଗୀତ	୮୫
୨୨୯-	ଆସ ଆମେ ଖେଳିବା	୮୫
୨୩୦-	ନେଲିବାଜାଟି ଦେଲୋବୋଉ	୮୬
୨୩୧-	କ୍ରିକେଟ୍	୮୬
୨୩୨-	ଆମ ମାମୁନି	୮୬
୨୩୩-	ଜାଗଜ ନେଲି	୮୭
୨୩୪-	ମାଟି ମେଆଏ ନେଉ	୮୭
୨୩୫-	ବେଲୁନ୍	୮୮
୨୩୬-	ବାଲି	୮୮
୨୩୭-	ବେବି କରିବ ନାଚ	୮୮
୨୩୮-	ଚାଲ୍ ମୋ ଘୋଡ଼ା	୮୯
୨୩୯-	ଖେଳିବା ଖେଳ	୮୯
୨୪୦-	ଜୁନା ପଚାରିଲା ଜେଜ	୯୦
୨୪୧-	ଆ ମୁନା	୯୦

୨୪୨- ଧନ ମୋର ଖେଳିବ ୯୦
୨୪୩- ପୁଷି ରାନ୍ଧିବ ଭାତ ୯୧
୨୪୪- ଦୁମୁ ଦୁମୁକା ୯୧
୨୪୫- ଲୁନା ଏଇଠି ଲୁଚିଛି ୯୨
୨୪୬- ଧଂ ଧିତାଂ ଧିତାଂ ତାଇ୍ ୯୨

(ଘ) ଖାଦ୍ୟ ସମ୍ବନ୍ଧୀୟ : (୯୨-୧୦୧)

୨୪୭- ପଖାଳ ୯୨
୨୪୮- ଖାଦ୍ୟ ୯୩
୨୪୯- ଚୁସି ହୋଇବ ଖୁସି ୯୩
୨୫୦- ଗରମ ଗରମ ବାଦାମ ମୁଢ଼ି ୯୩
୨୫୧- ଗଜାମୁଗ ଆଉ ଜାକୁଡ଼ି କଖି ୯୪
୨୫୨- ପକୁଡ଼ି ଆଉ ଜାକୁଡ଼ି ୯୪
୨୫୩- ଷଢ଼େଇରେ ଭାତ ତିଅଣ କେତେ ୯୫
୨୫୪- ଅଣ୍ଡା ଓ କ୍ଷୀର ୯୫
୨୫୫- ବାଦାମ ଭଜା ୯୫
୨୫୬- ଚଣା ମୁଠିଏ ଦେ ୯୬
୨୫୭- ଭଜା ୯୬
୨୫୮- ମୁଢ଼ି ଓ ବରା ୯୬
୨୫୯- ତରକାରୀ ୯୭
୨୬୦- ଭୋଜି ୯୭
୨୬୧- ଶାଗ ୯୭
୨୬୨- ଆଳୁଦମ୍ ୯୮
୨୬୩- ଦହି ୯୯
୨୬୪- ପଖାଳ ଭାତ ୯୯
୨୬୫- ମୁଢ଼ି ନଡ଼ିଆ ୯୯
୨୬୬- ଭୋଜି ୧୦୦
୨୬୭- କ'ଣ ଲାଗେ କେମିତି ୧୦୦
୨୬୮- ଗରମ ଗମର ମୁଢ଼ି ୧୦୦
୨୬୯- ଏଇଠି ଆସି ବସ ୧୦୧

(ଙ) ଘର ଜିନିଷପତ୍ର ସମ୍ବନ୍ଧୀୟ : (୧୦୧-୧୦୫

୨୭୦- ଆଇନା ୧୦୧
୨୭୧- ସବୁ ଆମର ଲୋଡ଼ା ୧୦୨
୨୭୨- ମହମବତୀ ୧୦୨
୨୭୩- ଦିଆସିଲି ଗୋଟି କାଇଁ ୧୦୨
୨୭୪- ଆଇନା ୧୦୩
୨୭୫- ମହମବତୀ ୧୦୩
୨୭୬- ପହଁରା ନେଲି ୧୦୪
୨୭୭- ଆମ ବାସନ ୧୦୪
୨୭୮- କେଉଁଥିରେ କ'ଣ କରିବା ୧୦୪
୨୭୯- ଆମ ଘରେ ଥିବା ବିଭୁଜିଚ୍ଜ ୧୦୫
୨୮୦- ଘଡ଼ି କରେ ଟିକ୍ ଟିକ୍ ୧୦୫

(ଚ) ଶିଶୁ ସମ୍ବନ୍ଧୀୟ : (୧୦୬-୧୨୩)

୨୮୧- ଧନମାଳୀ ୧୦୬
୨୮୨- ଛେଳିଛୁଆ ୧୦୬
୨୮୩- ରାମ ୧୦୬
୨୮୪- କୁନି ଆମର କଥା ଜହୁଡ଼ି ୧୦୭
୨୮୫- ବାବୁଲା ହେଲା ଖୁସି ୧୦୭
୨୮୬- କୁନି ଝିଅଟି ଶୋଉନି କିଆଁ ୧୦୭
୨୮୭- ପିକ୍‌କିନା ଦେଲା ହସି ୧୦୮
୨୮୮- ସୋନୁ ଆମ ସୁନାପିଲା ୧୦୮
୨୮୯- ମୁନା ଗୋଟେ ସୁନାପିଲା ୧୦୯
୨୯୦- ଆମରି ବୁଲି ୧୦୯
୨୯୧- ସୁନା ଝିଅ ପିପି ୧୦୯
୨୯୨- ଉଅଁଳପତର ଛନଛନିଆ ୧୧୦
୨୯୩- ଜିନିମୁଜି ଶୋଇଯା ୧୧୦
୨୯୪- ତୁ କି ଶୋଉବୁ ନାହିଁ ୧୧୧
୨୯୫- ନିଦ ମାଉସୀ ୧୧୧
୨୯୬- ସୁରୁଜ ହସେ ଜହ୍ନ ହସେ ୧୧୨
୨୯୭- ମୁଁ ତ ସାହସୀ ପିଲା ୧୧୨
୨୯୮- ମୁଁ ଯେବେ ବଡ଼ ହେବି ୧୧୨

୨୯୯-	ଉଠୁନୁ କୁନା	୧୧୩
୩୦୦-	ଛଟି କହିଲା ଟାଟା	୧୧୩
୩୦୧-	କୁନି ଓ ମୁନି	୧୧୪
୩୦୨-	କୁନିମୁନି	୧୧୪
୩୦୩-	ମୂଷି ତୋହର ଦାନ୍ତକୁଦେ	୧୧୪
୩୦୪-	କେମିତି ଖାଇବି ?	୧୧୫
୩୦୫-	ଦୁଇ ଭାଇଙ୍କ ରୋଷେଇ	୧୧୫
୩୦୬-	ସରକି ଫର ନାହିଁ	୧୧୬
୩୦୭-	କୁନୁ ଜିଦ୍ଧି ଖାଇନାହିଁ	୧୧୬
୩୦୮-	ରୋଷେଇ ଘରେ ବହୁତ କାମ	୧୧୬
୩୦୯-	ରୂପା କରେ ରୋଷେଇ	୧୧୭
୩୧୦-	କହିବ ଗୋଟିଏ କଥା	୧୧୭
୩୧୧-	ଲଙ୍କିରେ ଲଙ୍କି	୧୧୮
୩୧୨-	ଶିବେଶ ହେବବାକୁ	୧୧୮
୩୧୩-	ମୁନୁର ଜନମଦିନ	୧୧୯
୩୧୪-	ମାଧୋଇ	୧୨୦
୩୧୫-	କଳିଆ ଖାଇବ କଅଣ	୧୨୦
୩୧୬-	ପୁନା ଚଢ଼େଇପର	୧୨୦
୩୧୭-	ଜିନି ଓ ମିନି	୧୨୧
୩୧୮-	ପାଚିଲା ପାଚିଲା କେନ୍ଦୁ ଖାଇବା	୧୨୧
୩୧୯-	କୁନିଝିଅ ହୁଏ ମାଇସ୍	୧୨୧
୩୨୦-	କରିବି ଛବି କେତେ	୧୨୨
୩୨୧-	ହୋଇବି ମୁହିଁ ବୀର	୧୨୨
୩୨୨-	ଜନମଦିନ	୧୨୩
୩୨୩-	ମାଆକୁ ଜର	୧୨୩

(ଛ) ପଶୁ ପକ୍ଷୀଜଗତ ସମ୍ବନ୍ଧୀୟ : (୧୨୩-୧୬୧)

୩୨୪-	ବାଇ ଚଢ଼େଇ	୧୨୩
୩୨୫-	ଟିକି ଚଢ଼େଇ	୧୨୪
୩୨୬-	ବାଇ ଚଢ଼େଇ	୧୨୪
୩୨୭-	ଘୁମ୍ ଘୁମ୍ ପାରା	୧୨୫
୩୨୮-	ଟିକି ଚଢ଼େଇ	୧୨୫

୩୨୯-	ବାଇ ଚଢ଼େଇ ବାଇଚଢ଼େଇ	୧୨୫
୩୩୦-	ଟିଙ୍କି ଶୁଆଟି ଜେଉଁଠି ଶୁଏ	୧୨୬
୩୩୧-	ମୟୂର ଭାଇ	୧୨୬
୩୩୨-	ଜାଉ	୧୨୬
୩୩୩-	ମାଛରଙ୍କୀ	୧୨୭
୩୩୪-	ଜହ୍ନପାତି	୧୨୭
୩୩୫-	ଜାଉଲି	୧୨୮
୩୩୬	ଜେଇଁ ଚଢ଼େଇ ଜେମିତି	୧୨୮
୩୩୭	ଚଣି ଚଢ଼େଇ	୧୨୯
୩୩୮-	ପାରା	୧୨୯
୩୩୯-	ଚତକଚୁଆର ପହଁରା ଶିଖା	୧୩୦
୩୪୦-	ପଞ୍ଚରୀ ଭିତରେ ଟିବ୍ବି ଚଢ଼େଇ	୧୩୦
୩୪୧-	ଜାଉ ଭଲାଣି ଜା'	୧୩୦
୩୪୨-	ଚଢ଼େଇ ଯଦି ହୋଇଥାଆନ୍ତି	୧୩୧
୩୪୩-	ଚଢ଼େଇ କଥା	୧୩୧
୩୪୪-	ନେଳି ଚଢ଼େଇ	୧୩୨
୩୪୫-	ଜାଉର ଜାମା	୧୩୨
୩୪୬-	ଦେଖରେ ପିଲେ ନାଚ	୧୩୩
୩୪୭-	ଚଢ଼େଇ ଘର	୧୩୩
୩୪୮-	ଆ'ରେ ବଗ	୧୩୪
୩୪୯-	ମାଛର ମିତ ବଗ	୧୩୪
୩୫୦-	କାଣ୍ଡିଆ ବଗ	୧୩୫
୩୫୧-	ଶଙ୍ଖିଚିଲି ଭାଇ	୧୩୫
୩୫୨-	ଭାଇ ଆସିଥିଲେ ଚଢ଼େଇ	୧୩୫
୩୫୩-	ମୁଁ ଟିବ୍ବି ପରଜାପତି	୧୩୬
୩୫୪-	ଉଡ଼ି ଉଡ଼ିଗଲା ପରଜାପତି	୧୩୬
୩୫୫-	ପରଜାପତି	୧୩୭
୩୫୬-	ଜୁଲୁଜୁଲିଆ	୧୩୭
୩୫୭-	ମହୁମାଛି	୧୩୭
୩୫୮-	ମହୁ	୧୩୮
୩୫୯-	ସାଧବବୋହୂ	୧୩୮
୩୬୦-	ପଅଁବାଳୁଆ	୧୩୮

୩୬୧-	ନହେବ ଯେବେ ଚୁପ୍	୧୩୯
୩୬୨-	ଝିଣ୍ଟିକା ଦୁଇଟି ବସିଲେ ମିତ	୧୩୯
୩୬୩-	ଠେକୁଆ ଭାଇ	୧୪୦
୩୬୪-	ଠେକୁଆ ଛୁଆ	୧୪୦
୩୬୫-	ଗୁଣ୍ଡୁଚି ଛୁଆ	୧୪୦
୩୬୬-	ଚୁଟିଆ ମୂଷା	୧୪୧
୩୬୭-	ଚୁଟିଆ ମୂଷା	୧୪୧
୩୬୮-	ଝିଟିପିଟି	୧୪୨
୩୬୯-	ପାକଲା ଏଣ୍ଡୁଅ	୧୪୨
୩୭୦-	ବେଜୁଲୀ	୧୪୨
୩୭୧-	କଇଁଛ	୧୪୩
୩୭୨-	ନେଉଳଭାଇ	୧୪୩
୩୭୩-	ରାଉଳ ଘର ଚାଉଳ	୧୪୩
୩୭୪-	ମଶା ଆଉ ମଶାରି	୧୪୪
୩୭୫-	ନାଲୁଆ	୧୪୪
୩୭୬-	ପୁଷି ମାଇସୀ	୧୪୫
୩୭୭-	ଆମ ଶଙ୍ଖୀବିଲେଇ	୧୪୫
୩୭୮-	ପୁଷି ଓ ପିଜୁଳି ଜଷି	୧୪୫
୩୭୯-	ଚମ ଧୁତୁଧୁତୁ ଶଙ୍ଖୀ ବିଲେଇ	୧୪୬
୩୮୦-	ଆମ ପୁଷି ବିଲେଇ	୧୪୬
୩୮୧-	ବିଲେଇ ଛୁଆ	୧୪୬
୩୮୨-	ମାଆ ବିଲେଇଙ୍କି ଜ୍ୱର	୧୪୭
୩୮୩-	କୁକୁଡ଼ା ଚିଆଁ	୧୪୭
୩୮୪-	ନେତ ଆମ ଘାଇ	୧୪୮
୩୮୫-	ବାଛୁରୀ ଛୁଆ	୧୪୮
୩୮୬-	ପୁଷିକୁ ଭୋକ	୧୪୮
୩୮୭-	ବିଲେଇ ଛୁଆ	୧୪୯
୩୮୮-	ପୁଷି ଓ ବଡିଆ	୧୪୯
୩୮୯-	ବଉଳା ଘାଉ	୧୫୦
୩୯୦-	କୁନି ବାଛୁରୀ	୧୫୦
୩୯୧-	ଶୋଇଚି ବାଛୁରୀ ମୁହଁ ଶୁଖାଇ	୧୫୧
୩୯୨-	ଘାସ ଖାଆରେ ପାଟ	୧୫୧

୩୯୩-	ଜାଲିଆ ବନ୍ଦର ଗଲାରେ	୧୫୨
୩୯୪-	କୁକୁଡ଼ା ଚିଆଁ	୧୫୨
୩୯୫-	ମାଣିଜ	୧୫୨
୩୯୬-	ମୋ ହମାନୁ ଜର ହୋଇଛି	୧୫୩
୩୯୭-	ହଜେ ଦାମୁଡ଼ି	୧୫୩
୩୯୮-	ମଇଁଷିଆଳେ ମଇଁଷିଆଳ	୧୫୪
୩୯୯-	ମାଣିଜ ଅପା	୧୫୪
୪୦୦-	ଜମାଟିଏ ଦେବ	୧୫୪
୪୦୧-	ପରଜାପତି	୧୫୫
୪୦୨-	ପାଟିମାଙ୍କଡ଼	୧୫୫
୪୦୩-	ଶବ୍ଦ	୧୫୬
୪୦୪-	ହୁଜେ ହୋ' ହୁଜେ ହୋ'	୧୫୬
୪୦୫-	କେମିତି ଜିଏ ଡାକେ	୧୫୬
୪୦୬-	ଜାନ	୧୫୭
୪୦୭-	କୁକୁର ଭୁଜେ	୧୫୭
୪୦୮-	ଚଢ଼ା ଚଢ଼ା ଉଉଁରୀ	୧୫୭
୪୦୯-	ଚାରୋଟିଥିଲେ ଘୁଷୁରୀ ବୁଆ	୧୫୮
୪୧୦-	ହାତୀ	୧୫୮
୪୧୧-	ଗୁଣ୍ଡୁଣୀ ହାତୀ	୧୫୯
୪୧୨-	ଥିଲା ଗୋଟେ ଟିକି ଭାଲୁ	୧୫୯
୪୧୩-	ବାଘ ମାମୁ	୧୫୯
୪୧୪-	ମାଙ୍କଡ଼ ଚିଆଁ	୧୬୦
୪୧୫-	ନନା ତ' ନନା	୧୬୦
୪୧୬-	ହାତୀ ଘୋଡ଼ା	୧୬୧

(ଜ) ଉଭିଦ ଜଗତ ସମ୍ବନ୍ଧୀୟ : (୧୬୧-୧୭୨)

୪୧୬-	ବୁଢ଼ା ବରଗଛ	୧୬୧
୪୧୮-	ଦେବି ମୁହିଁ ଲଗେଇ	୧୬୨
୪୧୯-	ଭାଇ ଦେଇଥିଲେ ମଞ୍ଜିଟିଏ	୧୬୨
୪୨୦-	ଫୁଲ ଫୁଟେଇ ଥା	୧୬୨
୪୨୧-	କେଡ଼େ ସୁନ୍ଦର ପଦୁଅଁ ଫୁଲ	୧୬୩
୪୨୨-	ଫୁଲ	୧୬୩

୪୨୩-	ଫୁଲମାନେ କଥାହେଲେ	୧୬୩
୪୨୪-	ନାଲି ଟହଟହ ଡାଳିମ୍ବ ଫୁଲ	୧୬୪
୪୨୫-	ଫୁଲ	୧୬୪
୪୨୬-	ଫୁଲମାଳ	୧୬୪
୪୨୭-	ବରକୋଳିରୁ ଡାଲାଏ	୧୬୫
୪୨୮-	ଡାଳ	୧୬୫
୪୨୯-	ବେଲ ଖସିଲା	୧୬୬
୪୩୦-	ନଡ଼ିଆ	୧୬୬
୪୩୧-	ଉଃ ଆଃ	୧୬୬
୪୩୨-	ପାଚିଲା ଜାମୁ	୧୬୭
୪୩୩-	ଓଉ	୧୬୭
୪୩୪-	ଖଟା କଇଁଆ	୧୬୭
୪୩୫-	କାକୁଡ଼ି କଖି	୧୬୮
୪୩୬-	କୋଳି	୧୬୮
୪୩୭-	କୁନାର କୋଳି ଖିଆ	୧୬୯
୪୩୮-	ଭୋଜି ମଉଜ ନୋହିଲା	୧୬୯
୪୩୯-	ଗଛ	୧୭୦
୪୪୦-	କି ସୁନ୍ଦର ବରଗଛ	୧୭୦
୪୪୧-	ବାପା ଆଣିଦେଲେ ଚାରାଟିଏ	୧୭୧
୪୪୨-	କଖାରୁ ମଞ୍ଜି	୧୭୧
୪୪୩-	ପତର କାନ୍ଦୁଛି ଦେଖ	୧୭୨
୪୪୪-	ଗଛରେ ଗଛ	୧୭୨

(୫) ପର୍ବପର୍ବାଣି ସମ୍ବନ୍ଧୀୟ : (୧୭୩-୧୭୭)

୪୪୫-	ଚୁନିଆ ନାଚ୍	୧୭୩
୪୪୬-	କୁନିର ନାଚ୍	୧୭୩
୪୪୭-	ଧୁଷୁରୁ ଧୂମା	୧୭୩
୪୪୮-	ସୋନିର ନାଚ୍	୧୭୪
୪୪୯-	ଝୁମୁଝୁମୁ ପାଉଁଜ	୧୭୪
୪୫୦-	ଆଜି ବଡ଼ ମଉଜ	୧୭୪
୪୫୧-	ଆସିଛି ବଡ଼ ଦିନ	୧୭୫
୪୫୨-	କୁନି ଝିଅର ନାଁ ଦିଆ	୧୭୫

୪୫୩-	କେନ୍ଦରା	୧୭୫
୪୫୪-	ବାଇଦ ବାଜେ, ଝାଞ୍ଜ ବାଜେ	୧୭୬
୪୫୫-	ହାତୀ ଦେ ଘୋଡ଼ା ଦେ	୧୭୬
୪୫୬-	ତୂରୀ ନେଲି ମହୁରୀ ନେଲି	୧୭୬
୪୫୭-	ପାପୁଆ ନାଚୁଛି	୧୭୭
୪୫୮-	ମିତରେ ଗୀତ ଗାଇଯା	୧୭୭

(ଞ) ସୂର୍ଯ୍ୟ, ଚନ୍ଦ୍ର, ତାରା, ଦିନରାତି ସମ୍ବନ୍ଧୀୟ (୧୭୭-୧୮୫

୪୫୯-	ସୂର୍ଯ୍ୟ	୧୭୭
୪୬୦-	ସକାଳ ଖରା	୧୭୮
୪୬୧-	ଟାଣୁଆଖରା	୧୭୮
୪୬୨-	ଜହ୍ନେଇ ହେବ ଖୁସି	୧୭୮
୪୬୩-	ଖେଳିବା ଖେଳ	୧୭୯
୪୬୪-	ରାତି ପାହିଲା	୧୭୯
୪୬୫-	ରାତି ଦେଖ ପାହିଲା	୧୮୦
୪୬୬-	ରାତି ଆସିଲା	୧୮୦
୪୬୭-	ଦିଅବତୀ ଜଳାଇ	୧୮୧
୪୬୮-	ଦିନରାତି ଯେବେ ଏକାଠି ହେବେ	୧୮୧
୪୬୯-	ଝୁନିତାରା	୧୮୧
୪୭୦-	ଜହ୍ନ ଖେଳିବ ଆସି	୧୮୨
୪୭୧-	ଆରେ ଜହ୍ନ	୧୮୨
୪୭୨-	ଜହ୍ନମାମୁ	୧୮୩
୪୭୩-	ଆ' ଆ' ଜହ୍ନମାମୁ	୧୮୩
୪୭୪-	ଜହ୍ନ	୧୮୩
୪୭୫-	ଜହ୍ନ ଓ ସୂର୍ଯ୍ୟ	୧୮୪
୪୭୬-	ଜହ୍ନ ଧରିବାକୁ ମନ	୧୮୪
୪୭୭-	ଜହ୍ନମାମୁ	୧୮୪
୪୭୮-	ପୂରୁଯ ଉଠେ	୧୮୫

(ଟ) ପରିବହନ ସମ୍ବନ୍ଧୀୟ : (୧୮୫-୧୮୯)

୪୭୯-	ଛାଡ଼ଘାଟ	୧୮୫
୪୮୦-	ଶଗଡ଼	୧୮୬

୪୮୧-	ପଟପଟି	୧୮୬
୪୮୨-	କଳକଳଙ୍କ	୧୮୬
୪୮୩-	ଗାଡ଼ି	୧୮୭
୪୮୪-	ରେଳଗାଡ଼ି	୧୮୭
୪୮୫-	ଗାଡ଼ିଖେଳ	୧୮୮
୪୮୬-	ଉଡ଼ାଜାହାଜ	୧୮୮
୪୮୭-	ହେଲିକପ୍ଟର	୧୮୮
୪୮୮-	ଆକାଶ ଛତା	୧୮୯

(ଠ) ପେଷା ଓ ବୃତ୍ତି ସମ୍ବନ୍ଧୀୟ : (୧୮୯-୧୯୩

୪୮୯-	ଡ୍ରାଇଭର	୧୮୯
୪୯୦-	ବସ କଣ୍ଡକ୍ଟର ମୁଁ	୧୯୦
୪୯୧-	ଆମ ସାର୍	୧୯୦
୪୯୨-	ଡାକର୍	୧୯୦
୪୯୩-	ଡାକର୍	୧୯୧
୪୯୪-	ମେଜିକ୍ ବାକ୍ସ	୧୯୧
୪୯୫-	ବେଲୁନ୍ ସବୁ ହୁଅନ୍ତା ଯେବେ	୧୯୧
୪୯୬-	ହଳଧରି ଚାଲେ ଚାଷୀ	୧୯୨
୪୯୭-	ମଇଷିଆଳ	୧୯୨
୪୯୮-	ଡ଼ାକ୍ତର ହେବି	୧୯୨
୪୯୯-	ପଢ଼ିଗଲି ଦିନେ ଖଣ୍ଡିଆହୋଇ	୧୯୩
୫୦୦-	କୁମ୍ଭାର ଭାଇ	୧୯୩
୫୦୧-	କମାରଶାଳ	୧୯୩

(ଡ) ରଙ୍ଗ ଆକାର ସମ୍ବନ୍ଧୀୟ : (୧୯୪-୧୯୬)

୫୦୨-	ରଂଗ	୧୯୪
୫୦୩-	କିଏ କେମିତି କଲା	୧୯୪
୫୦୪-	ନାଲି	୧୯୪
୫୦୫-	ଧଳା	୧୯୫
୫୦୬-	ଗୋଲ	୧୯୫
୫୦୭-	ଟିକି ଟିକି ପତର	୧୯୫
୫୦୮-	କିଏ ସେ ଉଚ୍ଚା	୧୯୬

(ଢ) ଋତୁ ପବନ ଆଦି ସମ୍ବନ୍ଧୀୟ : (୧୯୬-୨୦୪)

୫୦୯- ପବନ ୧୯୬
୫୧୦- କଳାଧଳା ମେଘ ୧୯୭
୫୧୧- କାଳର ବିନ୍ଦୁ ୧୯୭
୫୧୨- ଆରେ ମେଘ ଆ ୧୯୮
୫୧୩- ବରଷାପଡ଼େ ଝରି ୧୯୮
୫୧୪- କିଏ ସେ ହେଉଛି ଖୁପୁରୁ ଖୁପୁ ୧୯୯
୫୧୫- ବରଷା ଗୀତ ୧୯୯
୫୧୬- ବରଷା ୧୯୯
୫୧୭- ଚକାଉଛଁରୀ ୨୦୦
୫୧୮- ଇନ୍ଦ୍ରଧନୁ ୨୦୦
୫୧୯- ବରଷା ପାଗ ୨୦୧
୫୨୦- ମୁଡ଼ି ନଡ଼ିଆ ୨୦୧
୫୨୧- କୁଆ ପଥର ୨୦୧
୫୨୨- ପାଣି ଫୋଟକା ୨୦୨
୫୨୩- ପାଣି ୨୦୨
୫୨୪- ଆମରି ଟିକି ଗଡ଼ିଆ ୨୦୨
୫୨୫- ଏଇ ଆମର ନଈ ୨୦୨
୫୨୬- ଶୀତ ମାଉସୀ ଅଇଲା ୨୦୩
୫୨୭- ଶୋଇବା ଘୋଡ଼ିଘାଡ଼ି ୨୦୩
୫୨୮- ଆସିଲା ଶୀତ ୨୦୪
୫୨୯- ଶୀତ ୨୦୪
୫୩୦- ଟାଇଁ ଟାଇଁ ଝାଇଁ ପବନ ୨୦୪

(ଣ) ବିବିଧ ବିଷୟବସ୍ତୁ : (୨୦୫-୨୧୨)

୫୩୧- ତାରା ହସେ ୨୦୫
୫୩୨- ଚିନି ମିତ ୨୦୫
୫୩୩- କୋଉ ଦିନ ମୁଁ ବଡ଼ ହୋଇବି ୨୦୬
୫୩୪- କିଏ ଖାଏ କେମିତି ୨୦୬
୫୩୫- ଅଢ଼ିଆ ୨୦୬
୫୩୬- କୁକୁଡ଼ା ଛୁଆ କୁଆଡ଼େ ଗଲା ୨୦୭

୫୩୭-	ହାଟ	୨୦୭
୫୩୮-	ଗଉରର ପାଠପଢ଼ା	୨୦୭
୫୩୯-	ଜଣକ ପରେ ଜଣେ	୨୦୭
୫୪୦-	ମୋର ଚିଠି କାହିଁ	୨୦୮
୫୪୧-	ଚିଠି ନିଅ ଚିଠି	୨୦୮
୫୪୨-	ମୋତେ ନେଇଛାଡ଼ି ଦେ	୨୦୯
୫୪୩-	ଭାଠ ଜଖେଇ	୨୦୯
୫୪୪-	ଛାଇ	୨୦୯
୫୪୫-	ଭୋଜି	୨୧୦
୫୪୬-	ବାଁକୁ ଚାଇ	୨୧୦
୫୪୭-	ଦାମ ଭାଇ	୨୧୧
୫୪୮-	ଚିଲିର ମୁହଁ ଯାଇଛି ଶୁଖି	୨୧୧
୫୪୯-	ଗରମ ହେଲା	୨୧୧
୫୫୦-	କାହିଁ ଗଲା କୋଇଲି ?	୨୧୨



ପ୍ରଥମ ଅଧ୍ୟାୟ

୩+

ପିଲାମାନଙ୍କ ପାଇଁ



(କ) ଜ୍ଞାତି କୁଟୁମ୍ବ ସମ୍ବନ୍ଧୀୟ :

ମା

ମା' ପରି କିଏ ହେବ
ଯାହା ମୁଁ ଖାଇବି
ଯାହା ମୁଁ ଚାହିଁବି
ତା'ପରି କିଏ ଦେବ ?

ମାଆଲୋ ମାଆ

ମାଆଲୋ ମାଆ ମାଆଲୋ ମାଆ
ମୋଓରି ମାଆ
ସକାଳୁ ଉଠିଲେ ତୋ'ମୁହଁ ଦେଖେ
ରାତିରେ ଶୋଇଲେ ତୋତେ ମୁଁ ଡାକେ
ମାଆଲୋ ମାଆ
ମୋଓରି ମାଆ ।

ମୋ ମାଆ

ମାଆଲୋ ମୋର
ମାଆଲୋ ମୋର
ଖାଇବାକୁ ଦେଉ ଗୀତ ଶୁଣାଉ
କୋଳରେ ଝୁଲାଇ କରୁ ଆଦର
ମାଆଲୋ ମୋର ।





ଗାଆ ପଦେ ଗୀତ

ପିଇବାକୁ ଦେଉ କ୍ଷୀର,
ଖାଇବାକୁ ଦେଉ ଭାତ,
ବୋଉଲୋ, ଆସିବ ନିଦ ମାଉସୀ
ଗାଇଲେ ତୁ ପଦେ ଗୀତ ।



ମାଆ ଓ ଖୁଡ଼ୀ

ମାଆ କୋଳେ ଥିଲେ ମୁହିଁ
ଖୁଡ଼ୀ ମୋର ଦିଏ ହସି
ଖୁଡ଼ୀ କୋଳେ ଥିଲେ ମୁହିଁ
ମାଆ ମୋର ହୁଏ ଖୁସି ।
ମାଆ ମୋର କରେ ଗେଲ
ଖୁଡ଼ୀ ମୋର କରେ ଗେଲ ।
ମାଆ ମୋର କେତେ ଭଲ,
ଖୁଡ଼ି ମୋର କେତେ ଭଲ ।

ଖୁଡ଼ୀ

ମୋହରି ଖୁଡ଼ୀ
ହାତରେ ଚୁଡ଼ି
ଚଡ଼ ଚଡ଼ କରି
ଭାଙ୍ଗନ୍ତି ମୁଡ଼ି ।



ଜେଠେଇ

ମୋ ଜେଠେଇ
ମୋ ଜେଠେଇ
ଦଦେଇ ହାତରେ
ଦେଲେ ପଠେଇ,
ଏତେ ବଡ଼ ବଡ଼
କୋରା ମିଠେଇ ।

ଅଜା

ଅଜା ମୋର ଅଜା
ପାକୁଆ ପାଟିରେ ହସ କି ମଜା ।
ମୋ ପାଇଁ ଆଣନ୍ତି ବାଦାମ ଭଜା
ଡ଼ାକ ତୁମା ଡ଼ମ ବାଇଦ ବଜା ।

ଅଜା ହୋ ଅଜା

ଅଜା ହୋ ଅଜା
ପାକୁଆ ପାଟିରେ ଚାଉଳ ଭଜା
ଲାଗଇ ତୁମକୁ କେମିତି ମଜା ?
ଅଜା ହୋ ଅଜା
ଚିନାବାଦାମକୁ ମଟର ଭଜା
ଲାଗଇ ତୁମକୁ କିମିତି ମଜା !



ବଡ଼ ଭଉଣୀ

ଅପା ମୋର ଭାରି ସୁନ୍ଦର
ନାଲିଆ ଜାମା ପିନ୍ଧଇ,
ମୁଣ୍ଡରେ ତା'ର କିଲିପ୍ ମାରି
ରିବନ୍ ଖଣ୍ଡେ ବାନ୍ଧଇ ।
ସାଙ୍ଗ ଆସିଲେ ପିଣ୍ଡାରେ ବସି
କଣ୍ଢେଇଟିଏ ଗଢ଼ଇ
ବୋଉ ପାଖରେ ରାତିରେ ବସି
ଛବି ବହିଟେ ପଢ଼ଇ ।

ରବିଛବି

ଛବି ରବି ଦୁଇ
ଭଉଣୀ ଭାଇ
ଦିନେ କଳି ନାଇଁ
କଜିଆ ନାଇଁ
ଖେଳୁଥାନ୍ତି ସାଥୀ ମେଳେ,
ପୋଷାକ ପତର
ସଫା ସୁତରା
ହସ ହସ
ସବୁ ବେଳେ ।



ଚ୍‌କା ଚ୍‌କା ଭଉଁରୀ

ଚ୍‌କା ଚ୍‌କା ଭଉଁରୀ
ମାମୁ ଘର ଚ୍‌ଉଁରୀ
ମାମୁ ଦିଅନ୍ତି ମିଠା
ମାଇଁ କରନ୍ତି ପିଠା,
ଆଈ କରନ୍ତି ଭୋଜି
ଅଜା କରନ୍ତି ଗେଲ
ମାମୁ ଘରକୁ ମନ
ଯିବାକୁ ଛନ ଛନ ।

ରାମ ଭାଇ

ରାମ ଭାଇ ରାମ ଭାଇ,
ରାମ ଭାଇ ଆମ
କହିଲେ ଗପ,
ଶୁଣୁ ଆମେ ବସି
ପକାଇ ସପ,
ଭୋକ ଶୋଷ ଭୁଲି ଯାଇ

ମାମୁ ଦେଇଛନ୍ତି ପ୍ୟାଣ୍ଟଟିଏ

ମାମୁ ଦେଇଛନ୍ତି ପ୍ୟାଣ୍ଟଟିଏ
ମାଇଁ ଦେଇଛନ୍ତି ସାର୍ଟ
ଖୁସିରେ ଆଜି ପିନ୍ଧିଛି ମୁହିଁ
ହୋଇଛି ଫିଟ ଫାଟ ।

ପଡ଼ିଶା

କୁନା ଆମ ପଡ଼ିଶା
ମୁନା ଆମ ପଡ଼ିଶା
ଜଣେ ଖାଏ ରୋହି ମାଛ
ଜଣେ ଖାଏ ଗଡ଼ିଶା ।

(ଖ) ଅଙ୍ଗ ପ୍ରତ୍ୟଙ୍ଗ ଓ ବ୍ୟକ୍ତିଗତ ଜିନିଷପତ୍ର ସମ୍ବ

ଦେହ

ହାତ କାମ କରେ, ପାଦ ଚାଲଇ,
ଆଖି ମୋର ଦେଖେ କାନ ଶୁଣଇ
ଭଲ ମନ୍ଦ ବାସ ନାକ ବାରଇ,
ଶୀତଳ ଗରମ ଚମ ଜାଣଇ,
ଖଟା ମିଠା ବାରେ ଜିଭ ମୋହର,
ଏମାନଙ୍କ ପାଇଁ ଦେହଟି ଭଲ

ପାଞ୍ଚ ଆଙ୍ଗୁଠି

ହାତରେ ଆମ ପାଞ୍ଚ ଆଙ୍ଗୁଠି
ନୁହଁଇ ଏକା ପରି
କାମ ବେଳକୁ ତାଙ୍କ ମେଳକୁ
ହେବରେ କିଏ ସରି ?

ଛତା ଯୋତା

ଛତା ଥାଇକି ଯୋତା ଥାଇକି
ଖରା ବରଷାକୁ ଡର ଜାହିଁକି ?

ଗୋଲାପି ଜାମା

ରଙ୍ଗ ତରଙ୍ଗ ଗୋଲାପି ରଙ୍ଗ
ଲାଗଇ ମୋତେ ଭଲ
ଫୁଲୁ ଫୁଲିଆ ଗୋଲାପିଜାମା
ପିନ୍ଧାଇବ ମୋତେ ଚାଲ

ଦେଖ୍ ମୋର ଜାମାକୁ

ଟାକମ୍-ଟାକମ୍-ଟିକମ୍-ଟୁ
ଦେଖ୍ ମୋର ଜାମାକୁ
ଟାକମ୍-ଟାକମ୍-ଟିକମ୍-ଟୁ
ଦେଖ୍ ମୋର ପେଣ୍ଟକୁ.....

(ଏହି ଗୀତ ଜିନିଷ ଲଗାଇ ବୋଲିବେ)

ଟୋପି

ବାପା ଆଣି ଦେଲେ
ଜୋକର ଟୋପି ।
ମାମୁ ଆଣିଦେଲେ
ଗରମ ଟୋପି ।
ଜୋକର ଟୋପିଟି
ମୁଁ ପିନ୍ଧିବି
ଗରମ ଟୋପିଟି
ଚୁନିକି ଦେବି ।

ଛତା ଯୋତା

ତୋ ଛତାଟି ନାଲିଆ
ମୋ ଛତାଟି ନାଲିଆ
କାନ୍ଧରେ ପକାଇ ନାଲିଆ ଛତା
ଘର ଚାରିପଟେ ବୁଲିଆ ।
ତୋ ଯୋତାଟି ନାଲିଆ
ମୋ ଯୋତାଟି ନାଲିଆ
ନାଲିଆ ଯୋତା ଗୋଡ଼ରେ ପିନ୍ଧି
ବାଡ଼ି ଚାରିପଟେ ବୁଲିଆ

ଝୁମୁରୀ

ଝୁମୁରୀ ନାଇଚି ଝୁମୁକୀ ପାଉଁଚି
ଚାଲୁଥାଏ କୁଦିକୁଦି
କାନରେ ନାଇଚି କାନ ଝୁମୁକା
ହାତରେ ପାଞ୍ଚଟା ମୁଦି ।

(ଗ) ଖେଳଣା ଓ ଖେଳ ସମ୍ବନ୍ଧୀୟ :

କଣ୍ଢେଇ ପେଡ଼ିରେ ଘର

ରତନୀ, ସିଏ ପିନ୍ଧିଥାଏ ପାଟପତନୀ
ତା'ର କଣ୍ଢେଇ ପେଡ଼ିରେ ଘର
ଅଳତା ପାଉଁଚି ଗୋଡ଼ରେ ନାଇ
ହସୁ ଥାଏ କର କର ।

କଣ୍ଢେଇ କୁଆଡ଼େ ଗଲା

ଏଇଠି ଥିଲା
କଣ୍ଢେଇଟା ମୋର କୁଆଡେ ଗଲା ?
କଣ୍ଢେଇ ଘରଟା ହୋଇଚି ମେଲା
ଦାଣ୍ଡକୁ ଗଲାନା ବାରିକି ଗଲା ?



ଯାଉଛି ମୋ ଚ୍‌କ ଗଡ଼ି

ଘିଡ଼ି ଘିଡ଼ି ଘିଡ଼ି ଘିଡ଼ି
ଯାଉଛି ମୋ ଚ୍‌କ ଗଡ଼ି
ମୋତେ ଦିଅ ବାଟ ଛାଡ଼ି

ପଇଡ଼ ପାଣି

କାହିଁକି ଲୋ ମା
ଦୁଧ ପିଉନି
ଏଇ ମୋ କଣ୍ଢେଇ ପୁଅ
ହସିଦେଇ ମା' କହିଲେ ତାକୁ
ପଇଡ଼ ପାଣି ଦିଅ ।

ଆସ ଲୁଚକାଳି ଖେଳିବା

ଆସ ଲୁଚକାଳି ଖେଳିବା
ଖେଳି ସାରି ତାଳି ମାରିବା
ହାତ ଗୋଡ଼ ଆମ ଧୂଆଇ
ମାଆ ଦେବେ ପିଠା ଖୁଆଇ

କାଠଘୋଡ଼ା

ମୋ' କାଠଘୋଡ଼ା ପିଇରେ ପାଣି
ଦାନା ଦେଉଅଛି ଖା',
ପିଠିରେ ତୋର ବସାଇ ମୋତେ
ମାମୁ ଘର ନେଇ ଯା' ।

କଣ୍ଢେଇ

କାଠ କଣ୍ଢେଇରେ କାଠ କଣ୍ଢେଇ
ଧୂଳିରେ କାହିଁକି ଗଡୁଚୁ ତୁଇ
ଆ ମୁହଁ ହାତ ଧୋଇବା —
ମା' ବାଢ଼ିଦେବେ ଭାତ ତିଅଣ
ଏକାଠି ବସି ଖାଇବା ।

ଆଗ୍‌ଡୁମ୍ ମାଗ୍‌ଡୁମ୍

ଆଗ୍‌ଡୁମ୍ ମାଗ୍‌ଡୁମ୍ ଟା-ଟା-ଟି
ନାଲି ମୋର ଛତାଟି
ଆଗ୍‌ଡୁମ୍ ମାଗ୍‌ଡୁମ୍ ଟା-ଟା-ଟି
ନାଲି ମୋର ଯୌତାଟି

କାଗଜ ଡଙ୍ଗା

ମେଘତୁ ବରଷ ଟପର ଟପର
ଦାଣ୍ଡରେ ଚାଲିବ ପାଣି,
କାଗଜ ଡଙ୍ଗାରେ କଣ୍ଢେଇଟି ମୋର
କେରାଣ୍ଡି ଆଣିବ ଛାଣି ।

କାଠ କଣ୍ଢେଇ

କଅଣ କରିବି କହଲୋ ବୋଉ
ମାଛ ତରକାରୀ ଆଣିବି କାହିଁ
ରୁଷି ବସିଚି ମୋ କାଠ କଣ୍ଢେଇ
ଆଇଁଷ ନହେଲେ ଖାଇବ ନାହିଁ ।

ଉଡ଼ାଇ ଦେଲିଗୁଡ଼ି

ଉଡ଼ାଇ ଦେଲି ଗୁଡ଼ି
ଆକାଶ ଛୁଇଁ
ଉଡ଼ିଲା ଯେବେ
ହସିଲି ଗଡ଼ି ଗଡ଼ି ।





ଗାଡ଼ିତ ଗାଡ଼ି

ଦିଆସିଲି କାଠି ଧାଡ଼ିଟିଏ
ବାବି ସଜାଇଛି ଗାଡ଼ିଟିଏ
ଗାଡ଼ି ତ ଗାଡ଼ି ସେ ରେଳଗାଡ଼ି
ଛୁକ୍ ଛୁକ୍ ଚାଲେ ଧୂଆଁ ଛାଡ଼ି ।

ଯାଉଛି ରେଳ ଗାଡ଼ି

ରୋଷେଇ ଘରୁ
ଡବା ଆଣିକି
ସଜେଇ ଧାଡ଼ି ଧାଡ଼ି,
ରୁନୁ କହଇ
ଦେଖରେ ଦେଖ
ଯାଉଛି ରେଳ ଗାଡ଼ି ।



ରୁନୁର କଣ୍ଢେଇ

ଟୁପୁର୍ ଟୁପା ଟୁପୁର୍ ଟୁପା
ଝପାକୁ ଝପା ବରଷା ପାଣି,
ଆମରି ରାନୁ କୁଆଡ଼େ ଯିବ
ଖେଳିବ ବସି କଣ୍ଢେଇ ଆଣି ।
କୁକୁର ଛୁଆ କଣ୍ଢେଇ ତାର
କଣ୍ଢେଇ ହାତୀ, ନାଲିଆ ଯୋଡ଼ା,
ଠେକୁଆ ଛୁଆ ପାପୁଲା ଭୁଆ
ଘୁମୁରା ପାରା ଯୋଡ଼ାକି ଯୋଡ଼ା









ଗାଡ଼ିତ ଗାଡ଼ି

ଦିଆସିଲି କାଠି ଧାଡ଼ିଟିଏ
ବାବି ସଜାଇଛି ଗାଡ଼ିଟିଏ
ଗାଡ଼ି ତ ଗାଡ଼ି ସେ ରେଳଗାଡ଼ି
ଛୁକ୍ ଛୁକ୍ ଚାଲେ ଧୂଆଁ ଛାଡ଼ି ।

ଯାଉଛି ରେଳ ଗାଡ଼ି

ରୋଷେଇ ଘରୁ
ଡବା ଆଣିକି
ସଜେଇ ଧାଡ଼ି ଧାଡ଼ି,
ରୁନୁ କହଇ
ଦେଖରେ ଦେଖ
ଯାଉଛି ରେଳ ଗାଡ଼ି ।

ରୁନୁର କଣ୍ଢେଇ

ଟୁପୁର୍ ଟୁପା ଟୁପୁର୍ ଟୁପା
ଝପାକୁ ଝପା ବରଷା ପାଣି,
ଆମରି ରାନୁ କୁଆଡ଼େ ଯିବ
ଖେଳିବ ବସି କଣ୍ଢେର ଆଣି ।



କୁକୁର ଛୁଆ କଣ୍ଢେଇ ତାର
କଣ୍ଢେଇ ହାତୀ, ନାଲିଆ ଯୋଡ଼ା,
ଠେକୁଆ ଛୁଆ ପାପୁଲା ଭୁଆ
ଘୁମୁରା ପାରା ଯୋଡ଼ାକୁ ଯୋଡ଼ା



ମୋ ହାତୀ

ମୋ ହାତୀ ଝୁଲିଲାରେ
ମୋ ହାତୀ ଝୁଲିଲାରେ
ଝୁଲି ଝୁଲି ହାତୀ ଚାଲିଲାରେ
ଟିକି କଣ୍ଢେଇକି ପିଠିରେ ବସେଇ
ଆମ ଘରଯାକ ଝୁଲିଲାରେ ।

ବେଙ୍ଗୁଲୀ ମାଉସୀ ଆସିଲା ଦେଖ.

ବେଙ୍ଗୁଲୀ ମାଉସୀ ଆସିଲା ଦେଖ
କିମିତି ଡେଉଁଚି ଫକ୍ ଫକ୍
କିମିତି ଡେଉଁଚି ଫକ୍ ଫକ୍
କିମିତି ଡେଉଁଚି ଫକ୍ ଫକ୍
କିମିତି ଡେଉଁଚି ଫକ୍ ଫକ୍ ।

ଠେକୁଆ ଭାଇରେ ଭାଇ ଠେକୁଆ

ଠେକୁଆ ଭାଇରେ ଭାଇ ଠେକୁଆ
ଆମ ଦୁଇଟିକୁ କରିବୁ ଠିଆ
ଖପୁର୍ ଖପୁର୍ ମାରୁବୁ ଡ଼ିଆଁ
ଖପୁର୍ ଖପୁର୍ ମାରୁବୁ ଡ଼ିଆଁ
ଖପୁର୍ ଖପୁର୍ ମାରୁବୁ ଡ଼ିଆଁ
ଖପୁର୍ ଖପୁର୍ ମାରୁବୁ ଡ଼ିଆଁ ।

ଆସ କରିବା ନାଚ୍

ଇଟିକିଲି ମିଟିକିଲି ଫୁଟିଗଲା କାଉଁଚ୍
ତୁମର ଆମର ନାଇ ପଉଁଚ୍ ।
ହାତକୁ ହାତ ଧରିବା ଆମେ,
ଆସ କରିବା ନାଚ୍ ।

ପାଇଜଲଟି ତିନି ଚଢ଼ିଆ

ପାଇଜଲଟି ତିନି ଚଢ଼ିଆ
ଉପରେ ବସିଛି କୁନ୍ ମୁନିଆ
ପାଇଜଲ ଗଲା ଗଡ଼ି
ମୋ ଭାଇ ପାଟିରୁ
ହସର ଝରଣା
ସତେ ଅବା ଗଲା ଝରି ।

ବାଲିଘର ମୋର କେଡ଼େ ସୁନ୍ଦର

ବାଲିଘର ମୋର କେଡ଼େ ସୁନ୍ଦର
ରଖିଛି ତାହାକୁ ସଜା ସୁତର,
ଏ ପାଖେ କରିଛି ରୋଷେଇ ଘର
ସେ ପାଖେ କରିଛି ଜଳଖିଆ ଘର ।



ବାଲିଘର ମୋର କେଡ଼େ ସୁନ୍ଦର

ବାଲି ଘର ମୋର କେଡ଼େ ସୁନ୍ଦର
ଉଟ୍‌ନ୍ତି ତାହାକୁ ସଫା ସୁତର,
ଏ ପାଖେ କରିଛି ରୋଷେଇ ଘର
ସେପାଖେ କରିଛି ଜଳଖିଆ ଘର



ଚ଼କା ଭଉଁରୀ

ଛାତରେ ଝୁଲି କଚ ପଙ୍ଖାଟି
ଖେଳୁଛି ଚ଼କା ଭଉଁରୀ
ଖେଳେ ସେମିତି ଚ଼କା ଭଉଁରୀ
ଆମରି ଝିଅ ଗଉରୀ ।

କୁନା ଯାଉଥିଲା ଦାଣ୍ଡରେ

କୁନା ଯାଉଥିଲା ଦାଣ୍ଡରେ
ଟୋପି ନାଇଥିଲା ମୁଣ୍ଡରେ ॥
ବରଷା ପଡ଼ିଲା ଥରରି ଥରି
କୁନିଆ ହସିଲା ଜିରରି କରି ॥

ପେଣ୍ଡୁଗଲା ଗଡ଼ି ଗଡ଼ି

ପେଣ୍ଡୁଗଲା ଗଡ଼ି ଗଡ଼ି,
ଗଡ଼ି ଚଢ଼ି ପେଣ୍ଡୁ
ଛୁଟିଲା କେଉଁ
କାହା ଘର କାହା ଛାଡ଼ି ।





ଚାଇ ତାକୁ ଆମେ
ଖୋଜିବା ଯାଇ,
ଧରି ଆଣି ତାକୁ
ଖେଳିବା ଭାଇ ।

ଖେଳିବା ଦୋଳି

ଜାମୁ ଗଛରେ ବହୁତ କୋଳି
ଡାଳରେ ତା'ର ଝୁଲୁଛି ଦୋଳି,
ଆସରେ ପିଲେ ହୁଅରେ ଠିଳ,
ଖେଳିବା ଦୋଳି ନକରି ଗୋଳ ।
ଜାମୁ କୋଳି ଖାଇ
ଘରେ ଯିବା ଭାଇ!

ଆସ ପୁଚ୍ଚି ଖେଳିବା

ଆସ ପୁଚ୍ଚି ଖେଳିବା
ଗଛ ଡାଳ ଛାଇରେ,
ନାଚି ନାଚି ଗାଇବା
ଗଛ ଆମ ଭାଇରେ ।

(ଘ) ଖାଦ୍ୟ ସମ୍ବନ୍ଧୀୟ :

ରସଗୋଲା

ରସଗୋଲା ଖାଏ
ଆମରି ଗୋପ
ରସ ଗଡ଼ୁଥାଏ
ଥପ ଥପ ।

ହେଲା ଯେମିତି ସକାଳ

ହେଲା ଯେମିତି ସକାଳ
ଘନ ଖାଇଲା ପଖାଳ
କାମ ପାଇଁସେ ବିଇଡ଼ୁ ଗଲା
ହାତରେ ଧରି କୋଦାଳ ।

ଦୁଧରୁ ଦୁଏ

ଦୁଧରୁ ଛେନା
ଦୁଧରୁ ଦହି
ଦହିରୁ ହେଲା ଲହୁଣୀ
ଲହୁଣୀ ମାରି
ଘିଅ ହୋଇଲେ
ଖାଇବୁ ଜାର ଉହଁଣୀ ।

ବାଃ ବାଃରେ

ବାଃ ବାଃରେ ମୁଢ଼ି ନଡ଼ିଆ
ଭରଖା ବେଇକୁ ବଡ଼ ବଢ଼ିଆ ।
ବାଃ ବାଃରେ ବାରମଜା
ଖାଇ ଦେଲେ ମନ ହୁଅର ତାଜା
ବାଃ ବାଃରେ ରସଗୋଲା
ଗୋଟିଏ ପରେ ଗୋଟିଏ ଚଲା

ଚକୁଳି ପିଠା

ଚକୁଳି ପିଠା ସରୁ ସରୁକା
ଚିତଉ ଥାଏ ଫୁଲି,
କାକରା ପିଠା ଚକା ଚକା
ଖାଇବି ତାକୁ କାଲି ।

ଆଳୁଚପ୍

ଆଳୁଚପ୍ ଖାଇ ବେଶି
ପପୁ ହରବର
ତରତରେ ବାପାଗଲେ
ତାକି ଡାକତର ।

ଭାତ

ଭାତ ଭାତ ଭାତ
ଉଷୁନା ହେଉ ଅରୁଆ ହେଉ
ପଖାଳ ଅବା ଗରମ ଥାଉ
ଚଟେଇ ପାରି ଖାଇ ବସେ ମୁଁ
ପହିଲେ ଧୋଇ ହାତ ।
ଭାତ ଭାତ ଭାତ ।

ଭାତ ତିଅଣ ଡ଼ାଲି

ଭାତ ତିଅଣ ଡ଼ାଲି
ଗୋଟେଇ ପୋଟେଇ ଖାଇ ଦେଲି ସବୁ
ଥାଳି କରି ଦେଲି ଖାଲି ।

ଗରମ ମୁଢ଼ି

ଗରମ ଗରମ ମୁଢ଼ି ଭଜା,
ତା'ସଙ୍ଗେ ମିଳିଲେ ତେଲ ପିଆଜ
ଆହୁରି ଲାଗିବ କେତେ ମଜା ।
ଚୁନୁ ମୁନୁ କୁନୁ ଧାଇଁ ଆସ,
ଚକା ମାରି ସବୁ ଏଠି ବସ,
ନିଜ ଭାଗ ଯିଏ ସବୁ ଖାଇ ଦବ
ଆମରି ଭିତରେ ହେବ ରାଜା ।

ଖାଇବ ମୁନା-ରଜା

ଇ ତରକାରି ନଭଲା
ଥାଳିରେ ହୋଇଛି ସଜା,
ପକାରେ ପିଡ଼ା ରଖାରେ ପାଣି
ଖାଇବ ମୁନା ରଜା ।

(ଚ) ଘରକରଣା ଜିନିଷ ପତ୍ର ସମ୍ବନ୍ଧୀୟ

ଡିବି

ସଞ୍ଜ ହେଲା
ଅନ୍ଧାର ହେଲା
ଦିଆସିଲି ମାରି ଡିବି ଜାଳି ଦେଲେ
ଘର ଗୋଟାଯାକ ଆଲୁଅ ହେଲା ।

ଆଇନା

ପ୍ରକ୍ ପେଣ୍ଟ ଧଳାକୁ ନାଳ
ମାନିଚି ବୋଲି ମୋତେ
ପାନିଆ ଧରି ମୁଣ୍ଡ କୁଣ୍ଡାଇ
ଆଇନାଟିକୁ ଦେଖେ ।

ଆରନା ଆମ ଚକ ଚକିଆ
ଚିହ୍ନଣ ତା'ର ଦେହ ।
କହଇ ମୋତେ, "ଏଇମିତିକା
ସଫା ସୁତୁରା ରହ ।"

(ଚ) ଶିଶୁ ସମ୍ବନ୍ଧୀୟ :

କିଏ ମୋତେ କେମିତି ଡ଼ାକେ

ମା' ଡ଼ାକେ ମୋତେ ଜୁବୁଲି ବୋଲି
ଆଈ ଡ଼ାକୁଥାଏ ଗୋପୁ,
ଜେଜେତ ଡ଼ାକନ୍ତି ଝୁମୁରୀ ମାଡ଼ାମ
ଅଜାତ ଡାକନ୍ତି ନୁପୁ ।

ମାମୁନି

ବାପା ଡ଼ାକନ୍ତି ମାମୁନି ବୋଲି
ମଇନା ଡ଼ାକେ ଆଈ,
ଅପା କହନ୍ତି ଆଦର କରି
ମାମୁନି ସୁନା ଏଇ ।

କୁନି ପିଲାଟି

କୁନି ପିଲାଟି
ହସ କୁଳାଟି
ହେଇରେ ହେଇ
କିଏରେ ଏଇ !
କଉତୁକିଆ ହୋଇଛି ସେଇ ।

ନିଦ ମାଉସୀ

ନିଦ ମାଉସୀ ଆ...
ଗୀତ ପଦେ ଗା...
ଶୋଇ ଯାଉ କୁନା
ହେଉ ସିଏ ସୁନା ।

ଆମ ରାନୁ

ରାନୁ ଆମ ଛୁଆଟି
ରାନୁ ଜାମା ନୂଆଟି
ରାନୁ ପାଟି ଟକ୍ ଟକ୍
ରାନୁ ଡିଏଁ ଫକ୍ ଫକ୍
ରାନୁ ଚାଲେ ଥର୍ ଥର୍
ରାନୁ ହସେ ଜିର୍ ଜିର ।

ଆ' ମୋଧନ ଶୋଇବୁ ଆ'

ଶେଜକୁ ଦେଲି ସଜେଇ
ଘୋଡ଼େଇ ଦେବି ରେଜେଇ,
ଆ' ମୋ ଧନ ଶୋଇବୁ ଆ'...
ରାତି ପାଇଲେ ଉଠି ପଡ଼ିବୁ,
କାଉ ରାବିଲେ କା'... ।

ନିଦ ମାଉସୀ ଲୋ ନିଦ ମାଉସୀ

ନିଦ ମାଉସୀଲୋ ନିଦ ମାଉସୀ,
ବେଗି ବେଗି ଆ'
ମୁନାର ଆଖି ପତାରେ ବସି
ଶୁଆଇ ତାକୁ ଯାଆ ।

ଚାଲେ ଘୋଷାରି

ଦେଖରେ ଆମରି କିଶୋରୀ
ବାପାଙ୍କ ଯୋତାରେ
ଟିକି ପାଦ ଭରି
ଚାଲୁଛି ଘୋଷାରି ଘୋଷାରି ।

ଆସରେ ପିଲେ ଦେଖି

ଆସରେ ପିଲେ ଦେଖି...
ପୁଅ ଦି'ଟି ମୋ କାଳିଆ କାଳିଆ
ବୋହୂ ଦି'ଟି ସଖୀ
ଜେନା ଘର ଛେନା ମଣ୍ଡା
ତାକୁ ଆଣିଦେବା,
ସଜବାଜ କରି ସାଙ୍ଗରେ ଧରି
ଯାତରା ଦେଖାର ନେବା ।



ଦୁଇଟି ପିଲା

ଲିଟୁ ଆଉ ମିଟୁ
ଦୁଇଟି ସାଙ୍ଗ
ପାଖା ପାଖି ଥିଲେ ବସି,
ଜଣେ ଗାଉ ଥିଲେ ଆଉ ଜଣକ
ପାଟି ଧରୁ ଥାଏ ହସି ।

ବୁଲୁ

ବୁଲୁ...ବୁଲୁ...ବୁଲୁ
ସେଇନା ହସେ ସେଇନା ରୁଷେ
ସେଇନା କୁଲୁ କୁଲୁ ।
ଝୁଲରେ ବୁଲୁ ଝୁଲୁ
ଫୁଲ ଝରଣାରେ ଝୁଲୁ
ଫୁଲ ଝରଣାରେ ଝୁଲି ଝୁଲିକା
ମିଠା ଦହି ଖାର ଫୁଲୁ ।

ମୋ ଧନ ପଡ଼ିବ ଶୋଇ

ଧନ ମୋର ଏବେ କ୍ଷୀର ପିଇବ,
କ୍ଷୀର ପିଉ ପିଉ କୋଳେ ଝୁଲିବ,
ଗୋଲରେ ଦେବି ମୁଁ ଖୋଇ,
ଥାପୁଡ଼େର ଦେବି ଥଇରି ଥରି,
ଧନ ମୋ ପଡ଼ିବ ଶୋଇ ॥

ଖୁସିରେ ଝୁମୁରି ଡ଼ିଏଁ

ଝୁମୁରୁ ଝୁମୁରୁ ଝୁମୁରୁ ଝାଇଁ
ଝୁମୁରି ମନ ମିଠେଇ ପାଇଁ
ମିଠେଇ ଆଣିବ କିଏ,
ମାମୁ ଆଣିଦେଲେ
ମିଠେଇ ପୁଡ଼ା
ଖୁସିରେ ଝୁମୁରି ଡ଼ିଏଁ।

ପପୁଲା ବିକେ କଣ୍ଢେଇ

କଣ୍ଢେଇ ସବୁ ଡାଲାରେ ରଖି
ପପୁଲାବାବୁ ଆମ,
ଡାକି କହଇ କଣ୍ଢେଇ ନିଅ
ଗୋପାଳ, ହରି, ରାମ
କୁକୁର, ଠେକୁଆ, ମୂଷି
ହରିଣ, ବିଲୁଆ, ପୁଷି,
ଛୁକୁ ଛୁକୁ ଯିବ ରେଳ
ସବୁ କିଣି ଦେଇ ଖେଳ।

ପାପୁନିର ଗାଧୁଆ

ତାଙ୍କ ଧିନାଧିନ ଧିନାକ ଧିମ୍..
ପାପୁନି ପାଖରେ ଜଦୀଗିମ୍..
ଜଦୀଗିମାରେ ମେରିଖ ତେରେ
ଚିନା ମାଖୁମାଖୁ ଗିରେ ଚେରା।
ଗୋକ ଗଦି ଗାଇନେ ଗାଧୋଇ ଦେବି,
ଦୁଇ ହାତ ଧଣ୍ଡି ପିନ୍ଧାଇ ଦେବି
ନାଚୁଛା ଘଇଲେ ନାଚିବୁ ସିନା
ଧାଇଁ ଧିନ ଧିନାକ ଧିନା।

କୁନ୍‌ମୁନି ଝୁନ୍‌ମୁନି ମୋ କୋଳକୁ ଆ

ଟିକ୍ ଟିକ୍ ଟିକ୍
ଘଡ଼ି ଚାଲେ ଟିକ୍
ଆଖି ଖୋଜି କୁନ୍‌ମୁନି
ହସେ ଫିକ୍ ଫିକା

କୁନ୍‌ମୁନି କୁନ୍‌ମୁନି ମୋ କୋଳକୁ ଆ
ଝୁଲହାତୀ କରୁଛି ତୋତେ
ଯା ତୁ ଶୋଇ ଯା।

(ଛ) ପଶୁପକ୍ଷୀଜଗତ ସମ୍ବନ୍ଧୀୟ :

ଚଢ଼େଇରେ ଚଢ଼େଇ

ଚଢ଼େଇରେ ଚଢ଼େଇ
କିଏ ତୋତେ ଗଢ଼େଇ
ଖଞ୍ଜିଦେଇ ଡେଣା ଦୁଇ,
ଶୂନ୍ୟେ ଦେଲା ଉଡ଼େଇ,
ଚଢେଇରେ ଚଢ଼େଇ ।

ବାଇ ଚଢ଼େଇ

ବାଇ ଚଢ଼େଇରେ ବାଇ ଚଢ଼େଇ
ତୋ ମାଆ ଯାଇଛି ଗାଈ ଚରେଇ ।
ଆଣିବ ବଣରୁ ପାଚିଲା ବେଲ,
ଖୁଆଇ ତୋତେରେ କରିବ ଗେଲ ।

ଉଡ଼ିଗଲା ବଗ

ଉଡ଼ିଗଲା ବଗଟିଏ
ଝାଡ଼ିଦେଲା ପର
ବଗପର ଦିଶୁଅଛି
ଧୋବ ଫରଫର ।

କାଉ ରାବଇ କା'...

କହିଲୁ ମୋତେ ମାଆ
ଶୁଆପରି କିଆଁ କାଉ କହୁନି ?
ମୋ ସଙ୍ଗେ କେବେ କଥା ହଉନି ?
ରାବଇ ଖାଲି କାଆ ।

ଅଇଲା ବଗ

ଅଇଲା ବଗ ଉଡ଼ି
ଖାଇଲା ଗୋଟେ ତୋଡ଼ି ।
ଆଉ ଗୋଟିଏ ପାଟିରେ ଧରି
ଗଛକୁ ଗଲା ଉଡ଼ି ।

ଟିକି ଚଢେଇ

ଯା' ଯା'ରେ ଟିକି ଚଢେଇ
ଦଉଡ଼ି ତତେ ଉଡ଼େଇ
ଯା' ଆଣିବୁ ବାଦାମଭଜା
ଖାଇବା ଦୁହେଁ ଛଡ଼େଇ ।

ଉଡ଼ିଗଲେ ଚଢେଇ

ଚଢେଇମାନେ ଉଡ଼ିଉଡ଼ିକା
ଯାଆନ୍ତିଡ଼େଣା ଝାଡ଼ି ଝାଡ଼ିକା
ଉଡ଼ନ୍ତି କେତେ ଚଢେଇ,
ଏତେ ଚଢେଇ !
କୋଉଠୁ ଆଣି
କିଏ ଦେଲାରେ ଉଡ଼େଇ ।

ପେଟୁଆ ବତକ

ପାଦ ଅଣ୍ଟ ହଳଦିଆ
ଲମ୍ବା ମୋର ଡେକ
ପିଲାଏ କହନ୍ତି ହସି
ପେଟୁଆ ବତକ ।

ଟିକି ଚଢେଇରେ ଟିକି ଚଢେଇ

ଟିକି ଚଢେଇରେ ଟିକି ଚଢ଼େଇ
କୁଆଡ଼େ ଯାଉ କହ,
ଦୁଧ ଭାତଟି ଖାଇବୁ ନିତି
ମୋ ପାଖେ ତୁହି ରହ ।
ଖରା ବରଷା ଶୀତ କାଳରେ
ବଣ ବୁଦାରେ ରହୁ
ଟିକି ଦେହରେ କିଆଁ କହରେ
ଏତେ କଷ୍ଟ ତୁ ସହୁ ?

ଆମରି ଘରେ ରହ ସୁଖରେ
ଭୁଲି ବଣିର କଥା,
ରହିମୋ ସାଥେ କହରେ ମୋତେ
ବଣ ରାଇଜ କଥା !

କୋଇଲିଟି ଆଇଲା

କୋଇଲିଟି ଆଇଲା
ଆମ୍ବଗଛରେ ବଉଳ ଦେଖି
କୁହୁ କୁହୁ କୁହୁ ଗାଇଲା ।

କାଉରେ କାଉ

କାଉରେ କାଉ କୁଆଡ଼େ ଯାଉ ?
କାଉରେ କାଉ କୋଇଠି ଥାଉ ?
କାଉରେ କାଉ କଅଣ ଖାଉ ???
ଆମ ବାବୁଲା ବଜାର ବୁଲା,
ଖାଉନି ଜମା ବଡ଼ ଚଗଲା ।
ଓହ୍ଲେଇ ଆ' ଓହ୍ଲେଇ ଆ' ।
ବାବୁଲା ଖାଉନି କାକରା ପିଠା
ଖଣ୍ଡିଏ ଖାଆ ଖଣ୍ଡିଏ ଖା ।

ଧୋବଲା ପାରା

ଧୋବଲା ପାରାରେ ଧୋବଲା ପାରା
ଉଡ଼ି ବୁଲୁ ଥାଉ ଆକାଶ ସାରା

ପିଠିରେ ବସାଇ ଯିବୁ କି ?
ଜହ୍ନମାମୁଘର କେଉଁଠି ଅଛି?
ଟିକିଏ ଦେଖେଇ ଦେବୁ କି ?

ଟିପି ଚଢ଼େଇ ଫୁରରେ

ହୁରରେ --- ହୁରରେ---
ଟିପି ଚଢ଼େଇ ଫୁରରେ
ଟିପି ଚଢ଼େଇ ଗାଉଚି ଗୀତ
ତୋର ମୋଓର ବସିବା ମିତ

ଘର ଚ଼ଟିଆ

ଘର ଚ଼ଟିଆରେ ଘର ଚ଼ଟିଆ
ଆ' ମୋ ପାଖରେ ବସ,
କହ ଗୁଲୁ ଗୁଲୁ କଥା ପଦ୍ଧିଏ
ହସ ଖିଲି ଖିଲି ହସ।

ଟିକି ଚ଼ଢେଇ

ଟିକି ଚ଼ଢ଼େଇଟେ ପିଣ୍ଡାରେ ବସି,
ଥଣ୍ଡ ଦେଉଥିଲା ଭୂଇଁରେ ଘଷି;

ମୁଁ ଡ଼ାକି ଦେଲି ଆ'ରେ ଆ,
ମୋ ପାଖେ ବସି ଗୀତଟେ ଗାଆ,
ଶୁଖିଲା ପତର ଖୁର୍‌ର୍‌ ଖୁର୍‌ର୍‌,
ଟିକି ଚଢ଼େଇଟି ଫୁର୍‌ର୍‌ ଫୁର୍‌ର୍‌ ।

ସାଧୁବ ବୋହୂ

ନାଲି ଗୁଲୁ ଗୁଲୁ ସାଧବ ବୋହୂ
ଝଡ଼ି ବରଷାରେ କାହିଁକି ଧାଉଁ.. ?
ନାଲି ଦେହ ତୋର ସୁନ୍ଦର ଡିଶେ
କେଉଁଠି ରହୁଚୁ ବରଷା ଶେଷେ ?

ମୁଁ ଟିକି ପରଜାପତି

ମୁଁ ଟିକି ପରଜାପତି
ଟିକି ଫୁଲ ମୋ ସାଥୀ
ରାତି ପାହିଲେ ଫୁଲ ଫୁଟିଲେ
ଖେଳରେ ଯାଏ ମାତି
ମୁଁ ଟିକି ପରଜାପତି ।

ଫୁଲ ବଗିଚା ଜୋକେ
ମନ ଖୁସିରେ ଖେଳେ
ଡ଼ାଳରୁ ଡ଼ାଳ ଝୁଲିଝୁଲିଜା
ପବନ ଖାଇ ଫୁଲେ ।

ଜୁଲୁ ଜୁଲିଆ

ଜୁଲୁ ଜୁଲିଆରେ ଜୁଲୁଜୁଲିଆ
ଝରକା ପାଖରେ ଥାଉ
କାହିଁକି ମୋର କଣ୍ଢେଇ ଆଡ଼େ
ଜୁଲୁଜୁଲୁ କରି ଚାହୁଁ?

ପିମ୍ପୁଡ଼ିଙ୍କ ରେଳଗାଡ଼ି

ଆଗେ ଚାଲେ ପିମ୍ପୁଡ଼ି
ପଛେ ଚାଲେ ପିମ୍ପୁଡ଼ି
ପିମ୍ପୁଡ଼ିଙ୍କ ଧାଡ଼ି
ରେଳ ଗାଡ଼ିପରି
ଯାଉଛି ଆଗକୁ ମାଡ଼ି ।

ଠେକୁଆ ଛୁଆ

ଠୁକୁ ଠୁକୁ ଡ଼େଇଁ
ଠେକୁଆ ଛୁଆ
ଧାନ ବିଲରେ ପଶୁଚି
ଠିଆ ଠିଆ ତା'ର କାନ ଯୋଡ଼ିକ
ଚକ୍ ଚକ୍ ହୋଇ ଦିଶୁଚି ।

ଠେକୁଆ ଭାଇ

ଠେକୁଆ ଭାଇରେ ଠେକୁଆ ଭାଇ
କାହିଁକି ଧାଉଁଛୁ କାନ ହଲାଇ
ଦୁବଘାସ ଖାଉ ବସି
ତୁଳାଠୁ ନରମ କି ସୁନ୍ଦର ଦିଶୁ
ଧଳାରୁମ ଦେହ ସାରା ।

ଠେକୁଆ ଛୁଆ

ଠେକୁଆ ଛୁଆଟୁ କେଡ଼େ ସାନ
ଧଳା ଦେହ ତୋର ଠିଆ କାନ
ମୋ ପାଖକୁ ଆ ଆ,
ଦୁବଘାସ ଦେବି ଦୁଧ ପିଆଇବି
ଖାଇ ପିଇଟୁ ଯାଆ ।

ପତର ପତର ସାରୁ ପତର

ପତର ପତର ସାରୁ ପତର
ଟପର ଟପର ପାଣି
ସାରୁ ଗଛ ମୂଳେ ବେଙ୍ଗୁଲା ରଜା
ବେଙ୍ଗୁଲୀ ହୋଇଚି ରାଣୀ ।

କୁନି ମୁନିଆ ମୃଷା ଛୁଆଟି

କୁନୁ ମୁନିଆ ମୃଷା ଛୁଆଟି
କୁନି କୁନି କାନ ଛୋଟିଆ ପାଟି
ମୁନିଆ ମୁନିଆ ଦାନ୍ତରେ ତୋର
କାଟି ଦେବୁ ଛବି ବହିକି ମୋର ?

ଗୁଣ୍ଡୁଚି ମୂଷାରେ ଗୁଣ୍ଡୁଚି ମୂଷା

ଗୁଣ୍ଡୁଚି ମୂଷାରେ ଗୁଣ୍ଡୁଚି ମୂଷା
ଗଛ ଡାଳେ ଡାଳେ ଧାଉଁ
ଦେହରେ ଗାର ଛାଞ୍ଚଟି ସୁନ୍ଦର
ରାତିରେ କେଉଁଠି ଥାଉ ?

ନେଉଳ

ବଣଜୀବ ତୁହି ନେଉଳ,
ଦେଖିବାକୁ ବଡ଼ ଡଉଲ,
ଦାନ୍ତ ତୋର ଭାରି ମୁନିଆ,
ସାପ ଦେଖି ହୁଏ ଛାନିଆ
ଆସ ମୋର ଭାର ନେଉଳ
ଖାଇବାକୁ ଦେବୁ ଶେଉଳ ।
ଆମ ବାଡ଼ିରେ ଥାଆ
ସାପ ଆସିଲେ ଖାଆ ।

ପୁଷି ବିଲେଇ

ବଡ଼ ଭଲ ତୁହି ପୁଷି ବିଲେଇ
ତୋତେ ଦେଖି ମୂଷା ଯାଏ ପଳେଇ
ଜଗି ଥାଉ ଆମ ଧାନ ଅମାର ।
ବଡ଼ ଭଲ କରୁ ତୁହି ଆମର
ଆମଘରେ ରହି ଥାଆ,
ନିତି ଦୂଧ ଭାତ ଖାଆ ।

ପୁଷିରେ ପୁଷି

ପୁଷିରେ ପୁଷି ମୋକୁନି ପୁଷି
ମୋ ପାଖକୁ ଆ
କ୍ଷୀର ଦେବି ମାଛ ଦେବି
ଖାଇବୁ ଯଦି ଆ ।
ଚୂଲି ମୁଣ୍ଡଟା ଉଷୁମ ଭାରି
ସେଇଠି ଶୋଇ ଥା ।
ଖାଇବା ବେଳ ହୋଇଗଲାଣି
ମିଆଁଉ କରୁ ଥା ।

ମୂଷା ଓ ବିଲେଇ

ଭାଡ଼ିରେ ମୂଷା ଖୁଡୁରୁ ଖୁଡୁ
ଚିଁ ଚାଁ
ଏଠିକି ବିଲେଇ ଅଇଲା କିଆଁ ?
ଚୁପ୍ ଚାପ୍
ପଳାଇଲା ମୂଷା ଖୁପ୍ ଖାପ୍ ।



ନେଇଗଲା ଶଙ୍ଖୀ ବିରାଡ଼ି

ଛୁଆ ବେକଟାକୁ ପାଟିରେ ଧରି
ନେଇଗଲା ଆମ ଶଙ୍ଖୀ ବିରାଡ଼ି
ଦେଖିବୁ ମାଆଲୋ ଆ' ଦଉଡ଼ି ।

କୁକୁଡ଼୍ କୁଁ କୁକୁଡ଼୍

ଲମ୍ବା ଥଣ୍ଟ ମେଲା କରି
ମୋ କୁକୁଡ଼ା କହିଲା
କୁକୁଡ଼୍ କୁଁ କୁକୁଡ଼୍ କୁଁ
ଦେଖ ରାତି ପାହିଲା ।

ଡ଼ାକରା

ବିଲେଇ କହିଲା ମିଆଉଁ ମିଆଉଁ
କୁକୁର କହିଲା ଭୋଉ...
ମୂଷା କହିଲା ଚିଁ ଚିଁ
ବିଲୁଆ ହୁକେ ହୋ... ।

କାଳୀଗାଈ

କାଳୀଗାଈ ଦିନେ କହିଲା -
ଘାସ ପୁଳାଏ ଦିଅ
ଦୁଧ ଠେକିଏ ନିଅ ।
ଗାଈଆଳ ଘାସ ଦେଲା
ଦୁଧ ଠେକିଏ ନେଲା ।

ବାଛୁରୀ ହୋଇଛି ଆମ ଗାଈର

ବାପା କିହେ ତୁମେ ଜେଉଁଠି ଥିଲ ?
ଦଉଡ଼ି ଆସହେ ଦେଖିବ ଚାଇ ।
ବାଛୁରୀ ହୋଇଛି ଆମ ଗାଈର
ଚାଲ ଆମେ ତାକୁ ଜରିବା ଗେଲ ।

ମୋ ଜଅଁଳା ବାଛୁରୀ

ଜଅଁଳା ବାଛୁରୀ ଛନ ଛନିଆ
ଧରିକାଳୁ ଗଲେ ମାରଇ ବିଆଁ
ମାଆଙ୍କୁ ଟିକିଏ ଆ'ଣ୍ଠଧରି
ଖୁଆଇବି ତାକୁ ଚାଉଳ ବିରି ।

ଝୁମୁରୀ

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଡ଼େଇଁଚି ଆମ ଝୁମୁରୀଟି
ଫୁକୁରୁ ଫୁକୁରୁ ଡ଼େଉଁଟି ଖାଲି
ଗୁଲୁଗୁଲିଆ ବାଛୁରୀଟି ।
ମାଆକି ଗୋଠରୁ ଆଇଲାରେ
ଖାଇବ ବୋଲି ତା'ଠାରୁ କ୍ଷୀର
ଝୁମୁରୀ ଆମର ଧାଇଁଲାରେ

ଓଲେଇ ଗାଈ

ପଚା ଛିଣ୍ଡାରଲା ଓଲେଇ ଗାଈ
କଖାରୁ ବାଡ଼ିରେ ପଶିଲା ଯାଇ
ବଙ୍ଗାବାଡ଼ି ଧରି ଧାଇଁଲେ ଅଜା,
ଓଲେଈ କହିଲା, ହ-ମା,
କାହିଁକି ଧାଇଁଛ ପଛରେ ମୋର
କଖାରୁ ଖାଇନି ଜ-ମା ।

ମେଣ୍ଢା ଛୁଆଟି

ଗୁଲୁ ଗୁଲିଆ ଏ ମେଣ୍ଢା ଛୁଆଟି
ତା' ମୁଣ୍ଡରେ ଦେବି ରିବନ ବାନ୍ଧି
ଖୁଆଇ ଦେବି ରାଜା
ମତେ ଭାରି ଲାଗିବ ମଜା ।

ଠେକୁଆ ଭାଇ

ଠେକୁଆ ଭାଇରେ ଠେକୁଆ ଭାଇ !
କାହିଁକି ଧାଉଁଚୁ କାନ ହଲାଇ
ଦୁବଘାସ ଖାଉ ପରା !
ତୁଳାଠୁ ନରମ କି ସୁନ୍ଦର ଦିଶୁ ।
ଧଳାରୁମ ଦେହ ସାରା ।

ଆ' ବଇଦ

ଆ' ବଇଦ ଖା' କୁଣ୍ଡା
କୁନା ଖାଇବ କାକରା ମଣ୍ଡା

ଓଲେଈ ଗାଈ

ପଚା ଛିଣ୍ଡାରଲା ଓଲେଈ ଗାଈ
କଖାରୁ ବାଡ଼ିରେ ପଶିଗା ଯାଇ
ବଙ୍ଗାବାଡ଼ି ଧରି ଧାଇଁଲେ ଅଜା,
ଓଲେଈ କହିଲା, ହ-ମା,
କାହିଁକି ଧାଇଁଛ ପଛରେ ମୋର
କଖାରୁ ଖାଇନି ଜ-ମା ।

ମେଣ୍ଢା ଛୁଆଟି

ଗୁଲୁ ଗୁଲିଆ ଏ ମେଣ୍ଢା ଛୁଆଟି
ତା' ମୁଣ୍ଡରେ ଦେବି ରିବନ ବାନ୍ଧି
ଖୁଆଇ ଦେବି ରାଜା
ମତେ ଭାରି ଲାଗିବ ମଜା ।

ଠେକୁଆ ଭାଇ

ଠେକୁଆ ଭାଇରେ ଠେକୁଆ ଭାଇ !
କାହିଁକି ଧାଉଁଚୁ କାନ ହଲାଇ
ଦୁବଘାସ ଖାଉ ପରା !
ତୁଳାଠୁ ନରମ କି ସୁନ୍ଦର ଦିଶୁ ।
ଧଳାରୁମ ଦେହ ସାରା ।

ଆ' ବଇଦ

ଆ' ବଇଦ ଖା' କୁଣ୍ଡା
କୁନା ଖାଇବ କାକରା ମଣ୍ଡା

ବଳଦ ବେକରେ ଯୁଆଳି
କୁନା ଆଜି ଯିବ ଚାହାଳୀ ।

ହନୁମାଙ୍କଡ଼

ହନୁ ମାଙ୍କଡ଼ରେ ହନୁ ମାଙ୍କଡ଼
ବଗିଚାରେ ପଶି ଖାଉ କାଙ୍କଡ଼,
ତୋ ଦେହରେ କେତେ ବଳ
ଡାଳରୁ ଡାଳ ଚାଳରୁ ଚାଳ
ଡେଇଁ ଡେଇଁ କରୁ ଖେଳ ।

ହନୁମାଙ୍କଡ଼

ହନୁମାଙ୍କଡ଼ରେ ହନୁମାଙ୍କଡ଼
ଗଛରୁ ଗଛକୁ ଡିଆଁ ତୁ ମାରି
ଦାନ୍ତ କରୁ କଡ଼ ମଡ଼ ।
ହୁଁ ହୁଁ ରଡ଼ି କରୁଥା,
ବଣକୁ ଯାଆରେ ବଣକୁ ଯା,
କରୁଥା ଖାକୋଖା
କରୁଥା ଖାକୋଖା,
କରୁଥା ଖାକୋଖା ।

ମାଙ୍କଡ଼ ପଲ

ମାଙ୍କଡ଼ ପଲ ଡେରଁଲେ ଆସି
ସଜନା ଗଛ ଡାଳେ
ଭାଙ୍ଗିଲେ ଡାଳ ଖାଇଲେ ଫୁଲ
ଡେରଁଲେ ଘର ଚାଳେ
ସୁନ୍ ଫୋଟକା ଶବଦ ହେଲା
ଏତିକି ବେଳେ କାହିଁ?
ମାଙ୍କଡ଼ ଦଳ ପଳେଇ ଗଲେ
ବାବୁଲ୍ ହସେ ଚାହିଁ ।

ହାତୀ

ଆସ ଆସ ଦେଖ ଦେଖ
ହାତୀଯାଏ ଦାଣ୍ଡରେ
ବର ଡାଳ ଖଣ୍ଡେ ଭାଙ୍ଗି
ଧରି ଅଛି ଶୁଣ୍ଡରେ ।
ଖୁଣ୍ଟପରି ଚାରିଗୋଡ଼
କାନ କୁଲା ଭଳିଆ,
ଦୁଇ ଆଖି ଜୁଳୁ ଜୁଳୁ
ଦେହ ତା'ର କାଳିଆ ।

ଭାଲୁ ନାଚ୍

ତାକ୍ ଧିନା ଧିନ୍ ଧିନି
ତାକ୍ ଧିନା ଧିନ୍ ଧିନି
ଦେଖ୍ ମିଲୁ ଦେଖ୍‌ରେ ଦେଖ
କଣେଇ ଭାଇ ନାଚୁଛି ଦେଖ୍
ବଜାଇ ବଜାଇ ଗିନି
ତାକ୍ ଧିନା ଧିନ୍ ଧିନି ।

(ଜ) ଉଭିଦ ଜଗତ ସମ୍ବନ୍ଧୀୟ :

ଫୁଲରେ ଫୁଲ

ଫୁଲରେ ଫୁଲ
ଫୁଲରେ ଫୁଲ
ମହ ମହ ଛୁଟେ
ବାସନା ତୋର
ଟହ ଟହ ରଙ୍ଗ
ଦେହଟି ତୋର
ହସ ହସ ମୁହଁ କେଡ଼େ ସୁନ୍ଦର !

ସୋରିଷ ଫୁଲ

ସୋରିଷ ଫୁଲ
ହଳଦିଆ ସୁନାପରି

ତରାଟ ଫୁଲ
ଧଳା ଦିଶେ ରୂପା ପରି ।
ମନ୍ଦାର ଫୁଲ
ରକତ ପରି ନାଲିଆ
ନୀଳ କଇଁଟି
ଆକାଶ ପରି ନେଳିଆ ।

ଟମାଟୋ

ଲାଲ୍ ଟମାଟୋ ଗୋଲ ଗୋଲ
ଗୋଲ ଟମାଟେ ଲାଲ୍ ଲାଲ୍
ମୁଁ ଖାଉଛି ତୁ' ବି ଖା'
ହେଇଯିବା ଆମେ ଲାଲ ଲାଲ
ହେଇଯିବା ଆମେ ଗୋଲ ଗୋଲ

କାକୁଡ଼ିଟିଏ ନେଇ ଯା

କାକୁଡ଼ିଟିଏ ନେଇ ଯା'
ପିଜୁଳିଟିଏ ନେଇ ଯା'
ମୋ କଣ୍ଢେଇ ଶୋଇ ଯାଇଛି
କଦଳୀଟିଏ ଥୋଇ ଯା' ।

ଆଳୁ ବାଇଗଣ ପୋଟଳ

ଆଳୁ ବାଇଗଣ ପୋଟଳ
ସାରୁ ଖମଆଳୁ ବନ୍ତଳ
ପୋଇଶାଗ ପାଣି କଖାରୁ
ସବୁ ମିଶି ମିଶି ଘାଣ୍ଟିଆ ହୋଇଲେ
ଲାଳ ବୋହିଯାଏ ପାଟିରୁ ।

ଓଉ

ଟୁନା କହିଲା ଏଇଟା କିସ
କହନି ଦେଖି ବୋଉ,
ହସି ହସିକା ବୋଉ କହିଲେ
ସେଇଟା ଗୋଟେ ଓଉ ।
ଆମ୍ବିଳ ହୋଇଲେ ଖାଇବୁ ।
କେମିତି ଲାଗିଲା ଓଉ ଆମ୍ବିଳ
ସାଙ୍ଗମାନଙ୍କୁ କହିବୁ ।

ପଣସ କଠା

କଣ୍ଢା ସାଲୁବାଲୁ ପଣସ କଠା
କାଟିଲେ ହାତରେ ଲାଗଇ ଅଠା ;
ମାଡ଼ିଗଲେ ସିଏ ବହୁତ ମିଠା ।

ତାକ୍ ତାକ୍ ତାଳି

ତାକ୍ ତାକ୍ ତାଳି,
ତାଳି ମାର ତାଳି,
କୋଳି ପଡ଼େ ଟୁପ୍ ଟାପ୍
ନିଅ ନିଅ ତୋଳି ।

ଆମ୍ବ ଡ଼ାଳେ ଆମ୍ବ କଷି

ଆମ୍ବ ଡ଼ାଳେ ଆମ୍ବ କଷି
ମୁରୁକି କହୁଛି, ''ରହରେ ସାଙ୍ଗ,
ପାଚ଼ଲେ ପଡ଼ିବ ଖସି ।''

କରମଙ୍ଗା

କରମଙ୍ଗା ଫଳ କୋଳି କୋଳିଆ
ଗଛ ଡ଼ାଳେ ଖେଳେ ଦୋଳି
ଆମ ଭୋଜିପାଇଁ
କିଏ ପାରିଦେବ
ଆମ ଗଉରାତ
ଆସିବ କାଲି ।

(୫) ନାଚ ଗୀତ ସମ୍ବନ୍ଧୀୟ :

ପପୁଆ ନାଚିଲା ଛମର ଛମ୍

ଡାକ୍ ଡୁମ୍ ଡୁମ୍ ଡୁମ୍‌କା
ପପୁଆ ହାତରେ ଝୁମକା ।
ଝୁମ୍‌କା ବାଜିଲା ଝମ୍‌ର ଝମ୍
ପପୁଆ ନାଚିଲା ଛମର୍ ଛମ୍

ଟକ୍ ଟକ୍ ଟକ୍ ଟକର

ଟକ୍ ଟକ୍ ଟକ୍ ଟକର,
ଠକ୍ ଠକ୍ ଠକ୍ ଠକର୍
ବାଜିଲାଣି ବେଙ୍ଗ ବାଜା,
ଆସରେ କିଏ ମନ୍ତ୍ରିରୀ ହେବ
ମନୁ ହୋଇଚି ରଜା ।

ଫୁଲ ଝରି

ଝୁମୁକା ନେ' କଣ୍ଢେଇ ନେ'
ମୋ ଫୁଲ ଝରି ଝରେଇ ଦେ' ।

(୫) ସୂର୍ଯ୍ୟ, ଚନ୍ଦ୍ର ଦିନ ଓ ରାତି ସମ୍ପର୍କୀୟ

ସକାଳ

ସକାଳ ହେଲା
ବୋଉ ଉଠିଲା
ନିଦରୁ ମୋତେ
ଉଠେଇ ଦେଲା ।

ଦିନ

ରାତି ପାହିଲା
ସକାଳ ହେଲା
ଆଲୁଅ ମୁଣ୍ଡେଇ
ଦିନ ଆସିଲା
ରାତି ପାହିଲା
ସକାଳ ହେଲା
ଆଲୁଅ ବିଛେଇ
ଦିନ ଆସିଲା ।

ସଂଜ ହେଲା

ସଂଜ ହେଲା ସଂଜ ହେଲା
ବୋଉ ଆମର
ବତୀ ଜାଳିଲା,

ଘର ଭିତରେ
ଆଲୁଅ ହେଲା,
ସଂଜ ହେଲା
ସଂଜ ହେଲା ।

ରାତି

ବେଳ ବୁଡ଼ିଲା
ଅନ୍ଧାର ହେଲା
କଳା ଶାଢ଼ୀ ପିନ୍ଧି
ରାତି ଆସିଲା ।

ଆରେ ଜହ୍ନ ଆ

ଆରେ ଜହ୍ନ ଆ
ମୋ କଣ୍ଢେଇ ସାଥୀରେ ବସି—
ଦୁଧ ଭାତ ଖାଇ ଯାଆ,
ଆରେ ଜହ୍ନ ଆ ।
ତିଆରି କରିଛି ଫୁଲର ଦୋଳି
ଝୁଲାଇବି ଦୋଳି ମାରିବି ତାଳି
ଆରେ ଜହ୍ନ ଆ....
ଆରେ ଜହ୍ନ ଆ... !

ଜହ୍ନମାମୁ ଆସ ଖେଳିବା

ଜହ୍ନ ମାମୁ ତୁମେ ଖେଳୁ ଅଛ ନିତି
ଆକାଶର ପଡ଼ିଆରେ
ଆଜି ଗୋଟେ ଦିନ
ଖେଳିବା ଆସହେ
ଆମରି ଏ ଅଗଣାରେ ।
ସେଇଠି ଖାଲିତ ତରାଙ୍କ ମେଳ
ଏଇଠି ଅଛନ୍ତି କେତେ ଭଳି ସାଙ୍ଗ
ମଜାରେ ଆମେତ ଖେଳିବା ଖେଳ ।

ଜହ୍ନମାମୁ

ମାଆଲୋ ମାଆ
ଦଉଡ଼ି ଆ
ଅଗଣାକୁ ଯାଇ
ଚାହାଁଲୋ ଚାହାଁ ।
ମେଘ ଯାଏ ଭାସି ଭାସି
ମେଘ ସାଙ୍ଗରେ ଖେଳେ ଲୁଚୁକାଳି
ଜହ୍ନମାମୁ ହସି ହସି ।

ଏକ ଏକ ଏକ

ଜହ୍ନ ମାମୁ ଏକ
ସୁରୁଜ ଆମ ଏକ ।
ବାପା କହନ୍ତି, ମା' କହନ୍ତି,
"ତୁ ବି ଆମର ଏକ
ତୁ ବି ଆମର ଏକ ।"

(ଟ) ଗମନାଗମନ ସମ୍ବନ୍ଧୀୟ :

ଶଗଡ଼ ଗାଡ଼ି

କେଁ କଟକଟ ଶଗଡ଼ ଗାଡ଼ି
ଟାଣୁଛନ୍ତି ତାକୁ ବଳଦ ଯୋଡ଼ି ।
ସଡ଼କ ଉପରେ ଯାଉଛି ଗଡ଼ି ।
ଶଗଡ଼ ଗାଡ଼ିରେ ଶଗଡ଼ ଗାଡ଼ି ।

ଯାଉଛି ଗଡ଼ି ..... ଯାଉଛି ମାଡ଼ି

ଫଟ ଫଟିଆରେ ଫଟ ଫଟିଆ
ଯାଉଚି ଗଡ଼ିରେ ଯାଉଚି ଗଡ଼ି
ଘଡ଼ିକ ଭିତରେ କୁଆଡ଼େ କେତେ
ଯାଉଚି ମାଡ଼ିରେ ଯାଉଚି ଗଡ଼ି ।

(୦) ବୃତ୍ତି ସମ୍ବନ୍ଧୀୟ

ଡ୍ରାଇଭର୍

ଡ୍ରାଇଭର ମୁଁ ଡ୍ରାଇଭର୍ ମୁଁ
ଗାଡ଼ି ମୋର ଚାଲେ ଭଁଅଁ ଭଁଅଁ
ଏମା ଶାଢ଼ି ଆଣିଲେ କାହାକୁ ଓଢ଼ାଇଲେ
ହର୍ଣ୍ଣ ମାରି ଦିଏ ପଁଅଁ ପଁଅଁ ।

ଆମ ଦିଦି

ଗପ କହି ଦିଦି ହସାନ୍ତି
ଧାଡ଼ି ଧାଡ଼ି କରି ବସାନ୍ତି,
ଦିଦି ଗାଇଲେ ଗୋଟିଏ ଗୀତ
ଧରୁ ଥାଉ ଆମେ ପାଳି
କରୁଥାଉ ତାଳି ତାଳି ।

ବାଦାମ୍ ବାଲା

ବାଦାମ୍ ବାଲା ବାଦାମ୍ ବାଲା
ବାଦାମ୍ ନେଇଯା ।
ବାଦାମ୍ ଭଜା କେମିତି ମଜା
ସେ କଥା କହି ଯା ।

ପରିବା ଡ଼ାଲା

ରୋଷେଇ ଘରେ ପରିବା ଡ଼ାଲା
ପାଖେ ବସି କହେ ଆମରି ଲାଲା



କିଣି ନିଅ ବେଗେ
ଆଳୁ, ମଟର,
ମୂଳା, ଗାଜର
ପୋଟଳ, ଲଙ୍କା
ଆହାଁ କେଡ଼େ ମିଠା କଅଁଳ ମକା ।

ବେଲୁନ୍

ବେଲୁନ୍ ବାଲା ବେଲୁନ୍ ବାଲା
ବେଲୁନ୍‌ଟିଏ ଦେ—
ପଇସା ଦେବି
ବେଲୁନ୍ ନେବି
ବଡ଼ ଗୋଟିଏ ଦେ—
ବେଲୁନ୍‌ଟିଏ ଦେ— ।

ବେଲୁନ୍ ବାଲା

ବେଲୁନ୍ ବାଲା
ବେଲୁନ୍ ବାଲା, !
ବେଲୁନ୍ ଦେଇ ଯା'... ।
ମାଆଁଙ୍କ ଠାରୁ
ପଇସା ଆଣେ,
ଟିକିଏ ରହି ଥା'... ।

ଜୋକର

କକାଙ୍କ ପେଣ୍ଟ ବାପାଙ୍କ ଜାମା
ପାଦରେ ଜେଜେଙ୍କ ମୋଟା,
ମୁଣ୍ଡରେ ପିନ୍ଧିଲି ଲମ୍ବା ଟୋପିଟେ
ହାତରେ ମୋର ନାଲି ଛତା
ଜେଜେ ପଚାରିଲେ ''ଏଇଟି କିଏ'' ?
ଜେଜେ ମା' କହିଲେ, ''ଜୋକର୍ ଟିଏ ।''

ଦିଦି

ଦିଦି ଗୋ ଦିଦି
ଖେଳ ସଇଲା
ପକେଇ ଦବୁ ସପଟେ,
ଚ୍‌କା ପକାଇ
ବସିଲୁ ସବୁ
ଶୁଣିବୁ ଏବେ ଗପଟେ ।

ମୁନି ହେଲା ବଉଦ

ମୁନି ହେଲା ବଉଦ
ଜେଜେଙ୍କୁ ଦବ ଔଷଦ,
ପିନ୍ଧିଲା ବାପାଙ୍କ ଚଷମା
ଭାଇର ଇଞ୍ଜିନ୍ ଜାମା,

ଖୋଇଦେଲା ଚିନି ପୁଡ଼ିଆ
ଜେଜେକୁ ଲାଗିଲା ବଡ଼ିଆ,
ଜେଜେ ହୋଇଗଲେ ଭଲ
ମୁନିକୁ କଲେ ଗେଲ ।

ଗୋଲି ଡ଼ାକତର ସାଜିଛି

ଇନ୍‌ଜେକ୍‌ସନ୍ କରି
କଖେଇ ହାତରେ
କାଠି ଫୋଡୁଅଛି ଗୋଲି,
ଛୋଟ ଗୋଡ଼ି ଧରି
ଔଷଧ ଦେଉଛି
ଜର ଛାଡ଼ି ଯିବ ବୋଲି ।

(ଚ) ପବନ ଓ ବର୍ଷା ସମ୍ବନ୍ଧୀୟ :

ପବନ

ସବୁଠି ଥାଏ
ମୁଁ ସବୁଠି ଥାଏ
କାହାରି ଆଖିକୁ ଦେଖା ନଯାଏ ।
ଖୁସିରେ ଥିଲେ
ଧୀରେ ମୁଁ ଚାଲେ ।
ଜୀବଜନ୍ତୁ ସବୁ ଚଳନ୍ତି ଭଲେ ।

ମେଘ ଉଠେଇଲା

ମେଘ ଉଠେଇଲା
ଘଡ଼୍ ଘଡ଼ି ମାଇଲା
ବିଜୁଳି ଚ୍କ୍ ଚ୍କ୍,
ଡ଼େଇଁଲେ ବେଙ୍ଗୁଲି
ଏଠି ସେଠି ବୁଲି ଫକ୍ ଫକ୍ ।

କାଗଜ ଡ଼ଙ୍ଗା ଭସେଇ ଦେ

ମେଘରେ ମେଘ ଓହ୍ଲେଇ ଆ
ଦେବି ମୁଁ ରସ ମଲେଇ ଖା,
ଚାଳରୁ ପାଣି ଝରେଇ ଦେ,
ଆମ ଅଗଣା ଭରେଇ ଦେ,
କାଗଜ ଡ଼ଙ୍ଗା ଭସେଇ ଦେ,
ମୋ ଭାଇକି ହସେଇ ଦେ ।

ହୁଲୁ ହୁଲୁ ମେଘ ଦେ ବରଷି

ଦେ..ରେ ମେଘ ଦେ..ରେ ପାଣି
ଥେଇ ଥେଇ ନାଚେ ବେଙ୍ଗୁଲୀ ରାଣୀ ।
ବେଙ୍ଗୁଲୀ ନାନୀର ଫାଳିଆ ପାଟି
ପୋକ ଜୋକ ଖାଏ ଜିଭକୁ ଛାଟି ।



ବେଙ୍ଗୁଲୀ ରାଣୀତ ହଉଚି ଖୁସି
ଦୁଲୁ ଦୁଲୁ ମେଘ ଦେ' ବରଷି ।

ଏଇଟି ନଈ

ଏଇଟି ନଈ...ଆଗକୁ ଆଗକୁ
ଯାଉଛି ବହି...
ସୁଲୁ ସୁଲୁଆ ପବନ ବହୁଚି
ଦିହକୁ ଲାଗୁଛି ଭଲ
ଏଇଠି ବସିବା ଚାଲ ।

ନଈରେ ନଈ

ନଈରେ ନଈ, ନଈରେ ନଈ
କେତେ ଦୂରରୁ ଆସୁରେ ବହି
କଳ କଳ ହେଉ
ଖରାଦିନେ ତୋର ଦେହ ଶୁଖିଯାଏ
ବରଷାରେ ଫୁଲି ଯାଉ ।

(ଚ) ବିବିଧ ବିଷୟ ବସ୍ତୁ :

ମେଘରେ ପାଣିର ଘର

କଳ କଳ ଧାଏଁ ନଈର ପାଣି
ଗଡ଼ିଆର ପାଣି ଥର,
ଆକାଶରୁ ଖସେ
ବରଷା ପାଣି,
ମେଘରେ ପାଣିର ଘର ।



ଶୁଖିଲା ପତର ଖଡ଼ ଖଡ଼

ଶୁଖିଲା ପତ୍ର ଖଡ଼ ମଡ଼
ସଜନା ଭାଙ୍ଗେ ମଡ଼ ମଡ଼
ଦଦରା ଗାଡ଼ି ଧଡ଼ ଧଡ଼
ଚଢ଼େଇ ଉଡ଼େ ଫଡ଼ ଫଡ଼

ଚାଲି

ଘୋଡ଼ା ଦଉଡ଼େ ଝଟପଟ
ଚଞ୍ଚଳ ତା'ର ଚାଲି,
ହାତୀ ଚାଲଇ ମୁଣ୍ଡ ହଲାଇ,
ସୁନ୍ଦର ଦିଶେ ଭାରି ।

ହରିଣ ଚାଲେ ବଡ଼ ବେଗରେ
ଦିଏ ନା ଧରା ଜମା,
ଠେକୁଆ ଚାଲି ବିଜୁଳି ପରି,
ମାନେ ନା ଖାଲ ଖମା ।



ବେଙ୍ଗୁଲୀ ନାନୀ ଚାଲଇ ଦେଖ
ଫୁକୁରୁ ଫୁକୁ ଡେଇଁ,
ଠୁକୁରୁ ଠୁକୁ ପିଲା ଚାଲିକୁ
ସମାନ ନୁହେଁ କେଁହି ।

ଆଖି ନାଇଁ କାନ ନାଇଁ

ଆଖି ନାଇଁ କାନ ନାଇଁ
ବାଜିଲେ ମୋତେ କହିବ ନାଇଁ ।
ଯା' ବେହଲେ ବାଜିବ
ଆମେସବୁ ଲୁଚିବୁ ଯାଇ
ସେଇ ଆମକୁ ଖୋଜିବ

ଖା' ଖା'

ପାଇ ନାହିଁ ରାତି କିଆଁ ଲୋ ମା'
କହୁଚି ଡାମରା ଖା' ଖା' ।
ଘଷି ନାହିଁ ଦାନ୍ତ ଗାଧୋଇ ନାହିଁ
ଏମିତି-କେମିତି ଖାଇବି ମୁହିଁ ?

ଆମରି ଆଈ

ଆମରି ଆଈ ଦୁହିଁଇ ଗାଈ
ଗାଈ ଦୁହୁଁଥାଏ ଚର୍ ଚର୍
ଦହି ମୋହୁଁ ଥାଏ ସର୍ ସର୍ ।
ଗାଈ ଦୁହୁଁଥାଏ ଚରର୍ ଚରର୍
ଦହି ମୋହୁଁଥାଏ ସର୍ର୍ ସର୍ର୍ ।

କେଉଁଠି ବସି କ'ଣ କରିବ

ଚଉକିରେ ବସି ଛବି ଦେଖିବି
ଦୋଳିରେ ବସି ମୁଁ ଦୋଳିବି
ଆସନରେ ବସି ଖାଇବି ଭାତ
ଭୂଇଁରେ ବସି ମୁଁ ଖେଳିବି ।

ନିଆଁ

ନିଆଁ ବଡ଼ ଦରକାରୀ
କ୍ଷୀରୀ ରାନ୍ଧେ
ଖେଚୁଡ଼ି ରାନ୍ଧେ
ରାନ୍ଧେ ଭାତ ତରକାରୀ

ହାଟ

ଗାଆଁ ମୁଣ୍ଡେ ଆମ
ବସଇ ହାଟ,
ଆମ ଘର ଠାରୁ
ଅଳପ ବାଟ,
ଗହଳ ଚହଳ ଭାରି,
ବେଲୁନ୍ ବିକଇ
ବଲୁନ୍ ବାଲା
ଡାକଛାଡ଼େ ପାଟିକୁଟି ।

ନମସ୍କାର

ଆସିଲେ କୁଣିଆ ଆମ ଘର,
କରିବି ତାହାଙ୍କୁ ନମସ୍କାର
ବସାଇବି ମୁଁ, କରି ଆଦର ।

ଦ୍ୱିତୀୟ ଅଧ୍ୟାୟ

ଠ +

ପିଲାମାନଙ୍କ ପାଇଁ

(କ) ଜ୍ଞାତି କୁଟୁମ୍ବ ସଂପର୍କୀୟ :

ମାଆ

ଝୁମୁରୁ ଝୁମୁରୁ ଝାଇଁକି ଝୁମା
କେତେ ମିଠାଲାଗେ ମାଆଙ୍କ ଚୁମା,
ବାଇ ଚଢ଼େଇର ଗୀତଟି ଗାଇ
ଦିଅନ୍ତି ସେ ଦୁଧ-ଭାତ ଖୁଆଇ ।

ମାଆ ବାପା

ମାଆ ମୋହର ବହୁତ ଭଲ
ଖୁଆନ୍ତି ଦୁଧ ଭାତ,
ବାପା ବି ଭଲ କାଖରେ ଧରି
ଦେଖାନ୍ତି ମୋତେ ଯାତ ।
ମାଆ ଭଲ, ବାପା ଭଲ,
କରେ ତାଙ୍କୁ ନମସ୍କାର ।

ଅଜା ଆଈ

ଅଜା ଯାଇଥିଲେ ହାଟକୁ,
ଆଈ ଚାହିଁଥିଲେ ବାଟକୁ ।
ଫରମାସି ଥିଲା ଆଈର,
ଆଣିଥିବେ ଚିଙ୍ଗୁଡ଼ି ନଈର ।
ଭୁଲି ଗଲେ ଅଜା ବାଟରେ,
ପାଟ କିଣି ଦେଲେ ହାଟରେ ।
ପିଦ୍ଧି ଆଈ ଖୁସି ହୋଇଲେ,
ଅଜାଙ୍କ ଆଡ଼କୁ ଚାହିଁଲେ ।

ଥାପୁଡ଼ି ଦେବ ବୋଉ

ମୁଁ ଶୋଇବି ବୋଉର କୋଳେ
କଣ୍ଢେଇ ଶୋଇବ ମୋହରି କୋଳେ
ବଢ଼ିଆ ମଜା ହେବ
ବୋଉ ଥାପୁଡ଼ି ଦେବ ।

ତୁ..ତୁ..ତୁ..ତୁ..ତୁତୁ ତାରା

ତୁ..ତୁ..ତୁ..ତୁ..ତୁତୁ ତାରା
ଜୁବୁଲି ମୋର ଗାଉଡ଼ି ପରା ।
ଜୁବୁଲି ମୋର ଭାରି ସୁନା
ସବୁବେଳେ ହସେ କାନ୍ଦେନା ଜମା ।



ତତେ ପକ୍ଷୀରାଜଟିଏ ଦେବି
ପକ୍ଷୀଟି ହଲାର ଉଡ଼ିବ ଘୋଡ଼ା
ମୋଡ଼ି ଦେଲେ ତୁ ଚାବି ।

କହ୍ନେଇ

ମୋ ଭାଇ କହ୍ନେଇ,
ଗୁଲୁ ଗୁଲୁ କଥା କହେ
ଟିକି ପାଟି ଫିଟେଇ ।
ସୁନା ଆମ କହ୍ନେଇ
ଝୁଲି ଝୁଲି ଚାଲୁ ଥାଏ
କୁନି ପାଦ ପକେଇ ।

ଟିକି ଭଉଣୀ

ମୋ ଟିକି ଭଉଣୀ ଲୋ
ମୋର ଟିକି ଭଉଣୀ
ଦେହତୋ କୋମଳ ଅତି
ସତେ ଅବା ଲହୁଣୀ,
ସଫା ସୁତୁରା ତୁ ରହୁ
ଖେଳନାକୁ ଗେଲ କରି
କାହାଣୀ ତାହାକୁ କହୁ ।

ଟପ୍ ଟପ୍ ଟପ୍ ଘୋଡ଼ା ମୋ ଚାଲେ

ଟପ୍ ଟପ୍ ଟପ୍
ଘୋଡ଼ା ମୋ ଚାଲେ
ଆଉ କିଏ ସେ ଚାଲେ ?
ମୁନା କହିଲା,
ଆଉ କିଏ ସେ ଚାଲେ ?
ଠୁକୁ ଠୁକୁ ଠୁକୁ
ଅଜାଙ୍କ ସାଥେ
ସକାଳେ ମୁହିଁ ଚାଲେ ।

ଆଈ ନାତି

ଅଳପ ଅଳପ ପଡ଼ିଛି ଖରା
ବସି ଆଈ ନାତି ଖରା ପୁଅନ୍ତି,
ପବନ ବହୁଚି ପରା ।

ଟିପ୍ ଟିକର ମଣିଷ

ଟିପ୍ ଟିକର ମଣିଷ
ତା'ର ଷାଠିଏ ହାତ ନିଶ
ସିଏ ପଗଡ଼ି ଦେଇଚି ଭିଡ଼ି
ପୁଣି ନିଶକୁ ଦେଉଚି ମୋଡ଼ି
ଗପ କହୁଥିଲେ ଖୁଡ଼ୀ
ମୁଁ ହସି ହସି ଗଲି ଗଡ଼ି ।

ଗପ ଶୁଣିବା ନୋହିଲା

ଅଜା ପାରିଲେ ସପଟିଏ
ଆଈ କହିଲେ ଗପଟିଏ
ଆମେ ଶୁଣିଲୁ ବସି
ହୋଇଲୁ ଆମେ ଖୁସି
କେଉଁଠି ଥିଲା
ଡ଼େଇଁଲା ପୁଷି –
କହିଲା, ''ମ୍ୟାଉଁ ମ୍ୟାଉଁ''
ପିଲେ କହିଲେ
ଆଇଲୋ ଆଈ
ଆମର ଏବେ
ଗପ ଶୁଣିବା
ଏଇଠି ଆଜି ଥାଉ
ଏଇଠି ଆଜି ଥାଉ ।

ଅଜା ଆଈଙ୍କ ଆମ୍ବୁଲ ଖିଆ

ଆଈ ଖାଇଲେ ରସଗୋଲା ଯେବେ
ଅଜା ପାଟି ଟକ୍ ଟକ୍
ଅଜା ଚାଟିଲେ ଆମ୍ବୁଲ ଫଡ଼ାଟେ
ଆଈ ମନ ସକ ସକ,

ଅଜା ନଦେଲେ ଆଇକୁ ଯେ୦୫
ବସି ରହିଲା ରୁଷି
ଆମ୍ବୁଲ ପଡ଼େ କୁନା ଦେବାରୁ
ହୋଇଲେ ସିଏ ଖୁସି ।

ଗେଲ କରନ୍ତି

ଗେଲ କରେ ମତେ ନିତି ଆଇ
କେତେ ଜାତି ପିଠା ଦିଏ ମାଇଁ
ଛବି ବହି ଦିଏ କୁନି ମାଉସୀ
ନୂଆ ଜାମା ପ୍ୟାଣ୍ଟ ଚୁନି ପିଉସୀ
କୁନି ମାଉସୀ ମୋ ଚୁନି ପିଉସୀ
ଆଇ ଆଉ ମାଇଁ ସମସ୍ତେ ମିଶି
ସଭିଏଁ ତ ମୋତେ ପାଆନ୍ତି ଭଲ
କୋଳରେ ବସେଇ କରନ୍ତି ଗେଲ ।

ଆମ ମାମୁ ଘର ସେଇଠି

ଆମ ମାମୁ ଘର ସେଇଠି
ଧାଡ଼ି ଧାଡ଼ି ଗଛ ପଣସ, ନଡ଼ିଆ
କି ସୁନ୍ଦର ଦିଶେ ପଦୁଅଁ ଗଡ଼ିଆ
ଅଙ୍କା ବଙ୍କା ବହେ ନଈଟି,
ଆମ ମାମୁ ଘର ସେଇଠି ।

ମାମୁ ଘର ଯିବି

ପବନ ବହୁଛି ଶିରି ଶିରି
ଚକ ମୋ ଗଡୁଛି ଘିରି ଘିରି
ମାମୁ ଘର ହେଉ ଯେତେଦୂର
ଯିବି ଆଜି ମୁହିଁ ଥିରି ଥିରି ।
ମାମୁଙ୍କ ସମାନ କେହି ନାହିଁ
ମାଇଁ ରହିଥିବେ ବାଟଚାହିଁ
ମାମୁଙ୍କ ଆଦର ମାଇଁଙ୍କ ସେନେହ
ପାଇଁ ମନ ହୁଏ ହାଇଁ ପାଇଁ ।

ମାମୁ ଘରେ ସଭିଏଁ ଭଲ

ମୋ ମାମୁତ ବହୁତ ଭଲ
କାନ୍ଧରେ ବସାଇ ବୁଲାନ୍ତି,
ମୋ ମାଇଁଟ ଆହୁରି ଭଲ
କୋଳରେ ଧରି ଝୁଲାନ୍ତି ।
ମୋ ଅଜାତ ବହୁତ ଭଲ
ବୁଲନ୍ତି ଧରି ସାଥୀରେ,
ମୋ ଆଈତ ଆହୁରି ଭଲ
ଗପ କହନ୍ତି ରାତିରେ ।

ଅଜା

ବାଉଁଶ ଗଛ ବାଉଁଶ ଗଛ,
ଆମ ଘରକୁ ଆସିଛେ ଅଜା ।
ମୋତେ ଲାଗିବ ବଢ଼ିଆ ମଜା,
ଆଗେ ଜୁହାର ହେବି ।
ଅଜା ଆମର ଗୋଡ଼ ଧୋଇବେ,
ନୋଟାଏ ପାଣି ଦେବି ।
ବସିବା ପାଇଁ ହସି ହସିକା,
ଆସନଟିଏ ଦେବି,
ବସିଲେ ଲାଉ ହେବି ।

ମାମୁ ଘର

ଆଉଁଟି ଭାଇନା ସାଉଁଟିରେ
ତୋ ମାମୁଘର କେଉଁଠିରେ ?
ମୋ ମାମୁଘର ବରଗଡ଼
ଯହିଁ ମୁଠା ମୁଠା ଗରଗଡ଼ ।
ମୋ ମାମୁଘର ବହୁତ ଦୂର
ବାରିପଦାଠାରୁ ସମ୍ବଲପୁର ।

ଆଇର କୋଥଳି

ଏଇ ଆମ ଆଇ କୋଥଳି
ସେଥିରେ ଜିନିଷ ଭଲିକି ଭଲି
ରଖିଛି ଆଇ ମୋ ସଯାକି,

ଔଷଧ ପୁଡ଼ିଆ,
ପାନ ଜଟା ଗୁଆ,
ତୁଳସୀର ଚୁଳି
ଆଉ ଜପାମାଳି
ସବୁତ ରଖିଛି ସମ୍ଭାଳି,
ଏଇ ଆମ ଆଈ କୋଥଳି ।

ଚାହୁଁଚିରେ ଲୀନୁ ଚାହୁଁଚି

ଚାହୁଁଚିରେ ଲୀନୁ ଚାହୁଁଚି
ମଟ ମଟ କରି ଦେଖୁଚି ।
ଏପଟ ସେପଟ ହେଉଛି
ଗୋଡ଼ ହାତ ତା'ର ଝୁଲୁଛି ।
ପାଟି ବଲ ବଲ କରୁଚି
ଭାଇ କୋଳେ ତା'ର ଝୁଲୁଛି ।
ଲୀନୁ ଆମର ଖେଳୁଛି
ମାଆ ତା'ର ଦେଖି ହସୁଛି ।

ପାକୁଆ ପାଟିରେ ହସ

ଆମରି କୁନି ଝିଅ
ପାକୁଆ ପାଟିରେ ଫିକି ଫିକି ହସେ
ଭାରି ସୁନ୍ଦରିଆ ମୁହଁ ।

ପାଖରେ ବସିଛି ଆଈ
ତାଆର ତ ଦାନ୍ତ ନାଇଁ
ପାକୁଆ ପାଟିରେ ଫିସି ଫିସି ହସେ
ଦେଖରେ ଦେଖ ଭାଇ ।

(ଖ) ବ୍ୟକ୍ତିଗତ ଜିନିଷ ପତ୍ର ସମ୍ବନ୍ଧୀୟ :

ଛତା

ବରଷା ପଡ଼େ ଝର୍ ଝର୍
ବରଷା ବେଳେ ପଦାକୁ ଗଲି
ହୋଇଲି ଓଦା ସର୍ ସର୍
ବୋଉ କହିଲେ, "ଶିବୁରେ !
ବରଷା ବେଳେ ପଦାକୁ ଗଲେ
ଛାତାଟିଏ ନେଇ ଥିବୁରେ ।"

ଛତାଟି ବଡ଼ ଭଲ

ଛତାତ ଛତା କାଳିଆ ଛତା,
ଛତାଟି ବଡ଼ ଭଲ,
ହାତରେ ଥିଲେନଥାଏ ମୋର
ଖରା ବରଷା ଡର ।
ଛତାଟି ବଡ଼ ଭଲ ।

ମଜାରେ ବୁଲିବି ଯାଇଁ

ବାପା ଆଣିଦେଲେ ବଢ଼ିଆ ଜାମା,
ମାମୁ କିଣି ଦେଲେ ଛତା,
ଆଈ କିଣିଦେଲେ ନେଳିଆ ଟୋପି
ଅଜା ଆଣିଦେଲେ ଯୋତା ।
ପୋଷାକ ପତର ପିନ୍ଧିବି
ଅଣ୍ଟାରେ ବେଲ୍‌ଟ ବାନ୍ଧିବି
ଚଷମା ନାଇକି ମୁହଁ,
ବୁଲୁକୁ ଡାକିବି ଟୁଲୁକୁ ଡାକିବି
ମଜାରେ ବୁଲିବି ଯାଇ ।

କଲମ

ତା' ପେଟରେ ଥାଏ ନେଳି କାଳି କେବେ
କେତେବେଳେ ଥାଏ ନାଲି,
କେତେବେଳେ ଥାଏ ସବୁଜ ପୁଣି
କେତେବେଳେ ବାଇଗଣି ।
ବାପା ଦେଇଥିଲେ କଲମ ମୋର
କେମିତି ଚାଲୁଛି..ଚଅର ଚର ।

ମୋ ପାଦରେ ଯୋତା ମୋଜା

ମୋ ପାଦରେ ଯୋତା ମୋଜା
ମାଆ ପାଦରେ ଚପ୍ପଲି
ଭାଇଙ୍କ ପାଦେ ବୁଟ୍ ଯୋତା
ଚାଲନ୍ତି ହାତ ଛାଟି ।
ଜେଜେ ବାପାଙ୍କ ଖଡ଼ମ ଚାଲି
ଶୁଭଇ ଖଟ୍ ଖଟ୍
ଦାଦା ଆମର ଚପଲ ପିନ୍ଧି
ଚାଲନ୍ତି ଫଟ୍ ଫଟ୍ ।

କେଉଁ ଚିଜ କେଉଁଠି

ଆଙ୍ଗୁଠିକ ମୁଦି ଗୋଡ଼କୁ ପାଉଁଜି
ହାତେ ଝଲମଲ ଚୁଡ଼ି,
କାନେ କାନଫୁଲ ଅଣ୍ଟାକୁ ସୂତା
ପିନ୍ଧିଥାନ୍ତି ନୂଆ ଖୁଡ଼ି,
ଚଣା ବସିଥାଏ ନାକରେ
ହାର ରହିଥାଏ ବେକରେ ।

ବଙ୍କୁଲୀ ବାଡ଼ି

ଅଜାଙ୍କର ଧରି ବଙ୍କୁଲୀ ବାଡ଼ି
ରାମ ଚାଲିଲା ନଇଁ ନଇଁକି

ପଚାରିଲା ଅଜା ଏଇ ବାଡ଼ିର
ମୁଣ୍ଡଟି ହେଲା ବଙ୍କା କାହିଁକି ?
ଏତିକି ବେଳରେ ଗଛରୁ କୋଳି
ବଙ୍କୁଲୀ ବାଡ଼ିରେ ଆଣିଲେ ତୋଳି,
ଏଥର ବୁଝି ପାରିଲା ରାମ
ବଙ୍କା ହେବାରୁ ଦେଲା ସେ କାମ ।

ଛବି ବହି

ଛବି ବହିଟିଏ ଆଣିବ ବାପା
ଛବି ବହିଟିଏ ଦେବ
ଯେଉଁ ବହିରେ ସେ ଝାମ୍ପୁଲା ଧଳା
ବିଲେଇ ଛୁଆଟି ଥିବ
ଖୋଲିଲେ "ମ୍ୟାଉଁ" ଚିପିଲେ "ମ୍ୟାଉଁ"
ହେଉଥିବ ସେହି ବହି
ଜୁଲୁ ଜୁଲୁ କରି ମିଆଁଉଁ ମ୍ୟାଉଁ
ରହିଥିବ ମୋତେ ଚାହିଁ ।

ବିଞ୍ଚଣା

ବିଞ୍ଚଣା ବିଞ୍ଚଣା ଫୁଲ ବିଞ୍ଚଣା
ଘୂରୁଥା ଆରେ ଘୂରୁଥା
ଝାଳ ଗମ ଗମ ତାତିଲା ଦେହକୁ
ଶୀତଳ ଟିକିଏ କରୁ ଥା ।

ପ୍ଲାଷ୍ଟିକ୍ ଫୁଲ

ଭାଇ ଯେଉଁ ଫୁଲ ଆଣିଚି କିଣି
ଗଛରେ ଫୁଟଇ ନାଇଁ
ମଉଳେ ନାଇଁକି ଝାଉଁଳେ ନାଇଁ
ବାସନା ଟିକିଏ ନାଇଁ ।
କହନ୍ତି କକେଇ "ପ୍ଲାଷ୍ଟିକ୍‌ରେ
ତିଆରି ହୋଇଚି ଇଏ,
ଏଇ ଫୁଲରେତ ଦୁଆର ଘର
ବଢ଼ିଆ ସଜେଇ ହୁଏ

(ଗ) ଖେଳଣା ଓ ଖେଳ ସମ୍ବନ୍ଧୀୟ :

କଣ୍ଢେଇ ପାଠ ପଢ଼ା

ବାଘ, ବିଲୁଆ, ହରିଣ, ସିଂହ,
ଭାଲୁ, ବିଲେଇ, କଣ୍ଢେଇ ଝିଅ
ବସେଇ ଦେଇ ଶଶୀ
ପଢ଼ାଏ ପାଠ ମନ ହରଣ୍ଟେ
ମୁରୁକି ହସି ହସି ।

ମୋ କୁନି କଣ୍ଢେଇ

ମୋ କୁନି କଣ୍ଢେଇ ତୁ କାନ୍ଦନା
ମୋ ସୁନା କଣ୍ଢେଇ ତୁ କାନ୍ଦନା
ତୋ ପାଇଁ ଆଣିବି କାଚର ମାଳି
;କତେ ନୂଆଜାମା ଭଲିକି ଭଲି
ନାହିଁକି ବସିଛୁ ମୁହଁ ଶୁଖାଇ
କାନ୍ଦନା ମୋର ଟିକି କଣ୍ଢେଇ ।

କଣ୍ଢେଇ ଖାଉ ନାହିଁ

କୁନାର କଣ୍ଢେଇ ଖାଉନାହିଁ
ହୋଇଅଛି ତାକୁ ଭାରି ଜର,
ଭାତ ଡାଲି ଜମା ରୁଚୁ ନାହିଁ
ଆଣିଛି ତା ପାଇଁ ମିଠା ଫଳ ।

କଣ୍ଢେଇ ମୁହଁଟି ଯାଇଛି ଶୁଖି

'ଣ୍ଢେଇ ମୁହଁଟି ଶୁଖି ଯାଇଛି
ଦୁଇ ଦିନହେଲା ଖାଇନି କିଛି ।
ପାଟିରେ ନଦିଏ ଟିକିଏ କ୍ଷୀର
ମାଇଲା କି କିଏ ପୁଅକୁ ମୋର ।

ମୋ କଣ୍ଢେଇକି ଜର

କଣ୍ଢେଇ ମୋର ହେଇଚି କାଶି
ଦିହରେ ତାତି, ଥରୁଚି ବସି।
ମାଆ ଗୋ ମାଆ ତାକୁ ଜର
ଡ଼କାଇ ଆଣ ଡ଼ାକତର ।

କଣ୍ଢେଇ ବସିଛି ମୁହଁ ଶୁଖାଇ

ମାମୁ ଘରକୁ ଯାଉଚି ମୁହିଁ
କଣ୍ଢେଇ ମୋର ଜାଣି ପକେଇ,
ଖାଉନି କିଛି କହୁନି କିଛି
ରହିଛି ସିଏ ମୁହଁ ଶୁଖେଇ ।

ପେଁକାଳି ଆଜି ବାଜିଲାରେ

ପେଁକାଳି ଆଜି ବାଜିଲାରେ
କଣ୍ଢେଇର ନିଦ ଭାଜିଲାରେ
ପେଁକାଳି କିଆଁ ବାଜିଲା
କଣ୍ଢେଇର ନିଦ ଭାଙ୍ଗିଲା
ସିଏତ ଅଝଟ କରିବ
କିଏ ସେ ତାହାକୁ ପାରିବ।

କଣ୍ଢେଇ ବାହାଘର

ଆ'ଲୋ କୁନି
ଖେଳିବା ଖେଳ
କଣ୍ଢେଇ ବାହାଘର,
ତୋ' କଣ୍ଢେଇ
କନିଆ ହେବ
ମୋ କଣ୍ଢେଇ ବର।
ଝଲମଲିଆ
ପୋଷାକ ନାଇ
ଦିଶିବେ ହସ ହସ,
ଧୋତି, ପଞ୍ଜାବି
ପାଟ ମୁକୁଟ
ପିନ୍ଧାଇ ଦେବା ଆସ।

କଣ୍ଢେଇ ବାହା

ପୁପୁଲି ଆମ ଗେହ୍ଲାଝିଅ
ଗୋଲାପି ଗୁଲଗୁଲ
କଣ୍ଢେଇ ବାହା କରିବା ପାଇଁ
ମନଟି ଚୁଲବୁଲ
ବାଜିଲା କେତେ ଯୋଡ଼ିନାଗରା
ଫୁଟିଲା ଫୁଲ ଝରି
ପପୁଲିରାଣୀ ହସିହସିକା
ନାଚିଲା ଘୂରିଘୂରି।

କଣ୍ଢେଇ ବାହାଘର

କୁନିର କଣ୍ଢେଇ କନିଆ ସାଜେ
କୁନାର କଣ୍ଢେର ବର,
ପାଟ ପିନ୍ଧାର ଗହଣାନାଗ
କରନ୍ତି ବାହାଘର ।
କନିଆ ହାତେ ଫୁଲର ବାଲା
ବେକରେ ଫୁଲହାର,
ବର ମୁଣ୍ଡରେ ଗୋଲ ମୁକୁଟ
ଦିଶଇ ଝଲମଲ ।
ବାହାଘର ମଜା,
ବେଖନ୍ତି ଆଈ ଅଜା ।

ପେଡ଼ି ଭିତରେ କଣ୍ଢେଇ

ମୋ କଣ୍ଢେଇକି କିଏ ସେ ନେଇ
ପେଡ଼ିରେ ଶୁଆଇ ଦେଲା
ଭୁଲ କେତେ କଲା ?
ଯେଉଁ ଘରେ ମୋଟେ ଆଲୁଅ ନାହିଁ
ବୋଉ କହେ ସେଠି ରହିବ ନାଇଁ ।
ଯେଉଁଠି ନଥିବ ଖୋଲା ପବନ,
ହୁହଇ ସେ କେବେ ରହିବା ଥାନ୍
ପେଡିରେ ଏ ସବୁ କାହିଁ
ମୋଧନ ଆଖିରେ ନାଇଁ ତ ନିଦ
ଆହି ଜଲୁଜଲୁ ଚାହିଁ ।

କଣ୍ଢେଇ ଘର

ସାନ କଣ୍ଢେଇ ଶୋଇ ଯାଇଛି
ଚାଦର ଘୋଡ଼ି ହୋଇ
ବଡ଼ କଣ୍ଢେଇ କୁନି ଆଡ଼କୁ
ଦେଉଛି ଧୀରେ ଚାହିଁ
ଛୁଆ କଣ୍ଢେଇ ଖେଳୁଛି ବସି
ମୁଣ୍ଡ ହଲାଇ ତା'ର
ମାଆ ଆସିଲେ ଦେଖିବା ପାଇଁ
କୁନି କଣ୍ଢେଇ ଘର ।

କଣ୍ଢେଇର ଜନମ ଦିନ

ମା'ଲୋ ଶୁଣ,
ଆଜି ମୋ କଣ୍ଢେଇ ଜନମ ଦିନ,
ମଥାରେ ଦିଏ ଲୋ ଟିପି ଚନ୍ଦନ,
ନୂଆ ଜାମାଟିଏ ଦେଏ ପିନ୍ଧେଇ,
ମୋ ହାତରେ ତାକୁ ଦେବି ବନ୍ଧେଇ
ଦେବି ବନ୍ଧେଇ ।

ଶୋଇ ଯାଆ ମୋର ଟିକି କଣ୍ଢେଇ

ଶୋଇ ଯାଆ ମୋର ଟିକି କଣ୍ଢେଇ
ଶୋଇ ଯାଆ ତୁନି ହୋଇ

ବାପା ଯାଇଛନ୍ତି ଯାତରା ଦେଖି
ଆଣି ଦେବେ ଛବି ବହି।
ବହିଟି ତୋର ଖୋଲି
ଦେଖିବୁ ତୁହି ଜାତିଜାତିକା
ଛବି କେତେ ନେଳି ନାଲି।

କଣ୍ଢେଇ

ଶୁଣ ଶୁଣ ବାପା କାଲିକି ଯିବି ମୁଁ
ମାଆ ସଙ୍ଗେ ଆଇ ଘର,
ଲାଗିଲା ତୁମକୁ ମୋ କଣ୍ଢେଇ ଯା
ବୁଝିବ କଥା ତାଙ୍କର।
ଠେକୁଆକୁ କାଶ କୁକୁରକୁ ବଥ
ଭାଲୁକୁ କରିଚି ଜର
ଖୁଆଇ ଔଷଦ ଜାମା ପିନ୍ଧାଇବ
କରୁଥିବ ତାଙ୍କୁ ଗେଲ।

ପଡ଼ିଗଲା ମୋ କାଠ କଣ୍ଢେଇ

ପଡ଼ିଗଲା ମୋ କାଠ କଣ୍ଢେଇ
ନେଲି ତାକୁ ଉଠେଇ
ଖାଇବାକୁ ଦେଲି ତାକୁ
ରସଗୋଲା, ମିଠେଇ

ଚାହିଁଲା ଖାଲି ଚାହିଁଲା
କ'ଣ ହେଲା
ପଚାରି ଦେଲି
ଚୁପ ହୋଇ ରହିଲା ।

'ବାଏଁ ଡ଼ାଏଁ ବାଏଁ ଡ଼ାଏଁ

ଗଲା ବଜାରକୁ ସୁନ୍ଦରମଣି
ଖେଳଣା ମୋ ପାଇଁ ଆଣିଲା କିଣି
ବାଏଁ ଡ଼ାଏଁ ବାଏଁ ଡ଼ାଏଁ
ପକାଇ ପାଦ ମୋ ଖେଳଣା ଧାଏଁ

ଗୁଡ଼ି

ନେଳି ଆକଶରେ ଖେଳି ଖେଳିକା
ଉଡ଼ଇ ମୋହର ଗୁଡ଼ି,
ଲଟେଇ ସୂତାରେ ବନ୍ଧାସେ ଗୁଡ଼ି
ଆଣିବି ତଳକୁ ଭିଡ଼ି ।

ଗୁଡ଼ି

ଗୁଡ଼ି ଉଡ଼ାଉଛି କୁନାଭାଇ
ପବନ ବହୁଛି ସାଇଁ, ସାଇଁ

ହାତରେ ତା'ର ଡୋରି
ପବନ ସୁଅରେ ଉଠି ଯାଉଅଛି
ତଳକୁ ଆସୁଛି ଫେରି ।

ଗୁଡ଼ି

ନାଲି ନେଳି କାଗଜରେ
କରିବି ମୁଁ ଗୁଡ଼ି,
ଉଡ଼େଇବି ଆକାଶରେ
ଯିବ ଉଡ଼ି ଉଡ଼ି,
ଗୁଡ଼ି ଯାଇ ଜହ୍ନ ଦେଶ
ବୁଲି ବୁଲି ଦେଖିବ,
ଫେରି ଆସି ସେହି ଦେଶ
କଥା ମତେ କହିବ ।

ଗୁଡ଼ି

ଉଡ଼େଇ ଦେଲି ଗୁଡ଼ି
ଗଲା ସେ ଉଡ଼ି ଉଡ଼ି
ଜୋର କରି ଟାଣି ଦେଲି,
ତା' ସୂତାଟି ଗଲା ଛିଡ଼ି
ଗୁଡ଼ିଟି ଗଲା ପଡ଼ି ।

ଗୁଡ଼ି ଉଡୁଛି ସାଇଁ ସାଇଁ

ଭାଇରେ ଭାଇ
ଗୁଡ଼ି ତୋ ଉଡିଲା ସାଇଁ ସାଇଁ
ଦୂର ଆକାଶରେ
ଖେଳୁଚି ଯାଇଁ
କାଲି ଆଣିଦେବୁ ମୋଓରି ପାଇଁ
ଆଜି ଟିକେ ଦେ ହାତକୁ ମୋର ।
ଛିଣ୍ଡାଇବି ନାଇଁ ସୂତା ତୋହର ।

ରଜ ଦୋଳି

ଆସିଲା ରଜ
ରଜରେ ରଜ
ବଡ଼ ମଉଜ
ହେବାରେ ସଜ
ଖେଳିବା ଦୋଳି
ପୋଷାକ ପିନ୍ଧିବା ଭଳିକି ଭଳି ।

ଖେଳିବା ଦୋଳି

ଉହୁ ଉହୁମା ଉହୁ ଉହୁମା
ଖେଳିବା ଦୋଳି ଆସଲୋ ଉମା

ତୁ ବସିଥିଲେ ମୁଁ ଝୁଲାଇବି
ତୁଇ ଝୁଲାଇବୁ ମୋତେ ।
ତଳୁ ଉପରକୁ ଉପରୁ ତଳକୁ ।
କେତେ ମଜା ହେବ ସେ

ଦୋଳି

ଆସରେ ପିଲେ
ଖେଳିବା ଦୋଳି
ଖେଳିବା ଦୋଳିରେ
ଖେଳିବା ଦୋଳି
ତଳୁ ଉପର
ଉପରୁ ତଳ
ଉଡିବ ଦୋଳି
ପବନ ଭଳି
ଆସରେ ପିଲେ
ଖେଳିବା ଦୋଳି
ଖେଳିବା ଦୋଳିରେ
ଖେଳିବା ଦୋଳି

ନଟୁ

ମୋ ଭାଇ ଖେଳୁଚି ନାଲିଆ ନଟୁ
ତା ଘିରି ଘିରି...ତାଘିରି ଘିରି...ତା ଘିରି ଘିରି
ଯାଉଚି ବୁଲି.... ।
ଗୁଡେଇ ଗୁଡେଇ...ଦେଉଚି ଛାଡ଼ି

ନଟୁ ଦଉଡି ତ
ଖୋଲି..ଖୋଲି..ଖୋଲି
ଯାଉଚି ଖୋଲି.... ।

ଆସରେ ଆସ ଗାଇବା ଗୀତ

ଆସରେ ଭାଇ ଶୁଣିବା ଆସ
ଗଛ ଗାଉଛି ଗୀତ —
ଶୀତଳ ଛାଇ ତୁମରି ପାଇଁ
ଫୁଲଫଳ ମୋ ତୁମରି ପାଇଁ
ସଜାଇ ଦେଇଛି ତୁମରି ପାଇଁ
ଦେଖରେ ଦେଖ ଗାଅରେ ଗାଅ
ଗଛ ଆମର ମିତ
ଗଛ ଆମର ମିତ ।

ଆସ ଆମେ ଖେଳିବା

ଆସ ଆମେ ଖେଳିବା
ଡେଇଁବାରେ କୁଦିବା,
ଆସ ଆମେ ଧାଇଁବା
ଗଛଟିକୁ ଛୁଇଁବା
ଆସ ଆମେ ଡେଇଁବା
ବେଙ୍ଗ ପରି ଡେଇଁବା
ଖପ୍ ଖପ୍ ଡେଇଁ ଡେଇଁ
ଚାରିଆଡେ ବୁଲିବା ।
ଆସ ଆମେ ଖେଳିବା ।

ନେଳି ବାଜାଟି ଦେ'ଲୋ ବୋଉ

ନେଳି ବାଜାଟି ଦେଲୋ ବୋଉ
ନାଲି ଗାଡିଟି ଦେ..ଏ
ହଳଦିଆ ଏ କୁନି କଞ୍ଚେଇ
ନେଲେ ପଛେ ନେ....
ଗାଡି ଚାଲିବ ଘର୍‌ର....ଘରର
ପେଁ...କାକିଟି...ପୁଁ...
ତାଳି ମାରି ମାରି...ଖେଳିବି ଖେଳ
ସୁନା ପିଲା ମୁଁ.... ।

କ୍ରିକେଟ୍

ମାରିବି ଚଉକା ଛକା
କ୍ରିକେଟ୍ ଖେଳୁଚି ମୁହିଁ
ଦେଖିଲେ କହିବ ଟୁଲୁ
ବଡ଼ିଆ ଖେଳୁଚି ଭାଇ

ଆମ ମାମୁନି

ଆମ ମାମୁନି
ଶୀତ ନମାନି
ବୁଲୁଛି ଘର ବାହାର

ମାଆ ଖୁସିରେ
ପିନ୍ଧେଇ ଦେଲେ
ସୁଇଟର୍‌ଟି ତାହାର ।

କାଗଜ ନେଲି

କାଗଜ ନେଲି ମୁଁ
କାଗଜ ନେଲି
କାଗଜରେ ଉଡାଜାହାଜ କଲି
ଉଡାଜାହାଜକୁ
ଉଡେଇ ଦେଲି
ଉଡି ଉଡି ଉଡିଗଲା
ଚାହିଁ ଚାହିଁ ଆମେ
ରହିଲୁ ସବୁ
ଦେଖା ତା'ର ନ ମିଳିଲା ।

ମାଟି ମେଞ୍ଚାଏ ନେଇ

ମାଟି ମେଞ୍ଚାଏ ନେଇ
ଗଢ଼େ ମୁଁ ହାତୀ ଘୋଡା ବିଲେଇ
କୁକୁର ଭାଲୁ ଗାଈ
ମାଟି ମେଞ୍ଚାଏ ନେଇ ।

ବେଲୁନ୍

ଟୁକୁ ଟୁକୁ ପତଳା ସୈଇ
ସୁକୁ ସୁକୁ ପେଟ ଖାଲି ପଡ଼ଇ
ସୁଉ ସୁଉ ସୁଉ ପବନ ଖାଇ
ଟୁମ୍ବୁ ଟୁମ୍ବୁ ତାର ପେଟ ଫୁଲଇ
ଟିକିଏ ଅଧିକ ଖାଇବା ହେଲେ
ଫୋଟୋ କିନା ଫାଟି ପଡଇ ତଳେ

ବଲ୍

ଦେଖ କେତେ ବେଗେ ନାକ ସିଧାରେ
ବଅଲ୍ ଯାଉଛି ଗଡ଼ି,
ବାଡେଇଲେ ତାକୁ ଡିଏଁ ଉପରକୁ
ତଳକୁ ଯାଉଛି ପଡି ।
ବଅଲ୍ ସାଙ୍ଗରେ ଦଉଡିବି ମୁହିଁ
ତାକୁ ବଳିଯିବ ବେଗରେ,
ତାଆଠାରୁ ଉଚ୍ଚା ଡେଇଁ ମୁଁ ପଡିବି
ସବୁ ପିଲାଙ୍କର ଆଗରେ

ବେବୀ କରିବ ନାଚ

ଚୁନି ଗାଉଥିଲା ମୁଣ୍ଡ ହଲେଇ
ନାଚ କରୁଥିଲା ହାତ ହଲେଇ

ଗେଲ କରୁ କରୁ ବୋଉ କହିଲା
ଆମ ବେବୀ ବଡ ହୋଇବ,
ଚୁନି ଅପା ପରି ହାତକୁ ହଲେଇ
ନାଚି ନାଚି ଗୀତ ଗାଇବ ।

ଚାଲ ମୋ ଘୋଡା

ଚାଲ ମୋ ଘୋଡା ଚାଲରେ
ଚାଲ ମୋ ଘୋଡା ଚାଲରେ
ନାଳ ଡେଇଁଯିବା ନଦୀ ଡେଇଁଯିବା
ଡେଇଁ ଯିବା ଉଞ୍ଚା ଖାଲରେ
ଡେଇଁ ଯିବା ଉଞ୍ଚା ଖାଲରେ ।

ଖେଳିବା ଖେଳ

ଆଲୋ କୁନି
ଆଲୋ ନିନି
ହେବା ଲୋ ମେଳ
ଖେଳିବା ଖେଳ
ଚୂଲିକୁ ଦିଅଲୋ ଜାଳ
ଗଡିଯାଉଛି ବେଳ
ସଢ଼େଇ ଆଣ ପାଣି ଆଣ, ଆଣ ଆଉ ବାଲି,
କ୍ଷୀରୀ ଖେଚୋଡି ମାଛ ତିଅଣ ରାନ୍ଧିବା ଭାତ ଡାଲି ।

କୁନା ପଚାରିଲା ଜେଜେ

କୁନା ପଚାରିଲା ଜେଜ
ଆଜି ମୋ ଏ ଗାଡି ବଜାରକୁ ଯିବ
ଦେଖନି କେମିତି ସଜ ।
ତମେ ଯିବ ଯେବେ ଆସ
ଆସ ମୋ' ଗାଡିରେ ବସ
ଦେଖ ମୁଁ କେମିତି ଗାଡି ଚଳଉଚି
ନଯିବ ତ ଏଠୁ ଖସ ।

ଆ ମୁନା

ଆ ମୁନା ଆ କୁନା
ଧୂଳି ନବା ଉଠେଇ
ସେଥିରେ କରିବା ଆମେ
ଜାତି ଜାତି ମିଠେଇ
ଖୋଲିଦବା ଦୋକାନ
ମିଠେଇ କିଣିବେ ଆସି,
ଦାମ ଶ୍ୟାମ ମଦନ ।

ଧନ ମୋର ଖେଳିବ

ଧନ ମୋର ହସିବରେ
କୁନ ମୋର ହସିବ

ଜେଜେ ମାଆ ଡାକିଦେଲେ,
କୋଳେଯାଇ ହସିବ ।
ଧନ ମୋର ଖେଳିବରେ
କୁନ ମୋର ଖେଳିବ
ପାଉଡର ଡବା ଖୋଲି,
ମୁହଁହାତ ବୋଳିବ ।

ପୁଷି ରାନ୍ଧିବ ଭାତ

କାଠ-ହଣା କାଠ ହାଣି ଦେ-
ବେଙ୍ଗୁଲୀ ବେଙ୍ଗୁଲୀ ପାଣି ଦେ-
ଦେ'ରେ ଚୁଟିଆ, ଚାଉଳ
ହାଣ୍ଡିଟିଏ ଦେ, ନେଉଳ
ପୁଷି ରାନ୍ଧିଦେବ ଭାତ
ଭାତ ଖାଇ ସାରି
ଗୀତ ଗାଇ ଗାଇ
ଦେଖିଯିବା ଆମେ ଯାତ ।

ଦୁମ୍‌ଦୁମ୍‌କା

ଦୁମ୍‌ଦୁମ୍‌କା
ବାପା ଆଣିଥିଲେ ତାଳ ଝୁମୁକା
ଝୁମୁକା ଝୁମୁକା ଝାଇଁ,
ପେଁ-ପେଁ ପେଁ ପେଁ କାଳିଟା
ଦେଇଥିଲେ ମୋତେ ଯାଇଁ ।

ଲୁନା ଏଇଠି ଲୁଚିଛି

ଲୁନା ଏଇଠି ଲୁଚିଚି,
ଗୋଡ ଦିଓଟି ଦିଶୁଚି
ମା' ଗଲେ ତାକୁ ଖୋଜିବ ପାଇଁ
ଖୁଁ ଖୁଁ ହୋଇ କାଶୁଚି ।

ଧିଂ ଧିତାଂ ଧିତାଂ ଢାଙ୍

ଧିଂ ଧିତାଂ ଧିତାଂ ଢାଙ୍
ବାଜଇ ମାଦଲ
ଶିଙ୍ଗାବାଜେ ପୁଁ ପୁଁ
ଝନ୍ ଝନ୍ ରୁମ୍‌ଝୁମ୍
ପାଦରେ ଘୁଙ୍ଗୁର ।
ଧିଂ ଧିତାଂ ଧିତାଂ ଢାଙ୍
ବାଜଇ ମାଦଲ ।

(ଘ) ଖାଦ୍ୟ ସମ୍ବନ୍ଧୀୟ :

ପଖାଳ

ପଖାଳରେ ପଖାଳ,
କିଏ ତୋତେ ନିତି ଖାଏ,
ହୋଇଗଲେ ସକାଳ,

ମାଛ ଭଜା, ଶାଗ ଭଜା,
ଆଳୁ ପୋଡା ସାଥିରେ
କିଏ ଖାଏ ଦିନବେଳେ
ମୁଁ ଖାଏ ରାତିରେ ।

ଖାଦ୍ୟ

ଭାତ ଖଟା ଶାଗ ମହୁର ଡାଲି
ରାନ୍ଧିଛନ୍ତି ମାଆ ସୁଆଦ ଭାରି
ମିଳିମିଶି ବସି ଖାଇବା
ଶେଷେ ଦୁଧପିଇ ଶୋଇବା ।

ଟୁସି ହୋଇବ ଖୁସି

ଆରିଷା କାକରା ଖଜା,
ଝୁରୁମା ମିଠେଇ ଗଜା
ଆଣିବେ ଆଜି ଆଈ,
ଖାଇଲେ ଟୁସି
ହୋଇବ ଖୁସି
ବୁଲିବ ଗୀତ ଗାଇ ।

ଗରମ ଗରମ ବାଦାମ ମୁଢ଼ି

ଗରମ ଗରମ ବାଦାମ ମୁଢ଼ି
କେମିତି ତାଜା

ଟଅକ ଟଅକ ହୁଅଇ ପାଟି
ଲାଗଇ ମଜା
ତହିଁରେ ଟିକେ ସୋରିଷ ତେଲ
ପକାଇ ଦେଲେ ଆହୁରି ଭଲ ।
ମସ୍ ମସ୍ ଯାଏ ମୁଁ ଖାଇ
ସକାଳ ଖିଆ,
ଗରମ ଗରମ ବାଦାମ ମୁଢ଼ି
କେଡ଼େ ବଢ଼ିଆ ।

ଗଜାମୁଗ ଆଉ କାକୁଡ଼ି କଷି

ଗଜା ମୁଗ ଆଉ କାକୁଡ଼ି କଷି
ଖାଇଦେଲି ଆଇ କୋଳରେ ବସି
ପାଟିକି ଲାଗିଲା ବଢ଼ିଆ
ଆଉରି ବଢ଼ିଆ ମିଶିଥିଲା ବୋଲି
ସରୁ ସରୁ ପାତି ନଡ଼ିଆ ।

ପକୁଡ଼ି ଆଉ କାକୁଡ଼ି

ବୋଉ ଛାଣିଦେଲା ପକୁଡ଼ି
ବାପା ଆଣିଦେଲେ କାକୁଡ଼ି
ପକୁଡ଼ି ସାଙ୍ଗରେ କାକୁଡ଼ି
ରାସୁ ରାସୁ କରି ଖାଇଦେଲା ଆଈ
ସଞ୍ଜକୁ ମାରିଲା ହାକୁଡ଼ି ।

ସଢ଼େଇରେ ଭାତ ତିଅଣ କେତେ

ସଢ଼େଇରେ ଭାତ ତିଅଣ କେତେ
କରିଛି ମାମୁନି କେମିତି ଏତେ
ଖାଇବାକୁ ଦେବ ଯତନ କରି
ପାଖରେ ବସିବ ମାଆଟି ପରି
ଗେଲ କରି ବାପା ନେଲେ କାଖେଇ
ମାମୁନି ହସିଲା କାଖରେ ଥାଇ

ଅଣ୍ଡା ଓ କ୍ଷୀର

କୁକୁଡା ଲୋ ତୁ ଦେ'ଲୋ ଅଣ୍ଡା
ଦେ'ଲୋ ଗାଈ କ୍ଷୀର,
ଖାଇବି ଅଣ୍ଡା ପିଇବି କ୍ଷୀର
ବଢ଼ିବ ବଳ ମୋର ।

ବାଦାମ ଭଜା

ଅଗଡଂ ବଗଡଂ
ବାଦାମ ଭଜା ରଗଡଂ
ଫୁର୍‌ର ହେଲା ବାଦାମ ଚୋପା
ଧୋବ ଫର ଫର ଭିତର ସଫା
ଭଜା ବାଦାମ ମୁସ୍‌ମୁସ୍
ଖାଇଲେ ମନ ହେବ ଖୁସ୍ ।

ଚଣା ମୁଠିଏ ଦେ

ଚଣାବାଇାରେ ଚଣାବାଲା ତୁ
ପଇସା ଦେଲି ନେ
ଆମରି ଟିକି ବେଙ୍ଗୁଲୀ ପାଇଁ
ଚଣା ମୁଠିଏ ଦେ ।
ଖାଇବା ଚିଜ ଦେଖିଲେ ମନ
ହୁଏ ତା ଖଲ ଖଲ
ଚଣା ମଟର ଚୋବାଇବାକୁ
ପାଏ ସେ ଭାରି ଭଲ ।

ଭଜା

ବଡି ଭଜା କୁଡୁ କୁଡୁ
ଆଳୁ ଭଜା ନରମ
ବାଇଗଣ ଭଜା ଭଲ
ହୋଇଥିଲେ ଗରମ

ମୁଢ଼ି ଓ ବରା

ମୁଢ଼ି ଭାଜିଲେ ମାଇଁ
ବରା ଛାଣିଲେ ଆଈ
କୁନି ବାବୁଲା ଖାଇବା ପାଇଁ
ହୋଇଲେ ହାଇଁ ପାଇଁ
ହସି କହିଲା ଆଈ

ଯାହାର ଯେତେ ହେଉଛି ମନ
ଖୁସିରେ ଯାଅ ଖାଇ ।

ତରକାରୀ

ଚୂନା ମାଛର ଚଡଚଡି,
କୋଶଳା ଶାଗ ଫୁଲ ବଡି ।
ଶେଉଳ ମାଛର ବେସ୍ତର,
କୁନାଟି ନସ୍ତର ପସର ।
ପରଷି ଦେଲେ ମାଆ,
କହିଲା କୁନା ଖାଆ ।

ଭୋଜି

ଡଲୀ ମିଲୀ ଦାମ ଦିବାକର
ଖେଳୁଥିଲେ କରି ଧୂଳିଘର
ଧୂଳିରେ ରାନ୍ଧିଲେ ଭାତ ଡାଲି
କ୍ଷୀରୀ ପିଠା ମାଛ ତରକାରୀ
ଆଉଜୁ ଆଣିଲେ ଖୋଜି
କହିଲେ ଖାଆଲୋ ଭୋଜି ।

ଶାଗ

ଶାଗ ଶାଗ ଶାଗ
ପଖାଳ ଭାତକୁ
କୋଶଳା ଶାଗ
ଲାଗେ ବଡ଼ିଆ ବାଗ
ସଜନା ପତର ଛନ୍ ଛନିଆ

ଖଡା ଲେଉଟିଆ ସୁନ୍ ସୁନିଆ
ଖାଇବ କିଏ ଆସ
ଶାଗ ଖରଡା
ଦେହକୁ ଭଲ
ଆସରେ ବେଗେ ବସ ।

ଆଳୁଦମ୍

ଦୁର ଭାଇ ଟିମ୍ ଟମ୍
ଖାଉଥିଲେ ଆଳୁଦମ୍,
ଲଙ୍କା ଖାଇ ହୁ ହା
ପାଟି କଲେ ସୁ ସା,
ଡେଇଁଲେ ସେ ଖପ୍ ଖପ୍
ଲୁହ ଗଡେ ଟପ୍ ଟପ୍,
ନାକ ହେଲା ସୁଁ ସୁଁ
କାନ କଲା ଘୁଁ ଘୁଁ,
ଝାଳ ବହେ ଗମ୍ ଗମ୍
ଦୁହେଁ ରାଗି ତମ୍ ତମ୍,
କଥା ହେଲେ ଟିମ୍ ଟମ୍
" ରାଗ ମିଶା ଆଳୁଦମ୍
ଖାଇବେନି ଏକଦମ୍" ।

ଦହି

ଦହି ଦହି ଦହି
ଭାତରେ ଖାଏ ମୁଁ ଦହି
ଖାଏ ମୁଁ ଭାତରେ ଦହି,
କୁଡୁରୁ ମୁଡୁରୁ ମୁଢ଼ି ସାଥିରେ
ଭାରି ବଢ଼ିଆ ଦହି,
ଚୁଡା ଦହି ମୁଁ ନିଇତି ଖାଏରେ
ସକାଳୁ ମୁହଁ ଧୋଇ ।
ଦହି ଦହି ଦହି ।

ପଖାଳ ଭାତ

ମା' ବାଢ଼ିଦେଲେ ପଖାଳ ଭାତ
ଖାଇବାକୁ କୁନା ଧୋଇଲା ହାତ
ବଡ଼ିଚୂରା କଲେ ମାଆ
ଆଣିଦେଲେ ଗୋଟେ କଶି କାକୁଡ଼ି
କହିଲେ, "କୁନାରେ ଖା" ।

ମୁଢ଼ି ନଡ଼ିଆ

ମା' ଥୋଇଦେଲେ ଡାଲାରେ ଆଣି
ମୁଢ଼ିରେ ମିଶେଇ ନଡିଆ,
ଖାଆରେ ଟୁକୁନା
ଖାଆରେ କୁନା
ପାଟିକି ଲାଗିବ ବଢ଼ିଆ ।

ଭୋଜି

ଆସରେ ସବୁ ଭାଇ ଭଉଣୀ
ଭୋଜି ରାନ୍ଧିଛି ଆଜିରେ ମଣି.
ଚାଉଳ ଡାଲି ପରିବା କିଣି
ଦେଇଛନ୍ତିରେ ମଉସା ଆଣି,
ଖେଚୁଡି ଆଉ ଆମ୍ବ ଚଟଣି
କେତେ ବଢ଼ିଆ ରାନ୍ଧିଛି ମଣି,
ଖାଇବ ଯଦିରେ ଭାଇଭଉଣୀ
ଥୁଅରେ ଆଣି ପତର ପାଣି ।

କଣ ଲାଗେ କେମିତି

ମୁସୁର୍ ମୁସୁର୍ ବାଦାମ ଭଜା
ମଟର ଭଜାଟି ଗୋଣ
ପାମ୍ପଡ଼ ଭଜାଟି କୁଡୁକଡିଆ
ଆମ ପାଇଁ ଖଣ୍ଡେ ଆଣ

ଗରମ ଗମର ମୁଢ଼ି

ଗରମ ଗରମ ମୁଢ଼ି
ଖାଇବ କିଏ ଡାକିଛେ ମା'
ପଠାଇଛନ୍ତି ଖୁଡି ।
ମାଆଙ୍କ ଡାକ ଶୁଣି
ଧାଇଁଲି ମୁହିଁ କହିଲି ମା'

ଦେ'ଲୋ ମୋତେ ମୁଢ଼ି
ଖାଇଲେ ମୁହିଁ
ହୋଇବେ ଖୁସି
ଦୂରରେ ଥାଇ ଖୁଡି ।

ଏଇଠି ଆସି ବସ

ହାଣ୍ଡିପାଖରେ ମାଠିଆ ଅଛି
ମାଠିଆ ପାଖରେ ଘଡି,
ଚୁକୁନି ରାନ୍ଧୁଚି ମାଛ ତିଅଣ
ପକେଇ ଆଳୁରେ ବଡି ।
ଆସରେ ଭାଇ ଆସ
ଖାଇବ ଯଦି ମାଛ ତିଅଣ
ଏଇଠି ଆସି ବସ ।

(ଙ) ଘରର ଜିନିଷ ପତ୍ର ସମ୍ବନ୍ଧୀୟ :

ଆଇନା

ଆଇନାରେ ଆଇନା
ଥରେ ଡାକୁ ଅନେଇ ଦେଲା
ଆମ ଟିକି ମଇନା
ଭାବିଲା ସିଏ ଆଇନା ଦିହେ
କିଏ ସେ ପୁଣି ଇଏ
କହିଲେ ମାଆ, "ଜାଣିନାହୁଁକି"
ତୁଇଟି ପରା ସିଏ ।

ସବୁ ଆମର ଲୋଡା

କଂସା, ତାଟିଆ, ଗରା,
ହାଣ୍ଡି, ମାଠିଆ, ସରା,
ମଶିଣା, ସପ, ଚଟ,
ଖଟୁଲି ଆଉ ଖଟ,
ଶିଳ ଓ ଚକି ଯାତା,
ସବୁ ଆମର ଲୋଡା ।

ମହମବତୀ

ମହମ ବତିରେ ମହମ ବତି !
ଦେଖିବାକୁ ତୁହି ସୁନ୍ଦର ଅତି,
ରାତିରେ ଲିଭିଲେ ବିଜୁଳି ବତି
ଖୋଜି ଆଣି ବୋଉ ତୋତେ ଜାଳନ୍ତି ।

ଦିଆସିଲି ଗୋଟି କାଇଁ

ବିଜୁଳି ଆଲୁଅ
ଗଲା ପଳାଇ,
ଗଲା ଚାରିଆଡ
ଅନ୍ଧାର ହୋଇ,
ଦିଆସିଲି ଗୋଟି
କାଇଁରେ କାଇଁ,
ମହମବତୀଟି
ଦିଅ ଜଳାଇ ।

ଆଇନା

ଏଇଟି କିଏରେ ଏଇଟି କିଏ ?
ମୋଓରି ପରି କୁନିଆଟିଏ
ଜିଭ ଦେଖାଏ
ପେଟ ଦେଖାଏ
ତାକି ମାରି ମାରି ହସୁଚି ସିଏ
ଏଇଟି କିଏ ରେ ଏଇଟି କିଏ ?
ମୋରି ପରି କାନ ଦୁଇଟି
ଛୋଟିଆ ନାକ ଛୋଟିଆ ପାଟି
ଭାଇ କହିଲା ହଉଚୁ ଭାବି,
ଆଇନାରେ ପରା ତୋଓରି ଛବି
କୁନିଆ ସିଏରେ କୁନିଆ ସିଏ ।

ମହମବତୀ

ବୋଉଲୋ ବୋଉ,
ବିଜୁଳି ଆଲୁଅ ଆସୁନି ଆଉ
ମହମ ବତୀଟି ଦେଉଛି ମୁହଁ
ଦିଆସିଲି ମାରି ଦେଏ ଜଳାଇ
ଅନ୍ଧାର ଯାଉ
ଆଲୁଅ ହେଉ

ପହଁରା ନେଲି

ପହଁରା ନେଲି
ଛାଞ୍ଚୁଣି ନେଲି
ଘର ଚାରିକଡ ଓଳେଇଦେଲି,
ଓଳେଇ ଦେଲିରେ
ଓଳେଇ ଦେଲି,
ଘର ଚାରିକଡ ସଫା ମୁଁ କଲି,
ଘର ଚାରିକଡ ସଫା ମୁଁ କଲି ।

ଆମ ବାସନ

ଆମ ଘର ଥାଳି, ବାଟି
ନୋଟା, ବେଲା, କରେଇ,
ଗିଲାସ, ବାଲଟି, ଡଙ୍କା,
ହାଣ୍ଡି, ହଣ୍ଡା, ସୁରେଇ
ତାଉଆ, ଖୁସୁଣି, କଡା
ଚାହା, କପ୍, ଥାଳିଆ
ସବୁ ସଫା ଚକ୍ ଚକ୍
କିଛି ନୁହେଁ ମଳିଆ ।

କେଉଁ ଥିରେ କଣ କରିବା

ହାଣ୍ଡିକି ଭାତ ହଣ୍ଡାକୁ କ୍ଷୀରୀ
କରେଇକି ମାଛ ଭଜା
ରୁଟି ସେକା ପାଇଁ ତାଉଆଟିଏ
ଥାଳିକି ଡେକ୍‌ଚି ଖୋଜା

ନୋଟା ବାଇଟିରେ ରହିବ ପାଣି,
ସଜେଇତ ବୋଉ ରଖିଛି ଆଣି ।

ଆମ ଘରେ ଥିବା ବିଜୁଳି ଚିଜ

ଫ୍ୟାନ୍ ଘୂରିଲେ ସାଇଁ ସାଇଁକି,
ଶୀତଳ ଲାଗେ ଘରଟା,
ହିଟର ଉପରେ ତାଉଆ ଥୋଇ
ବୋଉ ସେକନ୍ତି ପରଟା ।
ବିଜୁଳିବତୀ ରାତିରେ ଜଳେ
ଫରଚା ଦିଶେ ଘର
ଆଇରନ୍‌ରେ ଇସ୍ତ୍ରୀ ହୁଏ
ଜାମା ପେଣ୍ଟ ମୋର ।

ଘଡି କରେ ଟିକ୍ ଟିକ୍

କାନ୍ଥ ଘଡି କରେ ଟିକ୍ ଟିକ୍
ଟେବୁଲ ଘଡି ମୋ ଟିକ୍ ଟିକ୍
ମୋ ହାତର ଏଇ ଖେଳନା ଘଡି
କରୁନାହିଁ କିଆଁ ଟିକ୍ ଟିକ୍
ଆଣିଦିଅ ମାଆ ସେମିତି ଘଡି
କରୁଥିବ ଯିଏ ଟିକ୍ ଟିକ୍ ।

(ଚ) ପିଲାମାନଙ୍କ ସଂପର୍କରେ :

ଧନମାଳୀ

ତାଳି ତାଳି ତାଳି
ଉଠ ଧନମାଳୀ
ଦେଖରେ ପାହି ଗଲାଣି ରାତି
ରାବନ୍ତି କୁଆ କଜଳ ପାତି
ଶୋଇଛ ତୁମେ ଖାଲି
ଉଠରେ ଧନମାଳୀ ।

ଛେଳି ଛୁଆ

ଛେଳି ଛୁଆଟି ମେଁ ମେଁ ଛୁଆଟି
କେତେ ସୁନ୍ଦର ମାରୁଛି ଡିଆଁ,
ମାଆ ଯାଉଛି ଚରିବା ପାଇଁ
ମେଁ ମେଁ ହୋଇ ବୋବାଉ କିଆଁ ?
ଲାଗୁଚି କିରେ ଭୋକ ?
ଅଁଳ ଘାସ କେରାକ ଖାଇ
ଡେଉଁଥା ଫକ୍ ଫକ୍ ।

ରାମ

ରାମ ସବୁଥିରେ ଆଗ
ମନରେ ନ'ଥାଏ ଟିକିଏ ରାଗ
କାମ ତାର ବଡ ବାଗ ।
ସାଇ ପିଲାଙ୍କୁ ସେ ନେଇ

ଝାଡୁ ଧରି ଗାଆଁ କରେ ସଫେଇ
ତା'ପରି ତ ନୁହେଁ କେହି ।

କୁନି ଆମର କଥା କହୁଛି

କୁନି ଆମର କଥା କହୁଛି
ଲାଗଇ ଗୁଲୁଗୁଲିଆ
ଏବ ତ ସିଏ ଚାଲି ଶିଖୁଛି
ହେଉଛି ଟୁଲୁବୁଲିଆ
ଚାଲି ଚାଲିକା ପଡି ଯାଉଛି
ଉଠି ପଡି ସେ ହସି ଦେଉଛି ।

ବାବୁଲା ହେଲା ଖୁସି

କାନ୍ଦୁଥିଲା ଦିନେ
ଆମରି ବାବୁଲା
ବସିଥିଲା ସିଏ ରୁଷି,
ଜେଜେ ଦେଲେ ଗୋଟେ
ପାଚିଲା ପିଜୁଳି
ପାଇ ହେଲା ବଡ ଖୁସି ।

କୁନି ଝିଅଟି ଶୋଉନି କିଆଁ

କୁନି ଝିଅଟି ଶୋଉନି କିଆଁ ବୋଉ
ମିଟି ମିଟି ହୋଇ ଚାହିଁଛି
କେତେବେଳେ ସିଏ ହସୁଛି
କେତେବେଳେ ସିଏ କାନ୍ଦୁଛି ।

କୁନି ଝିଅଟା ଶୋଉନି କିଆଁ ବୋଉ
ଭୋକ ଜି ତାହାକୁ ଲାଗୁଛି
ତୋତେ ଦେଖି ସିଏ ହସୁଛି
ମୋତେ ଦେଖି ସିଏ ରୁଷୁଛି

ଟିକ୍ ଜିନି ଡେଲା ହସି

ମୁଣ୍ଡରେ ସିନ୍ଦୂର ଅଳତା ବୋଳି
ପିନ୍ଧିଛି ଚୁନିଆ ଅପାର ମାଟି
ଅପା କହି ଖାତା ହାତରେ ଧରି
ଚୁନିଆ ଯାଉଛି ଲସ୍କୁଇ କରି
ଅପା ଦେଖି ଡେଲା ଆସି
ତରରେ ଚୁନିଆ ବହି ଖାତା ଛାଡି
ଡେଲା ଟିକ୍ ଜିନି ହସି ।

ସୋନୁ ଆମ ପୁନା

ସୋନୁ ଆମ ପୁନାପିଲା
ଜଆଟି ତା ଧୀର
ସବୁ କାମକୁ ବାହାରି ପଡେ
ଆଗ ହୋଇଣ ବୀର
ଜେଜରେ ଖାଏ....ଜେଜରେ ଶୁଏ
ସିଟୀ ପୁତୁରା ଥାଏ
ଅଓଟ କେବେ ହୁଏନି ଜମା
ପୁନା ପିଲା ସିଏ...।

ମୁନ୍ନା ଗୋଟେ ସୁନା ପିଲା

ଜହ୍ନ ଆସି କହିଗଲା
ମୁନ୍ନା ଗୋଟେ ସୁନାପିଲା,
ଫୁଲ ବାସ ଜହିଗଲା
ମୁନ୍ନା ଗୋଟେ ସୁନାପିଲା,
କୋଇଲି ଗୀତ ଗାଇଗଲା
ମୁନ୍ନା ଗୋଟେ ସୁନାପିଲା,
ଗେଲରେ କହିଲେ ବୋଉ
ମୁନ୍ନା ଆମ ସୁନାପିଲା ।

ଆମରି ବୁଲି

ଝାମ୍ପୁରା ଝାମ୍ପୁରା ବାଳ
ପୂରିଲା ପୂରିଲା ଗାଲ ।
ଡୋଳା ଡାର କଳା କଳା
ଦାନ୍ତ ସବୁ ଧଳା ଧଳା ।
ଚାଲୁଥାଏ ଝୁଲି ଝୁଲି
ସିଏତ ଆମର ବୁଲି ।

ସୁନା ଝିଅ ପିପି

ପିପି ଆମ ସୁନାଝିଅ
ଦୁଧଭାତ ଖାଇବ,



ଆଈ ଦେଲେ କଳାପାତି
ଜଜା ପଟେ ନାଇବ,
ଅଜା ଦେଲେ ନାଲିଜାମା
ଜନମ ଦିନ ପିନ୍ଧିବ,
ମାଇଁ ଦେଲେ ରିବନ୍‌ଟିଏ
ମୁଣ୍ଡେ ତା'ର ବାନ୍ଧିବ ।

କଅଁଳ ପତର ଛନ୍ ଛନିଆ

କଅଁଳ ପତର
ଛନ୍ ଛନିଆ.
କଅଁଳ ପିଲାଟି
କୁନ୍‌ମୁନିଆ
କୁନ୍‌ମୁନ୍ ଦେଲା ହସି,
ହସରେ ହସରେ
ହେଲା ତାଳିମାଡ
ସବୁ ପିଲା ହେଲେ ଖୁସି ।

କୁନୁମୁନି ଶୋଇଯା

ଟିକ୍ ଟିକ୍ ଟିକ୍
ଘଡିଚାଲେ ଟିକ୍
ଆଖିଖୋଲି କୁନୁମୁନି
ହସେ ଫିକ୍ ଫିକ୍ ।





କୁନୁମୁନି କୁନୁମୁନି
ମୋ କୋଳକୁ ଆ,
ଝୁଲା ହାତୀ କରୁଛି ତୋତେ
ଯା ତୁ ଶୋଇ ଯା ।

ତୁ କି ଶୋଇବୁ ନାହିଁ

କୁନି ଚଢ଼େଇଟ ଶୋଇ ପଡିଲାଣି
ମାଆ କୋଳରେ ଯାଇ
ଖେଳି ଖେଳି ବାବୁ ଥକି ପଡିଲୁଣି
ତୁ କି ଶୋଇବୁ ନାହିଁ ?
ଚଢ଼ଇଟି ଗପ ଶୁଣାଉଛି
ଛୁଆକୁ ଶୁଆଇ ଦେଇ
ତୋତେ ମୁଁ କହୁଛି ଗପଟିଏ ବାବୁ
ଧୀରେ ଧୀରେ ଯାଅ ଶୋଇ

ନିଦ ମାଉସୀ

ନିଦ ମାଉସୀ ଲୋ ନିଦ ମାଉସୀ
କୁନ୍‌ମୁନ୍ ଆମ ହେଉଛି ଖୁସି
ଆଉ ଟିକେ ପରେ ପଡିବ ଶୋଇ
ସପନ ଦେଖିବ ନିଦରେ ଥାଇ
ନିଦ ଭାଙ୍ଗିଗଲେ ଉଠିବ ବସି
ଗୁଲଗଲ କଥା କହିବୁ ହସି

ନିଦ ମାଉସୀ ଲୋ ନିଦ ମାଉସୀ
ମୋ କୁନିର ଆଖି ଦେ ଆଉଁସି ।

ସୂରୁଜ ହସେ ଜହ୍ନ ହସେ

ସୂରୁଜ ହସେ ଜହ୍ନ ହସେ
ହସଇ ଜେତେ ଫୁଲ
ମାଆ କହନ୍ତି ହସିଲେ ତୁହି
ସବୁଠୁ ଲାଗେ ଭଲ ।

ମୁଁ ତ ସାହାସୀ ପିଲା

ବାଘ ମାମୁଁ ପରା ବଣର ରଜା
ଦାନ୍ତ ଏତେ ଏତେ ନଖ ତା ଗୋଜା ।
ମତେ ଯଦି ସେଠି ହୁଅନ୍ତା ଖୋଜା
କେମିତି ସତରେ ହୁଅନ୍ତା ମଜା ।
ବଡ ସାହସରେ ଯାଆନ୍ତି ଧାଇଁ
ଆଖି ତରାଟି ମୁଁ ରହନ୍ତି ଚାହିଁ ।
ଡରି ଯାଇ ବାଘ ପଳାନ୍ତା କାହିଁ
ମୁହଁ ସେ ଲୁଚାନ୍ତା ବଣରେ ଯାଇ ।

ମୁଁ ଯେବେ ବଡ ହେବି

ମୁଁ ଯେବେ ବଡ ହେବି
ରକେଟ୍ ଚଢ଼ି ଯିବି,
ଚନ୍ଦ୍ର ଦେଶର ପାହାଡ
ବଣ ପରୁବତ ଦେଖିବି ।

ଉଠୁନୁ ଜୁନା

ଶୀତରେ ଜୁନା ଉଠୁନି ଜମା
ଡାକିଲେ ଉହେ ହୁଁ....
ଉହୁଁଇ ଜାଡି ଆଉ କହିଲେ,
ଜାଡୁରେ ନିଆଁ ପୁଁ....
ମୁହଁ ଧୋଇଲା ଜୁନା
ନିଆଁ ପୁଉଁଲା ସାଙ୍ଗରେ ଧରି
ତା ସାଙ୍ଗ ଟୁନା, ମୁନା ।

ଛୁଟି ଜହିଲା ଟା---ଟା

ହେଲା ଯେମିତି ଅଫିସ ବେଳ
କାଢ଼ିଲେ ବାପା ସାଇକେଲ,
ଆଗରେ ବସି ଆମରି ଛୁଟି
ଟିନ୍ ଟିନ୍ କରି ମାରିଲା ଘଣ୍ଟି
ମାଆ ଆଣିଲେ କୋଳେଇ ତାଜୁ
ବାପା କହିଲେ ଆଆ....
କୁନି ହାତକୁ ନଟି ହଲାଇ
କହିଲା ଟା...ଟା... ।



କୁନି ଓ ମୁନି

କୁନି, ମୁନି ବୋଲି
ଦୁଇଟି ପିଲା
ଖେଳୁଥିଲେ ଦିନେ ପୁଚି,
କୋଉଠୁ ଆଇଲା
ଘରଚଟିଆ
ଗାଇଲା କିଚିରିମିଚି
କୁନି ମୁନି ଦୁହେଁ ହୋଇଲେ ଖୁସି,
ଚୁପ୍ ଚାପ୍ ହୋଇ ଚାହିଁଲେ ବସି ।

ଜୁନୁମୁନି

ବାପାଙ୍କର କଲମ ଆଣି
ଭାଇଙ୍କର ଖାତାକୁ ଟାଣି
କଅଣ ସବୁ ଲେଖିଯାଉଛି
ଆମରି ଜୁନୁମୁନି,
ଛଡେଇ ନେଲେ କାନ୍ଦୁଛି ଖାଲି
ହେଉନି ସିଏ ତୁନି ।

ମୂଷି ତୋହର ଦାନ୍ତକୁ ଦେ

ମୂଷିରେ ମୂଷି
ଟୁଉକୁ ମୂଷି
ଭାଇନା ଭାଙ୍ଗିଲା ଦାନ୍ତକୁ ନେ'
ତୋହର ଟାଣୁଆ ଦାନ୍ତକୁ ଦେ'

ଚଣା ଖାଇବ ସେ କାତୁମାତୁ ।
କାକୁଡି ଖାଇବ ଭାତୁଭାତୁ ।

କେମିତି ଖାଇବି ?

କେମିତି ଖାଇବି କହଲୋ ଅପା
କେମିତି ଖାଇବି କ୍ଷୀରୀ
ମୋର ତ ଟିକି ପତରଟିଏ
ସିଏ ପୁଣି ଗଲା ଚିରି
କୁକୁର ଛୁଆ ବିଲେଇ ପାଇଁ
କେଉଁଥିରେ ନେବି କହୁନୁ
କେଉଁଠି ଅଛି ମୋ ଟିକି ଗିନାଟି
ଖୋଜି ଆଣି ମୋତେ ଦଉନୁ ।

ଦୁଇ ଭାଇଙ୍କ ରୋଷେଇ

ଯାଉଚି ମୁହିଁ ଚାଉଳ ଡାଲି
ପରିବା ଲୁଣ ପାଇଁ
ନିଜ ହାତରେ ରୋଷେଇ ଆମେ
କରିବା ଦୁଇ ଭାଇ
ଥାଳି ତାଟିଆ ଡେକଚି ଧୋଇ
ଲଗାଇଥିବୁ ଚୁଲ୍ଲୀ
ବାପାଙ୍କୁ ଡାକି ମାଆଙ୍କୁ ଡାକି
ଖୋରବା ଭାତ ଡାଲି ।

ସରକି ଫର ନାହିଁ

ଆଈ କହିଲେ କିଏ ରେ ?
ନାତି କହିଲା ଇଏ ରେ ।
କଅଣ କରୁଚୁ ତୁ....
ସର ଖାଉଛି ମୁଁ....
ଆଈ ଦେଖିଲେ ଯାଇ
ସରକି ଫର ନାହିଁ ।

ଜୁନୁ କିଛି ଖାଇନାହିଁ

ଜୁନୁ ମୁହଁ ଶୁଖାଇଛି
କିଛି ଖାଇ ନାହିଁ
ଦିଅ ତାକୁ ଭାତ ମାଛ
ଖଡ଼ା ବଡ଼ି ରାଇ
ଖାଇସାରି ନାଚୁଥିବା
ତାଳ ଦେଇ ଦେଇ
ଆଈ ବସି କହୁଥିବେ
ତାକ୍ ଥେଇ ଥେଇ ।

ରୋଷେଇ ଘରେ ବହୁତ କାମ

ମୁନା କହିଲା, କଣ୍ଢେଇମାନେ
ନିଜ ଭିତରେ ଖେଳଁ ।

ଆଜିତ ମୋତେ ଖେଳିବା ପାଇଁ
ନମିଳେ ଟିକେ ବେଳ ।
ରୋଷେଇ ଘରେ ବହୁତ କାମ
ମା' ଦିହ ଭଲ ନାହିଁ
ରାନ୍ଧିଲେ ମୁହିଁ ଖାଇବେ ସିନା
ଫେରିଲେ ବାପା ଭାଇ

ରୂପା କରେ ରୋଷେଇ

ବୋଉ ଆସିଲେ ବାରି ଆଡ଼କୁ
ରେଷେଇ ଘର ଛାଡି
ଚୂଗଲି ରୂପା ରୋଷେଇ କଲା
ପିନ୍ଧି ବୋଉଙ୍କ ଶାଢ଼ୀ,
ସେତିକି ବେଳେ ବାପା କହିଲେ
ଏଇ ବୋହୂଟି କାହାର ?
ଓଢ଼ଣାକାଢ଼ି ଦେଖେଇ ଦେଲା
ହସିଲା ମୁହଁ ତାହାର ।

କହିବ ଗୋଟିଏ କଥା

କହିବି ଗୋଟିଏ କଥା
ହଲଉ ଥିବୁ ମଥା...
ଥିଲା ଏକ ହାତୀ
ଭାଲୁ ତା'ର ସାଥୀ

ହେଲା ତାକୁ ଜ୍ୱର
ଭାଲୁ ଗଲା ଡ଼ାକିବାକୁ
ହନୁ ଡ଼ାକତର ।''

ଲିକିରେ ଲକି

ହନୁମାଙ୍କଡ଼ ଆସିଲା ଧାଇଁ
ଛାତ ଉପରେ ବସିଲା ଯାଇ ।
ରାନୁ ଡାକିଲା ଲକିରେ ଲକି
କୁକୁର ଲକି ବସିଲା ଛକି ।
ଖିଙ୍କାରି ଦେଇ ମାଙ୍କଡ଼ ଡିଏଁ
ଲକିଟି ଦାନ୍ତ ନିକୁଟି ଦିଏ ।
ରାନୁ ନଚ଼ିଲା ଥେଇକି ଥେଇ
କଣ୍ଢେଇ ତକ ଫୋପାଡ଼ି ଦେଇ ।

ଶିବେଶ ହେବ ବାବୁ

ମାଆଙ୍କ ଆଗେ
ଶିବେଶ୍ ମାଗେ —
''ସାଆଟ ଦିଅ
ପେଣ୍ଟ ଦିଅ,
ଯୋତା ଦିଅ
ଛତା ଦିଅ
ଟୋପି ଦିଅ —''
ବାବୁ ହୋଇବ ସିଏ,

ବାଳିଆ ଖାଇବ କଅଣ ?

ଆମରି ଗାଆଁର କାଳିଆ
ଧରିଲା ଗୋଟିଏ ବାଳିଆ ।
ବାଳିଆ ମାଛର ଫାଳିଆ ପାଟି
ମାଆ ରଖିଥିଲେ ବେସର ବାଟି
ଜାଟି କୁଟି କଲେ ତିଅଣ,
ଖାଇ ଦେଲା ସବୁ ଭୁଆ ବିଲେଇ
କାଳିଆ ଖାଇବ କଅଣ ?

ସୁନା ଚଢ଼େଇ ପର

ଥିଇରି ଥିରି
ଟୁକୁନା ଯାଏ
ଠୁକୁରୁ ଠୁକୁ ଚାଲି,
ଟିକେ କଥାରେ
ଆମ ଟୁକୁନା
ହସଇ ଖିଲି ଖିଲି
ଯିବ ସେ ମାମୁଘର
ଫେରିଲା ବେଳେ
ଆଣି ଆସିବ
ସୁନା ଚଢ଼େଇ ପର ।

ଜିନି ଓ ମିନି

ଜିନି ଗଲା ମିନି ଘରକୁ
ଖେଳିବ ବୋଲି ଡ଼ାକିଲା ତାକୁ
କବାଟ କଲା ଠକ୍ ଠକ୍
ମିନି ଆସିଲା ଚଟ୍‌ପଟ୍
ଜିନି ମିନି ଦେଲେ ଚମ୍ପଟ୍ ।

ପାଚିଲା ପାଚିଲା କେନ୍ଦୁ ଖାଇବା

ଆ, ଆଲୋ କୁନିଆ ବଣକୁ ଯିବା
ପାଚିଲା ପାଚିଲା କେନ୍ଦୁ ଖାଇବା
ବାଘ ଆସିଲେ ତୁ ଡ଼ରିବୁ ନାଇଁ
ସାଙ୍ଗରେ ଅଛିଲୋ
ମୁଁ ତୋର ଭାଇ ।

କୁନି ଝିଅ ହୁଏ ମାଲିସ

କୁନି ଝିଅ ହୁଏ ମାଲିସ୍
ଦେହ ତା' ଦିଶୁଛି ପାଲିସ୍
ଘସି ମାଜି ହୋଇ ଗାଧୋଉଚି ସିଏ..
ଟବ ଭିତରେ ପଶି
ତେଲ ଦେ ଲଗାଇ...ଗାଧୋଇବି ମୁହିଁ
ପାଣି କୁଣ୍ଡଟିରେ ବସି ।

କରିବି ଛବି କେତେ

ପେନ୍‌ସିଲଟି ଦେଏ ଲୋ ବୋଉ
ରବର ଦେ ମୋତେ
ଗାର ଟାଣି ଟାଣି କରିବି ଛବି
ଦେଖିବୁ ତୁହି ଯେତେ ।
ଘୋଡ଼ା କରିବି ହାତୀ କରିବି
ବାଘ କରିବି ଭାଲୁ କରିବି
ଖରାପ ହେଲେ ଲିଭେଇ ଦେବି
କରିବି ଛବି ମୁଁ କେତେ
ପେନ୍‌ସିଲଟି ଦେଏ ଲୋ ବୋଉ
ରବର ଦେ ମୋତେ ।

ହୋଇବି ମୁହିଁ ବୀର

କଦଳୀ ଖାଆ କମଳା ଖାଆ
କ୍ଷୀର ପରି କିଏ ହେବରେ
ନାଚ୍ କହ ଖେଳ କହ
ଗୀତ ପରି କିଏ ହେବରେ !
କଦଳୀ ଖାଇ କମଳା ଖାଇ
ପିଇବି ଯଦି କ୍ଷୀର
ନାଚ୍ ଖେଳି ଗୀତ ଗାଇବି
ହୋଇବି ମୁହିଁ ବୀର ।

ଜନମ ଦିନ

ବାବୁଲିର ଆଜି ଜନମଦିନ
ନୂଆ ଜାମା ପେଣ୍ଟ ପିନ୍ଧିଛି
ଭୋଜି ପାଇଁ ମାଆ କ୍ଷୀରୀ ଖେଚେଡ଼ି
ପିଠା ପଣା କେତେ ରାନ୍ଧିଛି ।
ବାବୁଲି ଡ଼ାକୁଛି ସାଙ୍ଗ ସାଥିକି
ଭୋଜି ଖାଇବାକୁ ମଜାରେ
ବାବୁଲୀ ହେଉଛି ସବୁଠୁ ଖୁସି
ବୋଉ କହନ୍ତି ମୋ ରଜାରେ ।

ମାଆକୁ ଜର

ଜାଣିଲୁଣି କିଲୋ ଶାନ୍ତି,
ଘୋଡ଼େଇ ପୋଡ଼େଇ ମା ଶୋଇଛି
ମାଆର ଦେହରେ ତାତି ।
ମାଆକୁ ହୋଇଛି ଜର
ବାସନ ମାଜିମୁଁ ଘର ଓଳାଇବି
ରନ୍ଧା ରନ୍ଧି ତୁଇ କର ।

(ଛ) ପଶୁ ପକ୍ଷୀ ଜଗତ ସମ୍ବନ୍ଧୀୟ :

ବାଇ ଚଢ଼େଇ

ବାଇ ଚଢ଼େଇରେ
ବାଇ ଚଢ଼େଇ

ବାଆ କଲେ ବସା ,
ଦୋହଲୁ ଥାଉ ।
ଖରା ତରା ତୋତେ
ଲାଗଇ ନାଇଁ
ବାଇ ଚଢ଼େଇରେ
ବାଇ ଚଢ଼େଇ ।

ଟିକି ଚଢ଼େଇ

ଟିକି ଚଢ଼େଇରେ ଟିକ ଚଢ଼େଇ
ଟିକି ଦେହ ତୋର କିଏ ଗଢ଼ଇ ?
ଟିକି ଡେଣା ଛାଡି ଉଡ଼ି ତୁ ଯାଉ
ଟିକ ଥଣ୍ଟେ ତୋର ଆହାର ଖାଉ ।
ଟିକି ଗଳାରେ ତୁ ଶୁଣାଉ ଗୀତ
ତୋ ସାଥୀରେ ମୁଁ ବସିବି ମିତ ।

ବାଇ ଚଢ଼େଇ

ଝରକା ବାଟେ ଦେଖିଲା ମୁନା
ତାଳ ଗଛରେ ବାଇ ଚଢ଼େଇ,
କହିଲା ମୁନା ମାଆଲୋ ମାଆ
ବାଇ ଚଢ଼େଇ ମାଆକି ନାହିଁ ?
ତୁମେତ ମୋର ରହିଛ ମାଆ
ତା' ମାଆଟି କାହିଁ
ମୋ କ୍ଷୀରରୁ ଅଧେ ତାହାକୁ
ଦିଅ ଖାଇବା ପାଇଁ ।

ଘୁମ୍ ଘୁମ୍ ପାରା

ଘୁମ୍ ଘୁମ୍ ପାରା ଘୁମ୍ ଘୁମ୍
ମୋ ପାଦେ ଘୁଙ୍ଗୁର ରୁମ୍ ଝୁମ୍
ଆମ ଆଗଣାକୁ ଆ
ନାଚିବା ଗାଇବା ଏଇଠାରେ ଆମେ
ମନ ସନ୍ତୋଷରେ ଯାଆ ।

ଟିକି ଚଢ଼େଇ

ଟିକି ଚଢ଼େଇ ଟିକି ଚଢ଼େଇ
ଉଡ଼ି ଯାଆ ତୁ ଡ଼େଣା ହଲେଇ
ଟିକି ଚଢ଼େଇ ଟିକି ଚଢ଼େଇ
ଖେଳିବାକୁ ତୋ ବେଳ କି ନାହିଁ
ଟିକି ଚଢ଼େଇ ଟିକି ଚଢ଼େଇ
ଟିକି ଟିକି ପର ଦେ ଝଡ଼େଇ ।

ବାଇ ଚଢ଼େଇ ବାଇ ଚଢ଼େଇ

ବାଇ ଚଢ଼େଇ ! ବାଇ ଚଢ଼େଇ !
ସୁନ୍ଦର ତୋର ଘର,
କୋଉଠୁ ଏତେ ଶିଖିଲୁ ବାଗ
ଗଢ଼ିଲୁ ବସା ତୋର ।
ହେଉରେ ଯେତେ ବରଷା ଝଡ଼ି
ଖାତର ତୋର ନାଇଁ
ବାଇ ଚଢ଼େଇ ବାଇ ଚଢ଼େଇ
ତୋପରି କିଏ କାଇଁ ।

ଟିକି ଶୁଆଟି କେଉଁଠି ଶୁଏ

ମାଆଲୋ ମାଆ
ମାଆଲୋ ମାଆ
ଜୁନି ଶୁଆଟି
କେଉଁଠି ଥାଏ ?
ମୋପରି ସିଏ ଭାତ କି ଖାଏ ?
ମୋପରି ସିଏ ପାଣିକି ପିଏ ?
କେଉଁଠି ରହେ ସିଏ
କେଉଁଠି ଶୁଏ
ଶେଜରେ ଶୁଏ କି
ଗଛରେ ଶୁଏ ?

ମୟୂର ଭାଇ

ମୟୂର ଭାଇରେ ମୟୂର ଭାଇ
କି ସୁନ୍ଦର ନାଚୁ ପୁଚ୍ଛ ମେଲାଇ
ଦେହ ତୋର ଚ୍‌କ୍ ଚ୍‌କ୍
ନାଚିବି ତୋ ସଙ୍ଗେ ଥେଇଥେଇକ
ଡେଇଁ ଡେଇଁ ଫକ୍ ଫକ୍ ।

କାଉ

କାଉ ଛୁଆଟିର ଦେଖ
କେଡ଼େ ବଡ଼ ଆଁ
ଆଁ ଖୋଲି ଦିଏ ସେ
ଆସି ଗଲେ ମାଆ,

ମାଆ ଖୁଏଇ ଆହାର,
କହେ ଶୋଇଯାଆ,
ଶୁଏ ନା ସେ ଟିକି ଛୁଆ
କରେ କା' କା' ।

ମାଛରଙ୍କା

ମାଛରଙ୍କାରେ ମାଛରଙ୍କା
ଉପରେ ଉଡୁ ଥାଉ
ସାଇଁକିନା ଆସି ଟୁବ୍‌କିନା ବୁଡି
ଟିକି ମାଛ ଧରି ଖାଉ
ଲାଞ୍ଜଟି ହଲାଉ ଥାଉ ।

କଜଳପାତି

କଜଳପାତି କଜଳପାତି
ଚ୍‌କ୍ ଚ୍‌କିଆ ପର,
କେମିତି ଏତେ
ସକାଳୁ ଉଠେ
କୋଉଠି ତା'ର ଘର ।
ଦିନଟା ସାରା କୁଆଡେ ବୁଲେ
ବେଳ ବୁଡ଼ିଲେ ଆସେ,
ପୁଉଣି ସେଇ ବାଡ଼ କଣରେ
ଲାଞ୍ଜ ହଲେଇ ବସେ ।

କୋଇଲି

କୋଇଲି ଲୋ କୋଇଲି
ଶୁଣି ତୋର ମିଠାଗୀତ
ଖୁସି ମୁହିଁ ହୋଇଲି ।
କହିବୁ କି ଫିଟାଇ ?
କଳାରୂପ ପତ୍ରମେଳେ
ରଖୁ କିପାଁ ଲୁଚାଇ ?
ପଦାକୁ ତୁ ଆଆଲୋ
ତୋର ସାଥେ ଗାଇଲେ ମୁଁ
ଉଚ୍ଛୁଳିବ ଗାଆଁଲୋ ।

କେଉଁ ଚଢ଼େଇ କେମିତି

ଚଢ଼େଇମାନଙ୍କୁ ଡାକିଛି ମିଟୁ
ବସିଛି ବାଟ ଚାହିଁ,
ଶାଗୁଆ ଜାମା ପେଣ୍ଟ ପିନ୍ଧି
ଶୁଆ ଆସିଲା ଧାଇଁ ।
ଧୋତି ପଞ୍ଜାବି ଫଅର ଫର
ବଗଲା ଭାଇ ଆସ
କାଳିଆ କୋଟ୍ ଲଗେଇ କାଉ
ମିଳିଲା ତାଙ୍କ ପାଶେ ।

ଟିପି ଟିପିକା ଜାମାଟା ପିନ୍ଧି
ବେକରେ ବାନ୍ଧି ଟାଇ
ଆସିଲା ପାରା ଭାଇ
ନାଲି ରିବନ୍ ମୁଣ୍ଡରେ ବାନ୍ଧି
କୁକୁଡା ଧୀରେ ଯାଏ
ମୟୂର ପିନ୍ଧି ଜରି ଜାମାଟି
ଟେକିଛି ଛତାଟିଏ ।

ବଣି ଚଢ଼େଇ

ବଣି ଚଢ଼େଇରେ ବଣି ଚଢ଼େଇ
କୁଆଡ଼େ ଯାଉଛୁ ଡେଣା ମେଲେଇ
ଛୁଆ ତୋର କରେ କିସ
ମୋ କଣ୍ଢେଇ ଛୁଆ ଖେଳରେ ମାତିଛି
ହୋଇଛି ତ କେତେ ବେଶ ।

ପାରା

ଉଡ଼ି ଉଡ଼ି ଆ'ରେ ପାରା
ଉଡ଼ି ଉଡ଼ି ଆ
ତୋ ପାଇଁ ମୁଁ ଧାନ ରଖିଚି
ଖୁଣ୍ଟି ଖୁଣ୍ଟି ଖା ।
ଚାଲି ଚାଲି ଆ'ରେ ପାରା
ହଲି ହଲି ଆ
ଖାଇବାକୁ ଦେବିରେ ତତେ
ଯା' ଚାହିଁବୁ ତା ।

ବତକ ଛୁଆର ପହଁରା ଶିଖା

ମା ସାଥିରେ ବତକ ଛୁଆ
ଗଲାଦିନେ ପୋଖରୀ,
ଯାଉ ଯାଉ ଭୁସ୍‌କିନା
ଗଲାସିଏ ଖସରି
କ୍ୱାକ୍, କ୍ୱାକ୍, କାନ୍ଦିଲା ଛୁଆ
ମା' କହିଲେ ଆ
ପହଁରା ମୁଁ ଶିଖେଇ ଦେବି
ଆ' ମୋ କୁନି ଛୁଆ ।

ପଞ୍ଜୁରୀ ଭିତରେ ଟିକି ଚଢ଼େଇ

ପଞ୍ଜୁରୀ ଭିତରେ ଟିକି ଚଢ଼େଇ
ଆକାଶରେ ଡାକୁ ଦେଲି ଉଡ଼େଇ ।
ବଣର ଚଢ଼େଇ ବଣକୁ ଗଲା
ମନ ଫୁଲାଣିଆ ଗୀତ ଗାଇଲା ।

କାଉ କଲାଣି କା'

କାଉ କଲାଣି କା
ଡ଼ାକି ଦେଲେଣି ମା
ଉଠ୍ କୁନା
ଉଠ୍ ମୁନା
ଦାନ୍ତ ଘଷିବ ଯା ।



ପିଠା କରିଚି ସରୁ ଚକୁଳି
ପେଟ ପୂରା ଖା ।

ଚଢ଼େଇ ଯଦି ହୋଇ ଥାଆନ୍ତି

ଚଢ଼େଇ ଯଦି ହୋଇ ଥାଆନ୍ତି
ଜହ୍ନ ମାମୁକୁ ଉଡ଼ି ଯାଆନ୍ତି
ମାଇଁ କରନ୍ତେ କୋଳ,
ମାମୁ ଘରର ପିଲାଙ୍କ ମେଳେ
ଖେଳନ୍ତି କେତେ ଖେଳ ।

ଚଢ଼େଇ କଥା

ହଳଦୀ ବସନ୍ତ ହଳଦୀ ଗୁରୁ
ଶାଗୁଆ ଦିଶେ ଶୁଆ
ମୟୂରଟି କେଡ଼େ ରଙ୍ଗ ଢ଼ଙ୍ଗିଆ
ନିପଟ କଳା କୁଆ
ହଳଦୀ ବସନ୍ତ ଗାଆରେ ଗୀତ
କଥା କହନ୍ତୁ ଶୁଆ
ମେଲେଇ ପୁଚ୍ଛ ମୟୂର ନାଚ
କାଆ କା ଡ଼ାକେ କୁଆ ।

ନେଳି ଚଢ଼େଇ

ନେଳି ଚଢ଼େଇରେ ତୁହି
କେଉଁଆଡୁ ଆସି
କେତେବେଳୁ ବୋବାଉଚୁ
ଅଗଣାରେ ବସି ।
ଭାଗିବଣି ଭୋକ ତୋତେ
ଖେଳିବୁଲି ଉଡ଼ି
ଦେଇଚି ମୋ ମାଆ ମୋତେ
ଥାଳିଆରେ ମୁଢ଼ି ।
ଯେତେ ମନ ନେ' ଆସି
ପେଟପୂରା ଖାଆ
ଯାଆରେ ନେଳି ଚଢ଼େଇ
ଯାଆ ଉଡ଼ି ଯାଆ ।

ଜାଉର ଜାମା

ଜାଉର କି ବୋଉ
ଖଣ୍ଡିଏ ଜାମା ଲୋ
ଆଉ ତା'ର ଜାମା ନାଇଁକି ?
ସବୁ ବେଳେ ସେଇ କଳା କୁରୁତାଟା
ପିନ୍ଧିକରି ବୁଲେ କାଇଁକି ?
ମୋ ପାଇଁ ରଖିଚୁ ନାଲି ନେଳି କେତେ
ସେଥିରୁ ଖଣ୍ଡିଏ ଦେଉନୁ

ରଙ୍ଗ ଜାମାଟିଏ ପିନ୍ଧିଥିଲେ କାଉ
କେତେ ଭଲ ହେବ କହନୁ ।

ଦେଖରେ ପିଲେ ନାଚ୍

ଆସରେ ଭାଇ ଆସ
ଦେଖିବ ଯଦି ନାଚ୍
ରଙ୍ଗ ରଙ୍ଗିଆ ଝଲ ମଉଆ
ମୟୂର ମେଲିଛି ପୁଚ୍ଛ ।
ଦେଖରେ ମେଘରଜା
ବଜାଇ ଦେଲା ବାଜା
ମୟୂର ଗାଇଲା କେଜା
ନାଚ୍ଇ ମେଲି ପୁଚ୍ଛ
ଦେଖରେ ପିଲେ ନାଚ ।

ଚଢ଼େଇ ଘର

ଦେଖ ଭାଇମାନେ, ଚଢ଼େଇ ଘର
କେତେ କାଠିକୁଟା ଛିଣ୍ଡାପତର,
ବସାଟି ଭିତରେ...ଥାଇ,
ହେଇ ଦିଶୁଟିରେ ଟିକି ଚଢ଼େଇ
ରହିଚି ଆମକୁ ଚାହିଁ ।



ଆ'ରେ ବଗ

ଆ'ରେ ବଗ ନଳି ଗୋଡ଼ିଆ
ବୁଲି ଯିବୁ ଆମ ଗାଆଁ ପଡ଼ିଆ
ପଡ଼ିଆ ଭିତରେ ମଇଁଷି
ମଇଁଷି ପିଠିରେ ମଉଜରେ ବସି
ବଜାଇବୁ ତୁହି ବଇଁଶୀ

ମାଛର ମିତ ବଗ

ଗୋଟିଏ ବଗ,
ଗୋଟିଏ ମାଛ,
ନଥିଲେ ଆଉ କେହି
ଡାକିଲା ବଗ,
ନାଇଁରେ ନାଇଁ
ଖାଇବି ତାକୁ ନାହିଁ ।
ମାଛ ସାଥିରେ ବସିବି ମିତ
ହୋଇବି ତାର ସାଙ୍ଗ
କହିବେ ପିଲେ ଶୁଣରେ ଭାଇ
ମାଛର ମିତ ବଗ
ପାଣିର କଥା କହିବ ସିଏ
ଆକାଶ କଥା ମୁଇଁ



ଗପିବୁ ବସି ପୋଖରୀ କୂଳେ
ମୁହଁରେ ମୁହଁ ଦେଇ ।

କାଣ୍ଢିଆ ବଗ

କାଣ୍ଢିଆ ବଗରେ କାଣ୍ଢିଆ ବଗ
ବାଟ ଚାଲୁଥାଉ ଡଅଗ ଡଗ ।
ମାଛ ଖାଉଥାଉ କୂଳରେ ବସି
ଥଣ୍ଟ ମାଜିଦେଇ ବାଲିରେ ଘଷି ।
ମୋ ସାଙ୍ଗେ ମିତ ହୋଇବୁ ଯେବେ
ଆରିସା, କାକରା ଖାଇବୁ ତେବେ ।

ଶଙ୍ଖ ଚିଲ ଭାଇ

କୁନା ଯାଉଥିଲା ଧାନ ବିଲକୁ
ବିଲରେ ଦେଖିଲା ଶଙ୍ଖ ଚିଲକୁ
ଶଙ୍ଖଚିଲ ଭାଇ ଆ—
ଗାଡ଼ିଆରେ ଅଛି
ଗଡ଼ିଶା ମାଗୁର
ମନ ଇଚ୍ଛା ଧରି ଖା— ।

ଭାଇ ଆଣିଥିଲେ ଚଢ଼େଇ

ଭାଇ ଆଣିଥିଲେ ଚଢ଼େଇ
ତାକୁ ଦେଲି ମୁହିଁ ଉଡ଼େଇ

ଚଢ଼େଇଟ ଜଲା ପୁର
ଉଡ଼ିଗଲା ଜେତେ ଦୂର
ବଉଦରେ ଗଲା ମିଶି
ଗୀତ ଗାଇ ହେଲା ଖୁସି

ମୁଁ ଟିଙ୍କି ପରଜାପତି

ମୁଁ ଟିଙ୍କ ପରଜାପତି
ରାତି ପାହିଲେ ଫୁଲ ଫୁଟିଲେ
ଖେଳରେ ଯାଏ ମାତି
ମୁଁ ଟିଙ୍କି ପରଜାପତି ।
ଫୁଲ ବଗିଚା ଜୋଡେ
ମନ ଖୁସିରେ ଖେଳେ
ଡାଳରୁ ଡାଳ ଝୁଲିଝୁଲିକା
ପବନ ଖାଇ ଦୁଲେ ।

ଉଡ଼ି ଉଡ଼ିଗଲା ପରଜାପତି

ଉଡ଼ି ଉଡ଼ି ଗଲା ପରଜାପତି
ଖିଲି ଖିଲି ହସେ ଫୁଲ
ମହୁମାଛି ଜେତେ
ଉଡ଼ିଲେ ଆସି
ଫୁଲକ କରିଲେ ଗୋଲ ।

ପରଜାପତି

ଛାପି ଛାପିକା ପରଜାପତି
ମାଉସୀ ଘରେ ଆଉ
ଯେତେ ଡ଼ାକିଲେ ଆମ ଘରକୁ
ଜାହିଁକି ଆସୁ ନାହୁଁ ?
ତୁମ ବାଡ଼ିରେ ଫୁଟିଲେ ଫୁଲ
ଯିବିରେ ମୁହିଁ ଯିବି
ମନ ଖୁସିରେ ଉଡ଼ିବୁଲିବି
ତୋ ସାଙ୍ଗେ ଖେଳୁଥିବି ।

ଜୁଜୁଜୁଜୁଆ

ଜୁଜୁ ଜୁଜୁଆରେ...ଜୁଜୁଜୁଜିଆ
ଆଲୁଅ ଦେଉଚୁ ଚକ ମକିଆ
ଏଇନେ ଅଛୁ ଏଇନେ ନାଇଁ
କୁନାଟତେ ପରା ରହିଚି ଚାହିଁ
ଆଲୁଅ ହେଉଚି ଚିକ୍ ଚିକ୍
ଆମ କୁନା ହସେ ଫିକ୍ ଫିକ୍ ।

ମହୁମାଛି

ମହୁମାଛି ଆରେ ମହୁମାଛି
ଫୁଇରୁ ଫୁଲ ମହୁ ଶୋଷି,

ଫେଣାରେ ସାଇତି ରଖିଥାଉ,
ଯିଏ ଖାଏ ସିଏ ହୁଏ ଖୁସି ।

ମହୁ

ରାମ ମଉସା ! ରାମ ମଉସା !
ଏଇଟା କଅଣ ଚଢ଼େଇ ବସା !
ମଉସା କହିଲେ, "ଏ ମହୁଫେଣା
ଭଲ ଜିନିଷରେ ହୁଏ ଏ ଗଣା
ଏଥିରୁ ବାହାରେ ମହୁ
ନିଇତି ସକାଳେ ସରବତ କରି
ତୋତେ ତ ପିଆଏ ବୋଉ" ।

ସାଧବ ବୋହୂ

ନାଲି ଗୁଲୁ ଗୁଲୁ ସାଧବ ବୋହୂ
କେଉଁ ଆଡେ ଯାଉ କଥା ନକହୁ ।
ଝଡି ବରଷାରେ ଖସଡ଼ା ବାଟ
ଗୋଡ଼ ଖସିଯିବ କାଦୁଅ ହୋଇବ
ତୋର ଝିଲିମିଲି ନାଲିଆ ପାଟ ।

ସଅଁବାଳୁଆ

ସଅଁବାଳୁଆ ସଅଁବାଳୁଆ
ରୁହମ ଚିକେ ରୁହ,

ଦେହରେ ତୁମ ଉଠିଚି କିସ
ସେ କଥା ମୋତେ କୁହ ।
ତୁମ ଦେହରେ ରହିଚି ପୁଣି
କାହିଁକି ଗୋଡ଼ ଏତେ
ଏଡ଼େ ସକାଳୁ କୁଆଡ଼େ ଯାଅ
ବୁଝାଇ କହ ମୋତେ ।

ନହେବ ଯେବେ ଚୁପ୍

ଚୁପ୍ ଚୁପ୍ ଚୁପ୍
ନହେବ ଯେବେ ଚୁପ୍
ଝିଣ୍ଟିକା ଗୋଟି ଖାଇବ ନାଇଁ
ତରକି ଯାଇ ଯିବ ପଳାଇ
ଡ଼େଇଁବ ଏଠୁ ଖୁପ୍
ଚୁପ୍ ଚୁପ୍ ଚୁପ୍

ଝିଣ୍ଟିକା ଦୁଇଟି ବସିଲେ ମିତ

ଝିଣ୍ଟିକା ଦୁଇଟି
ବସିଲେ ମିତ
ଜଣେ ଧରିଥିଲା
ଜଣକ ହାତ,
ଦୁଇଜଣ ମିଶି ନାଚିଲେ
ଅଳପ ଦୂରରେ ବେଙ୍ଗ ଛୁଆମାନେ
ତାଳି ମାରି ମାରି ହସିଲେ ।

ଠେକୁଆ ଭାଇ

ଠେକୁଆ ଭାଇ ଠେକୁଆ ଭାଇ
କୁଆଡ଼େ ଧାଉଁ କହ,
ଆମ ବାଡ଼ିରେ କଅଁଳ ଘାସ
ଖାଇ ତୁ ଏଠି ରହ,
ଖେଳିବା ସାଥୀ ହୋଇ
ଦଉଡ଼ ତୋର ଅତି ଚଞ୍ଚଳ
ଶିକାଇ ଦେବୁ ତୁହି ।

ଠେକୁଆ ଛୁଆ

ଠେକୁଆ ଛୁଆ ତୁ କେଡ଼େ ସାନ
ଧଳା ଦେହ ତୋର ଠିଆକାନ
ମୋ ପାଖକୁ ଆ ଆ,
ଦୁବ ଘାସ ଦେବି ଦୁଧ ପିଆଇବି
ଖାଇ ପିଇ ତୁ ଯାଆ ।

ଗୁଣ୍ଡୁଚି ଛୁଆ

ପଖାଳ ଭାତକୁ ଆମ୍ବ କଷି
କୁନା ଖାଉଥିଲା ହୋଇ ଖୁସି ।
ଭାତ ଖାଉ ଖାଉ ମାଇଲା ଡ଼ିଆଁ
ପାଖରେ ପଡ଼ିଲା ଗୁଣ୍ଡୁଚି ଛୁଆ
ଗୁଣ୍ଡୁଚି ଛୁଆକୁ ଧରିଲା ନାଇଁ
ମନା କରିଥିଲେ ତାହାର ମାଇଁ ।।



ଚୁଟିଆ ମୂଷା

ଚୁଟିଆ ମୂଷା
ଚୁଟିଆ ମୂଷା
କହି ଯାଇଚି ମାଆ
କୁଟୁର କୁଟୁ କୁଟୁର କୁଟୁ
ଧାନ ଚାଉଳ ଖାଁ ।
ଚୁଟିଆ ମୂଷା
ଚୁଟିଆ ମୂଷା
ଭାଡ଼ି ତଳେ ତୁ ଥା' ।
ମ୍ୟାଉଁ କଲେ
ପୁଷି ବିଲେଇ
କୁଆଡ଼େ ଲୁଚି ଯା' ।

ଚୁଟିଆ ମୂଷା

ଚୁଟିଆ ମୂଷା ଚୁଟିଆ ମୂଷା
ଗାତ ଭିତରେ ରହିଲୁ
କେହି ନଥିବା ବେଳକୁ ଜାଣି
ଲୁଚି ଲୁଚିକା ଅଇଲୁ ।
ଧାନ ପାଆ ଚାଉଳ ପାଆ
ଯାହା ପାଉଲେ ଖାଇଲୁ
ଇଆଡ଼େ ଥରେ ସିଆଡ଼େ ଥରେ
ମିଟିରି ମିଟି ଚାହିଁଲୁ
ଗାତ ଭିତରକୁ ଧାଇଁଲୁ ।

ଝିଟିପିଟି

ଝିଟିପିଟି ଦେଖି ଲିଟୁ ପଚାରିଲା
ଏଇଟା କାହିଁକି ଆଇଟି ?
ଆଲୁଅ ପାଖରେ ବଇଟି ?
ବୋଉ କହିଦେଲେ ସୁନା ପୁଅରେ
ତାକୁ ତ ଲାଗୁଚି ଭୋକ
ଛକି ବସିଅଛି ଆଲୁଅ ପାଖରେ
ଖାଇବ ଆସିଲେ ପୋକ ।

ପାକଲା ଏଣ୍ଡୁଅ

ପାକଲା ଏଣ୍ଡୁଅ ବଇଚି
ମିଟି ମିଟି କରି ଚାହିଁଚି,
ଯାହା ପଚାରିଲେ କିଛି ନକହି
ମୁଣ୍ଡକୁ ଟୁଙ୍ଗାରି ଦେଉଚି ।

ବେଙ୍ଗୁଲୀ

ବେଙ୍ଗୁଲୀ ନାନୀଲୋ ବେଙ୍ଗୁଲୀ ନାନୀ
ସାରୁ ଗଛ ମୂଳେ ଥାଉ
ପୋକ ଜୋକ ଯାହାପାଉ
ଗିଳି ଦେଉ ଟାଉଟାଉ
କଟର କଟର ହେଉ
ଟପର ଟପର ବରଷା ପଡ଼ିଲେ
ଫକର ଫକର ଡେଉଁ ।

କଇଁଛ

ଦେଖରେ ଦେଖ, ଦେଖରେ ଦେଖ
କଇଁଛ କେମିତି କାଢ଼ିଛି ବେକ,
ଏ ପାଖ ସେ ପାଖ ଗୋଡ଼ ଚାରିଟା
ଦେହଟି ଯେମିତି ଚିତୋଉ ପିଠା;
ମଲା ପରି ପଡ଼ି ରହୁଛି;
ପାଖରେ ତାହାର କେହି ନ ଥିଲେ
ନସର ପସର ଧାଉଁଛି।

ନେଉଳଭାଇ

ନେଉଳ ଭାଇରେ
ନେଉଳ ଭାଇ
ସକାଳୁ ଉଠି ତୁ କୁଆଡ଼େ ଯାଉ
ନସର ପସର ହୋଇ ?
ମୁନାଭାଇରେ ମୁନାଭାଇ
କିଆ ବଣକୁ ଯିବି
ଯତନ କରି ଆହାର ଆଣି
ପିଲାମାନଙ୍କୁ ଦେବି ।

ରାଉଳ ଘର ଚାଉଳ

ରାଉଳ ଘର ପାଖରେ ଅଛି ଦେଉଳଟିଏ
ଦେଉଳ ବେଢ଼ାରେ ରହୁଥାଏଟି ନେଉଳଟିଏ ।

ରାଉଳ କହିଲା, "ନେଉଳ ଭାଇ
ମୃଷା ଯାଏ ନିତି ଚାଉଳ ଖାଇ·
ମୋ ଚାଉଳ ଏଠି ଶୁଖିବ
ଏଇଠି ତ ଅଛ ନେଉଳ ଭାଇହେ
ମୋ ଚାଉଳ ଟିକେ ଦେଖିବ ।"·

ମଶା ଆଉ ମଶାରି

ସଞ୍ଜ ହେଲା ଅନ୍ଧାର ହେଲା
ଗୁଣୁ ଗୁଣୁ କରି
ସିଏ ଆସିଲା ?
ମୁଁ ପଚାରିଲି ଏଇଟି କିଏ,
ଅନ୍ଧାରରେ ଆସି କାମୁଡ଼ିଦିଏ ।
ମଶାଟିଏ ବୋଲି କହିଲା ବୋଉ
ମଶା କାମୁଡ଼ିଲେ ଜ୍ୱର ହୁଏ ଯେଣୁ
ମଶାରି ଟାଙ୍ଗିଛି ରାତିରେ ଶୋଉ ।

ନାଲୁଆ

ଆମ ଚଗଲା ଟୁକୁର
ଥିଲା ଗୋଟିଏ କୁକୁର ।
ନାଆଁଟି ତା'ର ନାଲୁଆ
ଏମିତି ସିଏ ବଳୁଆ,
ବାଘକୁ ନେବ ଘଉଡ଼ି
ଡଡି ଡଡ଼ି ଯିବ ଦଉଡ଼ି ।

ପୁଷି ମାଉସୀ

ପୁଷି ମାଉସୀଲୋ ପୁଷି ମାଉସୀ
ତୋତେ ଦେଖି ମନ ହେଉଛି ଖୁସି
ଦଉଡ଼ି ଦଉଡ଼ି ଆ
ଘୁଡୁ ଘଡୁ କରି ମୋ ପାଖକୁ ଆସି
ମୋ କୋଳରେ ଶୋଇ ଯାଆ ।

ଆମ ଶଙ୍ଖୀ ବିଲେଇ

ଘୁଡୁ ଘୁଡୁ କରେ କିଏରେ ?
ମୂଷା ଧରି ଖାଏ ଯିଏରେ ।

ଶୋଇପଡ଼େ ଦେଲେ ଥାପୁଡ଼ି ।
ରାଗିଗଲେ ଦିଏ ରାମ୍ପୁଡ଼ି ।

ଶୁଖୁଆ ଦେଖିଲେ ବୋବାଏ
ମାଛ କଣ୍ଟା ଦେଲେ ଚୋବାଏ ।

ନିଶ ଦଉଥାଏ ଫୁଲେଇ
ସେଇ ଆମ ଶଙ୍ଖୀ ବିଲେଇ ।

ପୁଷି ଓ ପିଜୁଳିକଷି

ଡାଳରେ ଝୁଲୁଛି ପିଜୁଳିକଷି
କାଇଁକିଲୋ ତାକୁ ଚାହିଁଚୁ ପୁଷି
ତୁଉକି ପିଜୁକି ଖାଇବୁ ?
ତୋଅର ତ ଲୋଡ଼ା ଆଇଁଷ ଭାତ
ପିଜୁଳିରୁ କି ପାଇବୁ ?

ଚମ ଧୁଡୁଧୁଡୁ ଶଙ୍ଖୀ ବିଲେଇ

ଚମ ଧୁଡୁଧୁଡୁ ଶଙ୍ଖୀ ବିଲେଇ
ଆଖିକି ତାହାର ଦିଶଇ ନାଇଁ ।

ଚଲୁ ନାଇଁ ତା'ର ଦିହକି ହାତ
କାହିଁ ଗଲେ ସବୁ ସଙ୍ଗୀତ ମିତ

ପାଖରେ ନାତୁଣୀ ବଇଚି
ବୋଇ ହାକ ମାନି ନାତିଟି ତା'ର
ନସର ପସର ହଉଚି ।

ଆମ ପୁଷି ବିଲେଇ

ଆମ ପୁଷି ବିଲେଇ
ହୁଏ ଭାରି ଗେହ୍ଲେଇ
ମୂଷାଟିଏ ଧରି ନେଇ
ନିଶ ଦିଏ ଫୁଲେଇ ।

ବିଲେଇ ଛୁଆ

ଗୁଲୁ ଗୁଲିଆ ବିଲେଇ ଛୁଆ
ମୋ ପାଖରେ ରହିଯା'
ମାଛ ଦେବି ଶୁଖୁଆ ଦେବି
ଖାଇକି ତ କହିଯା

ଦୁଧ ଭାତ ଖାଇ ଖାଇକା
ଚୂଲି ମୁଣ୍ଡରେ ଶୋଇବୁ,
ଗୋଟାକୁ ଗୋଟା ଚୁଟିଆ ମୂଷା
ଧରି ଧରିକା ଖାଇବୁ ।

ମାଆ ବିଲେଇକି ଜର

ମାଆ ବିଲେଇକି ବହୁତ ଜର
ଖୁଁ ଖୁଁ କାଶ ଧରୁଛି
ପାଖରେ ଛୁଆଟି ମୁହଁ ଶୁଖେଇ
ଆଉଁଶା ଘଷା ଜରୁଚି

କୁକୁଡ଼ା ଚିଆଁ

ଚେଁ--- ଚୁଁ--- ଚୁଁ---
କୁକୁଡ଼ା ଚିଆଁ,
କୁକୁଡ଼ା ଚିଆଁ ବଡ଼ ଛାନିଆ
ଧାଏଁ ଆପଣା ଛାଏଁ,
ଧରେ ନ ଧରେ
ଗଲେ ମୁଁ ପାଶେ,
କେଡ଼େ ବେଗରେ
କୁଆଡ଼େ ଖସେ
ମାଆ ପାଖକୁ ଧାଏଁ ।

ନେତ ଆମ ଗାଈ

ନେତ ଆମ ଗାଈ
ଲାଡ ମାରେ ନାହିଁ,
କ୍ଷୀର ଦିଏ ସିଏ
ଘାସ ଦିଏ ମୁହିଁ,
ପାଖରେ ତାହାର
ଦେଖ ଟିକି ଛୁଆ
ତାଟି ତା' ଜିଭରେ
ଗେଲ କରେ ମାଆ ।
ନେତକୁ ଆଉଁସି
ଠିଆ ହେଲେ ମୁହିଁ ।
ଗଲ ହୁଏ ନେତ
ମୁଣ୍ଡଟି ହଲାଇ ।

ବାଛୁରୀ ଛୁଆ

ବାଛୁରୀ ଛୁଆରେ ବାଛୁରୀ ଛୁଆ
ମାଆ ପାଖରେ ତୁ ହୋଇଛୁ ଠିଆ
ଡର ଭୟ ତୋର ନାହିଁ
ଆନନ୍ଦରେ ମଥା ହଲାଇ ହଲାଇ
ଖେଳରେ ମାତିଛୁ ତୁହି ।

ପୁଷିକୁ ଭୋକ

କାହିଁକି ଲୋ ପୁଷି ତୋତେ
ଭୋକ ଯେ ହେଉଚି ଏତେ ?

ସକାଳେ ଖାଇଚୁ କେକ୍
ଏବେ, କେତେଟା ବାଜିଲା ଦେଖ୍ ।
ଯେତେବେଳେ ହେବ ଦଶ୍
ଆସିଯିବ ଆମ ବସ୍
ବୋଉ ବେଳ କାଳ ଜାଣି
ଖାଇବାକୁ ଦେବ ଆଣି
ମୋ ପାଖେ ଖାଇବୁ ବସି
କାନ୍ଦନା ଆଉ ପୁଷି ।

ବିଲେଇ ଛୁଆ

ଶଙ୍ଖୀ ବିଲେଇଲୋ ଶଙ୍ଖୀ ବିଲେଇ
ଗୁଲୁ ଗୁଲିଆ ତୋ ଛୁଆ ଦୁଇଟି ।
ଅଣ୍ଡାଳି ଅଣ୍ଡାଳି ଖାଆନ୍ତି କ୍ଷୀର
କାହିଁକି ତ ଆଖି ଖୋଲୁ ନାହାନ୍ତି ?

ପୁଷି ଓ ବଳିଆ

କୁକୁରଟିଏ ବିଲେଇଟିଏ
ପୋଷିଲା ଆମ ଲୁସୀ
କୁକୁର ନାମ ବଳିଆ ଦେଲା
ବଲେଇ ନାଆଁ ପୁଷି ।

କାଳିଆ ଜଗେ
ଘର ଦୁଆର
ସୃଷ୍ଟି ମୃଷାଧରେ,
ଘରେ କିଏ ସେ
ପଶନ୍ତି ନାଇଁ
ଆମ ବଳିଆ ଡରେ ।

ବଉଳା ଗାଈ

ବଉଳା ଗାଈଟି ବାଉଳା ହୋଇ
ଗୋଠରୁ ପଳାଇ ଆଇଚି
ଯହିଁ ମନ ତହିଁ ଧସେଇ ପଶି
ଧାନ କେରି କେରି ଖାଉଚି ।
ଗାଈଆଳ ଭାଇ ଧାଇଁଆ,
ଗାଈକି ଅଡ଼େଇ ନେଇ ଯା' ।

ଜୁନି ବାଛୁରୀ

ଗାଆଁ ବାଓରେ
ସନିଆ ଡାକେ
ଫିଟେଇ ଦିଅ ଗାଈ,
ଗୋଠରେ ଯାଇ
ବୁଲିବ ସିଏ
କଅଁଳ ଘାସ ଖାଇ

ବୁଡ଼ିଲେ ବେଳ
ଫେରିବ ଗାଈ
ଧାଇଁବ ଧଉଁ ସଇଁ,
କୁନି ବାଛୁରୀ
ଅନେଇ ଥିବ
ମାଆର ବାଟ ଚାହିଁ ।

ଶୋଇଚି ବାଛୁରୀ ମୁହଁ ଶୁଖାଇ

ଗାଈତ ଏଯାଏଁ ଫେରିଲା ନାଇଁ
ଶୋଇଚି ବାଛୁରୀ ମୁହଁ ଶୁଖାଇ ।
ପିଇଥିଲା କ୍ଷୀର ସକାଳେ କିଛି
ଆଉ କି ସେ କ୍ଷୀର ପେଟରେ ଅଛି ?
ଭାରି ଭୋକ ଆଉ ନପାରେ ସହି
ଦେ' ତାକୁ ବୋଉ ଖାଇବା ପାଇଁ ।

ଘାସ ଖାଆରେ ପାଟ

ଆଲୋ ପାଟ ଆ'
ଆଣିଚି ମୁହିଁ କଅଁଳ ଘାସ
ପେଟ ପୂରାଇ ଖା ।
ଦେ'ଲୋ କ୍ଷୀର ଦେ,
ଦୂବ ଘାସରୁ କେରାଏ ତୋର
ବାଛୁରୀ ପାଇଁ ନେ' ।

କାଳିଆ ବଳଦ ଗଲାରେ

କାଳିଆ ବଳଦ ଗଲାରେ
କଣ୍ଢେଇ ସବୁ ସାଇତି ଦେବି
ଟିଣ ଖଡ୍ ଖଡ୍ କଲାରେ ।
କାଳିଆ ବଳଦ ଗଲାରେ
କଣ୍ଢେଇ ଯିବ ଶାଶୁ ଘରକୁ
ଗାଡ଼ି ପେଁ ପେଁ କଲାରେ ।

କୁକୁଡ଼ା ଚିଆଁ

କୁକୁଡ଼ା ଚିଆଁ
କୁକୁଡ଼ା ଚିଆଁ
ମାଆ ପଛରେ
ଦଉଡୁ କିଆଁ
ମୋ ସାଥୀରେ
ଆସୁନୁ କିଆଁ
ଖାଇବା ଲିଆଁ
ମାରିବା ଡ଼ିଆଁ ।

ମାଣିକ

ସବୁ ଗାଈ ଆସିଲେଣି
ମାଣିକ ଆମ କାଇଁ ?

କୁନି ବାଛୁରୀ ଜଗି ବସିଛି
ତାହାରି ବାଟ ଚାହିଁ ।
କ୍ଷୀର ଜଳଟେ ପିଇବ,
ଲାଞ୍ଜ ହଲେଇ ମା' ପାଖରେ
ଗେଲେଇ ହୋଇ ଡେଇଁବ ।

ମୋ ହମାକୁ ଜର ହୋଇଛି

ଡାକ୍ତର ବାବୁ ଡାକ୍ତର ବାବୁ
ପଇସା ପଛେ ନିଅ
ମୋ ହମାକୁ ଜର ହୋଇଚି
ଔଷଦ ଟିକେ ଦିଅ ।
ଚଟିକା ହେଉ ପୁଡ଼ିଆ ହେଉ
ଯାହା ପାରୁଛ ଦେଇ ଯା',
ଯେତେ ପଇସା ନେବ କହିବ
ସେତେ ପଇସା ନେଇ ଯା' ।

ହଲେ ଦାମୁଡ଼ି

ବାପା ଆଣିଛନ୍ତି ହଲେ ଦାମୁଡ଼ି
ହଳ କରିବେ ସେ ଟାଣିବ ଗାଡ଼ି
ବିଲରୁ ଖଳାକୁ ବୋହିବ ହଳିଆ
ଗୋଟିଏ କଖରା ଗୋଟିଏ ଧଳା ।

ମଇଁଷିଆଳରେ ମଇଁଷିଆଳ

ମଇଁଷିଆଳରେ ମଇଁଷିଆଳ
ଆମ ଘରେ ଅଛି ଘାଗୁଡ଼ିମାଳ
ମଇଁଷି ବେକରେ ଝୁଲେଇ ଦେ'
ପଡ଼ିଆ ବିଲକୁ ବୁଲେଇ ନେ' ।

ମାଣିକ ଅପା

ମେଁ ମେଁକା ମାଣିକ ଅପା
ଶିଙ୍ଗ ଦିଓଟି ସାନ
ସରୁ ସରୁ ତା' ଗୋଡ଼ ଗୁଡିକ
ଲହ ଲହୁଲା ଜାନ ।
ଗୁଲୁ ଗୁଲୁ ତା' ଛୁଆ ଦିଓଟି
ନଈକୂଳରେ ଡିଅଁନ୍ତି ।
ଦଉଡ଼ି ଗଲେ ଧରିବାକୁ ମୁଁ
ମେଁ ମେଁ ସେ ହୁଅନ୍ତି ।

ଜାମାଟିଏ ଦେବ

ଆମ ଗଛରେ ମାଙ୍କଡ଼ ବସି
ଛୁଆକୁ କରୁଚି ଗେଲ
ଭାରି ଶୀତ ଆଜି ଥରି ଯାଉଥିବ
ଜାମାଟିଏ ଦେବା ଚାଲ ।

ପରଜାପତି

ଛାପି ଛାପିକା ପରଜାପତି
ମାଉସା ଘର ଥାଉ
ଯେତେ ଡାକିଲେ ଆମ ଘରକୁ
କାହିଁକି, ଆସୁ ନାଉଁ ।
ତୁମ ବାଡ଼ିରେ ଫୁଟିଲେ ଫୁଲ
ଯିବିରେ ମୁହିଁ ଯିବି
ଉଡ଼ି ଉଡ଼ିକା ମନଖୁସିରେ
ତୋ ସଙ୍ଗେ ଖେଳୁଥିବି ।

ପାତିମାଙ୍କଡ଼

ପାତି ମାଙ୍କଡ଼ ଆଇଲାରେ
ପାତି ମାଙ୍କଡ଼ ଆଇଲାରେ
ମୋ ବୋଉର ଲୁଗା କାନିକି
ଜୋର କରି ଧଇଲା
ବୋଉ କହିଲେ ଛାଡ଼ିଦେ ମତେ
କଦଳୀଟିଏ ଦେବିରେ ତତେ,
କଦଳୀଟି ତା' ହାତକୁ ଦେଲେ
ସେଇଠି ବସି ଖାଇଲା
ଏଠୁ ସେଠିକି ସେଠୁ ଏଠିକି
ଆମ ଆଗରେ ଡେଇଁଲା ।

ଶବ୍ଦ

ଟେଣ୍ଟେୟା ଚେଁ ଚେଁ
ଗଧିଆ ଭେଁ ଭେଁ
ବେଙ୍ଗୁଲୀ ଡ଼ାକେ କେଁ କଟର
ଚଡ଼ମିଣୀ ଚେଁ ଚେଁ ।

ହୁକେ ହୋ ହୁକେ ହୋ

ହୁକେ ହୋ, ହୁକେ ହୋ,
କିଏ କହୁଚି କୋଉଠି ?
ମାଆ କହିଲେ ଅନାରେ କୁନା
ସିଏତ ଆମ ବିଲୁଆ ନନା
ହିଡ଼ ତଳେ କିଆ ମୂଳେ
ଗାତ କରିଚି ସେଇଠି ।

କେମିତି କିଏ ଡ଼ାକେ

କାଉ ରାବଇ କା—କା
କୋଇଲି ଡ଼ାକେ କୁ—
କୁକୁଡ଼ା ଡ଼ାକେ କ କ ଉ—କ
ବିଲୁଆ ହୁକେ—ହୁ ।
କୁକୁର ଭୁକେ ଭୁକ୍ ଭୁକ୍
ପୁଷି ବିଲେଇ ମ୍ୟାଉଁ
ଦୁଧ ଭାତରୁ ଗଣ୍ଡିଏ ଦେଲେ
ଚାପୁରୁ ଚାପୁରୁ ଖାଉଁ ।

କାନ

ଠେକୁଆ କାନ ଠିଆ ଠିଆ
ହତୀର କୁଲା କାନ
ଗାଈର କାନ ଲମ୍ବା ଲମ୍ବା
ମୂଷାର ସାନ ସାନ ।

କୁକୁର ଭୁକେ

କୁକୁର ଭୁକେ ଭୋଓ ଭୋ
ବିରାଡ଼ି କରେ ମ୍ୟାଉଁ ମ୍ୟାଉଁ
ଗାଈ କରଇ ହମ୍ବା ହମ୍ବା
କୁକୁର ଛୁଆ କ୍ୟାଉଁ କ୍ୟାଉଁ
ବାଘ ଗରଜେ ହାଉଁ ହାଉଁ
ମେଣ୍ଢା ବୋବାଏ ଭେଁଏଁ ଭେଁଏଁ
ବିଲୁଆ କରେ ହୁକେ ହୋ,
ଛେଳି କରଇ ମେଁଏ ମେଁଏ ।

ଚ୍‌କା ଚ୍‌କା ଭଉଁରୀ

ଚ୍‌କା ଚ୍‌କା ଭଉଁରୀ, ଚ୍‌କା ଚ୍‌କା ଭଉଁରୀ
ମାଛ ପରି ପୋଖରୀରେ ଯିବି ମୁହିଁ ପହଁରି ।
ଚ୍‌କା ଚ୍‌କା ଭଉଁରୀ ଚ୍‌କା ଚ୍‌କା ଭଉଁରୀ
ରାସ୍ତାରେ ମଟର ପରି ଯିବି ମୁହିଁ ଦଉଡ଼ି ।

ଚକା ଚକା ଭଉଁରୀ ଚକା ଚକା ଭଉଁରୀ
ଆକାଶେ ଉଡ଼ିବି ମୁହିଁ ଚଢ଼େଇର ପରି ।

ଚାରୋଟି ଥିଲେ ପୁଷ୍ପୁରା ଛୁଆ

ଚାରୋଟି ଥିଲେ ପୁଷ୍ପୁରା ଛୁଆ
ଗୋଟିଏ ଜଗିଲା ଘର
ଗୋଟିଏ ଗଲା ଔଷଦ ପାଇଁ
ମାଆକୁ କରିଟି ଜର ।
ଆଉ ଗୋଟିଏ ହାଟକୁ ଗଲା
ସଉଦା କିଣା ପାଇଁ
ସବା ସାନଟି ଭାରି ଚଗଲା
କୁଆଡ଼େ ଗଲା କାଇଁ ?

ହାତୀ

ଝୁଲରେ ହାତୀ ଝୁଲ,
ବାଆ ପାଣି ଖାଇ ଫୁଲ,
ଦାଣ୍ଡେ ଚାଲୁଥାଏ ହାତୀ,
ଦେଖି ଫୁଲେ କୁନା ଛାତି
କହେ ସେ-ହାତୀକୁ ବଳି
ବଳୁଆ ହୋଇବ ବୋଲି
ହାତୀରେ ମୋଅର ହାତୀ
ହେବୁକି କୁନାର ସାଥି !

ଗୁଣ୍ଡୁଣୀ ହାତୀ

ହାତୀରେ ହାତୀ ଗୁଣ୍ଡୁଣୀ ହାତୀ
ସୋନୁ ହୋଇଚି ହାତୀ
ପିଠିରେ ତାର ଗୁଡୁଲ୍ ବସି
ଟେକି ଧରିଚି ଛାତି..
ସୋନୁ ହାତୀ ଚାଲେ ନସର ପସର
ରସଗୋଲା, ଖାଇବାକୁ
ଗୁଡୁଲ୍ ବସିଚି ତା'ପିଠି ଉପରେ
ଥେଇ ଥେଇ ନାଚିବାକୁ ।

ଥିଲା ଗୋଟେ ଟିକି ଭାଲୁ

ଶୁଣ ଭାଇ ଶୁଣରେ
ଥିଲା ଗୋଟେ ଟିକିଭାଲୁ
ଘର ତା'ର କଣରେ,
ଦେହ ବାଳ ବାଳୁଆ,
ଟିକିଟିକି ହାତ ଗୋଡ
ଦେହ ବାଳୁ ବାଳଆ ।

ବାଘ ମାମୁ

ବାଘ ମାମୁ ବାଘ ମାମୁ
କଣରେ ତାର ଘର
ହାଉଁ ହାଉଁ ଛାଡଇ ଉଡି
କାହାକୁ ନାଇଁ ଡର ?

ବାଘ ମାମୁ ବାଘ ମାମୁ
ବଣରେ ସିଏ ରଜା
ସରକ ସରେ ଦେଖାଏ ଖେଳ
ଲାଗଇ ବଡ ମଜା ।

ମାଙ୍କଡ ଚିଆଁ

ଚିଆଁ ମାଙ୍କଡରେ ମାଙ୍କଡ ଚିଆଁ
ମାଆର ପେଟରେ କିମିତି ଲାଖିଛୁ,
ସିଏତ ମାରୁଛି ଡିଆଁ ।
ଗଛରୁ ଗଛକୁ ଡେଇଁଚି ମାଆ
ଧରିଥା ଜବର କରି,
ଖସିଗଲେ ହାତ ଜାଣିଥାରେ ଚିଆଁ
ଯିବୁ ତୁଇ ତଳେ ପଡି ।

ନନା ତ ନନା

ନନା ତ ନନା
ବିଲୁଆ ନନା
କେତେ ଚାଲାଖି
ପଛକୁ ଅନା,
ପଛରେ ଆସୁଛି
କଙ୍କଡା ଭାଇ
ହେଇରେ ହେଇ

ବିଲୁଆ ନନା
ଆସିଲେ ଧାଇଁ
କଙ୍କଡାଟିକୁ
ଧରିବା ପାଇଁ
କଙ୍କଡା କାହିଁରେ !
କଙ୍କଡା କାହିଁ !!
ଗାତ ଭିତରେ କଙ୍କଡା ଯାଇଁ
ଦେଖିଲେ ନନା କେହିତ ନାହିଁ ।

ହାତୀ ଘୋଡା

ହାତୀ ଦେଲେ ଭାଇ
ଘୋଡା ଦେଲେ ଆଇ
କହିଲେ ଯା'ରେ ମାମୁ ଘର
ମାମୁ ଘର ବହୁତ ଦୂର ।
ଦିନେ ମୁହିଁ ଟପକ୍ ଟପକ୍
ଘୋଡାରେ ଗଲି
ଦିନେ ଚଢ଼ି ହାତୀରେ ଗଲି
ଝୁଲି ଝୁଲି ।

(ଜ) ଉଦ୍ଭିଦ ଜଗତ ସମ୍ବନ୍ଧୀୟ

ବୁଢ଼ା ବରଗଛ

ବୁଢ଼ା ବରଗଛ ଗାଁ ମୁଣ୍ଡିଆ
ଓହଳ ଝୁଲାଇ ହୋଇଛି ଠିଆ
ଭାରି ଶୀତଳ ତାହାରି ତଳ ।
ସେଇଠି ହୁଏ ହାଟ
ମେଳା ମଉଜ ନାଟ ।

ଦେବି ମୁହଁ ଲଗେଇ

ଟିକି ଟିକି ଫୁଲ ଗଛ
ଆଣିଦେବେ କଳେଇ,
ଦେବି ମୁହଁ ଲଗେଇ ।
ଫୁଲ କେତେ ଫୁଟିବ
ପ୍ରଜାପତି ଆସିବ
ଫୁଲରେ ସେ ବସିବ ।

ଭାଇ ଦେଇଥିଲେ ମଞ୍ଜିଟିଏ

ଭାଇ ଦେଇଥିଲେ
ମଞ୍ଜିଟିଏ
ବଗିଚାରେ ନେଇ
ପୋତିଲି
ମଞ୍ଜିରୁ ହୋଇଲା
ଗଛାଟିଏ
ଡାଳି ମାରି ମାରି
ନାଚିଲି ।

ଫୁଲ ଫୁଟେଇ ଥା

ଚାରାଟିଏ ଆଣି ରୋଇଲି
ଦନାରେ ଭାତ ଗିନାରେ ପାଣି
ମାଖରେ ତାର ଥୋଇଲି ।

ଚାରାରେ ଚାରା
ପି ପାଣି
ଭାତ ଖା
କାଲି ସକାଳୁ ଗୋଟିଏ ଫୁଲ
ଫୁଟେଇ ଥା ।

କେଡେ ସୁନ୍ଦର ପଦୁଅଁ ଫୁଲ

କେଡେ ସୁନ୍ଦର ପଦୁଅଁ ଫୁଲ
ପଦୁଅଁ ପତର ଗୋଲ୍
ମାଆ ବାଢ଼ିଦେଲେ ସେଥିରେ ଭାତ
ଲାଗଇ ଭାରି ଭଲ ।

ଫୁଲ

ମାଉସୀଙ୍କ ଘରେ ବହୁତ ଫୁଲ
ବଡ ସୁନ୍ଦର
ତାଙ୍କ ଘରୁ ଗଛ କେତୋଟି ଆଣି
ଲଗାଇ ତାହାକୁ ଦେବି ମୁଁ ପାଣି
ଫୁଟିବ ଫୁଲ
ବଡ ତଉଲ
ମହକିବ ପୁଣି ଘର ବାହାର ।

ଫୁଲମାନେ କଥା ହେଲେ

ବଗିଚାରେ ଫୁଲମାନେ
ହେଲେ ଚୁପ୍ ଚାପ୍
ମିନା ସବୁ ଶୁଣୁଥିଲା
ବସି ଚୁପ୍ ଚାପ୍

ଗଛରେ ନିତି ପାଣିଦିଏ
ସୁନା ଝିଅ ମିନା
ସେଥିଲାଗି ଫୁଲଫୁଟି
ହସୁଥାଏ ସିନା ।

ନାଲି ଟହ ଟହ ଡାଲିମ୍ବ ଫୁଲ

ନାଲି ଟହ ଟହ....ଡାଲିମ୍ବ ଫୁଲ
ଗିଲାସ ପରିକା ହେଇଚି
ଏଇ ଥିରେ ମୁଁ କ୍ଷୀର ପିଅନ୍ତି ଜି
ପିଇବାକୁ ମନ ହଉଚି ।

ଫୁଲ

ବଗିଚାରେ ମୋର ଅନେକ ଫୁଲ
ସୁନ୍ଦର ପଂଣ କେ ନୁହଇ ତୁଲ,
ମହୁ ଶୋଷେ ଆସି ପରଜାପତି,
ଉଡ଼ନ୍ତା ଫୁଲସେ ସୁନ୍ଦର ଅତି ।
ତିନିହେଁ ଖୁସିରେ ବସିବୁ ମିତ
ନାଚିବୁ ଖେଳିବୁ ଗାଇବୁ ଗୀତ ।

ଫୁଲମାଳ

ଯୁଇ, ଜାଇ, ମଲ୍ଲୀ, ଧଳା ମନ୍ଦାର,
ଗୋଲାପ ସେବତି, ଚମ୍ପା, ଟଗର,

ବାଛି ବାଛିକା ମୁଁ ତୋଳିବି ଫୁଲ;
ଗୋଟି ଗୋଟି କରି ଗୁନ୍ଥିବି ମାଳ ।
ଗୋଟିଏ ଦେବି ମୋ ବୋଉକୁ,
ଗୋଟିଏ ଦେବି ମୋ କଣ୍ଢେଇ ଝିଅକୁ
ଆଉ ସବୁ ସାଙ୍ଗ ସାଥୀଙ୍କୁ ।

ବରକୋଳିରୁ ଢ଼ାଲାଏ

ପିଲାଏରେ ପିଲାଏ
ବୋଉ ଦେଇଚି ତମରି ପାଇଁ
ବରକୋଳିରୁ ଢ଼ାଲାଏ ।
ଭାରି ସୁଆଦ କୋଳି
ଭାଇ ମୋହର ଗଛରେ ଚଢ଼ି
ଆଣିଚି ଆ'କୁ ତୋଳି ।

ତାଳ

ପାଚିଲା ତାଳ ପାଚିଲା ତାଳ
ଗଛରେ ଝୁଲୁଛି ପାଚିଲା ତାଳ
ଗୋଟିଏ ପଡ଼ିଲା ଦୁମ
ସାଉଁଟି ଆଣିଲା ଝୁମୁରୀ ନାନୀ
ଝୁଣ୍ଟିଆ ବାଜିଲା ଝୁମ
ସେଇ ତାଳରେ ପିଠା
ଲାଗଇ ବଡ ମିଠା ।

ବେଲ ଖସିଲା

ଗଛରୁ ବେଲ ଖସିଲା
ଆସିଲା ଗୋଟେଁ ଡାମରାକାଉ
ଗୋଟାକ ବେଲ ଖୁମ୍ପିଲା ।
ଥୁଣ୍ଟା ଦେଲା ଥଣ୍ଟ ତା'ର
ବେଲରୁ କିଛି ନ ପାଇ ସିଏ
ହୋଇଲା ହରବର ।

ନଡ଼ିଆ

ଗଡ଼ିଆ ହୁଡ଼ାରେ ନଡ଼ିଆ ଗଛ
ପାଣିରେ ନଡ଼ିଆ ଖସିଲା
କିଲିବିଲି ହୋଇ ଧାଇଁଲେ ମାଛ
କିଏ ଏଇ ଜନ୍ତୁ ଆସିଲା ।
ବେଙ୍ଗଟିଏ ଥାଇ କହିଲା, "ଭାଇ,
ଜନ୍ତୁ ନୁହଁ ସେତ ନଡ଼ିଆ
ଫଳ ଭିତରେ ଏ ବଢିଆ ।

ଉଃ ଆଃ

ବୁଲୁ ବୁଲୁ ଥରେ ବଇଁଶୀ
ନାଲି ଗୁଲୁ ଗୁଲୁ ନାଲି ଲଙ୍କାଟିଏ ପାଇଚି
ଫଳ ମନେକରି ଯେମିତି ତାକୁ ସେ ଖାଇଚି,
ପୋଡ଼ିଗଲା ପାଟି ଉଃ ଆଃ
ହୁଏ କାନ ମୁଣ୍ଡା ଆଉଁଶି,
ମିଠା ଦହି ଆଣି ମାଆ
ଖୁଆଇ ଦେବାରୁ ଚାଲିଗଲା କାହିଁ
ବଇଁଶୀର ଉଃ ଆଃ ।

ପାଚିଲା ଜାମୁ

କଳା ମିଚି ମିଚି ପାଚିଲା ଜାମୁ
ପାଣିରେ ପଡ଼ିଲା ଟପ୍
ବେଙ୍ଗ ବସିଥିଲା ପୋଖରୀ କୂଳେ
ପାଣିନି ଡେଇଁଲା ଖପ୍ ।
ପାଣିରେ ବୁଡ଼ିଚି ପାଚିଲା ଜାମୁ
ଖୋଜିଲେ କିଏ ସେ ପାଇବ,
ପାଇଲେରେ ଭାଇ କଅଣ ହେବ
ବେଙ୍ଗୁଲୀକି ତାକୁ ଖାଇବ ?

ଓଉ

ଗଛରୁ ପଡ଼ିଲା ଓଉଟେ
ଦେଖି ଦେଲା ତାକୁ କାଉଟେ
ଖାଇବାକୁ ଧାଇଁ ଅଇଲା
ଓଉ ପଡ଼ିଗଲା ଗଡ଼ିଆ ପାଣିକି,
କାଉ ଖାଲି ଚାହିଁ ରହିଲା ।

ଖଟା କଇଁଆ

ଖଟା କଇଁଆ
ଖଟା କଇଁଆ
ଦେହଟି ତୋର ସରୁ
ପାଟିରୁ ନାଳ
ପଡ଼ଇ ଖସି
ହାତରେ ଧରୁ ଧରୁ ।

ଖଟା କଇଁଆ
ଖଟା କଇଁଆ
ଦେହଟି ତୋର ବଙ୍କା
କେମିତି ମଜା ଖାଇଲେ ଲାଗେ
ମିଶାଇ ଲୁଣ ଲଙ୍କା ।

କାକୁଡ଼ି କଖି

ବାଡ଼ିରେ ଫଳିଛି କାକୁଡ଼ି କଖି
ହନୁଟା କାହିଁ ଅଇଲା ପଶି
ରାସୁରୁ ମାଷୁରୁ ଖାଇଲା,
ନଷ୍ଟର ପସର ଅଜା ଧାଇଁବାରୁ
ଡିଆଁଟାଏ ହନୁ ମାଇଲା ।

କୋଳି

ବାପା ଯାଇଥିଲେ ବଣକୁ
ଆଣି ଥିଲେ ଡୋଳି କେତେ,
ସାଙ୍ଗ ସାଥୀ ମେଳେ
ବାଣ୍ଟିଲି ମୁହିଁ,
ଖାଇ ଖାଇ ମୋଟେ
ସରିଲା ନାହିଁ
ଆହୁରି ବଳିଲା ଏତେ ।

କୁନାର କୋଳି ଖିଆ

ପାଟିଲା କୋଳି ପାଟିଲା ଦୋଳି
ଗହଚ ଆମ୍ବରେ ଖେଳୁଛି ଦୋଳି
କୁନା ମନଟି ହାଉଁ ପାଇଁ
ଖାଇବା ପାଇଁ ।
କେମିତି କଅଣ ଜରିହ ମିଏ
କୋଳିଡକ ଗଛ ଆଗରେ ଯାଇ ।
ପବନ ବହିଲା ଯାଇଁ ହଇଁ
ମଝ ଟଡର ଦେଲା ହଲାମ
କୋଳିଟି ପଡ଼ିଲା ଟପ୍ ଜରି
କୁନା ଧରି ନେଲା ଖପ୍ ଜରି ।

ଭୋଜି ମଉଜ ନୋହିଲା

ମେଘ ବରଷିଲା ଟପର ଟପର
ଝରିଲା ବର୍ଷା ଧାରା
ମୀନା... ମୋନା... ସୁନା
ବି ଭୋଜି ଜରିବା
ପାଣିତ ଅଗଣା ସାରା ।
ଆଣରେ ପିଲେ କୁଲେଇ
ମେଘ ନେଉ ବୁଲେଇ
ଆଣରେ ପିଲେ ମୂଷାନାଟି
ମେଘ ଯାଉ ପସର ଆଟି ।

ଗଛ

ଟିକି ପତର ମେଲି
ଗଛ କହେଲୋ ଗେହ୍ଲୀ
ସୁନା ଭଉଣୀ ଲୋ ସୁନାଭଉଣୀ
ନିତି ମୋ କୂଳେ ଦେ' ଲୋ ପାଣି
ଖତ ନେ ସାର ଦେ
ମୋ ଚାରିପାଖେ ଘେର ଦେ
ପୋକ ଯୋକ ସବୁ ଛଡ଼େଇ ଦେ
ମୋତେ ଟିକେ ବଢେଇ ଦେ ।

କି ସୁନ୍ଦର ବରଗଛ

କି ସୁନ୍ଦର ବରଗଛ
ପତର ଗହଳ
କି ସୁନ୍ଦର ଝୁଲି ଅଛି
ତଳକୁ ଓହଳ ।
ସଫା କେଡ଼େ ମୂଳ ତା'ର
କି ବଡ଼ିଆ ଛାଇ,
ବେଳେ ବେଳେ ତା'ର ମୂଳେ
ଖେଳୁ ଆମେ ଯାଇ ।

ବାପା ଆଣି ଦେଲେ ଚାରାଟିଏ

ବାପା ଆଣି ଦେଲେ
ଚାରାଟିଏ
ଛନ ଛନିଆ
ଦୁଆରୁ ଡ଼ାକିଲେ ଆସି
"ଆରେ ମନିଆ
ନେରେ ନେ
ଲଗାଇ ଦେ ।"
ମନିଆ ହେଲା ଖୁସି
ବାରିକୁ ଗଲା ପଶି
ଲଗାଇ ଦେଲା ହସି
ଚାରାଟି ଦେଲା ହସି
ମନିଆ ମନ ଖୁସି ।

କଖାରୁ ମଞ୍ଜି

କଖାରୁ ମଞ୍ଜି ମାଟି ଭିତରୁ
ଖୁସିରେ ଦେଲା ଚାହିଁ
ପାଣି ଆଞ୍ଜୁଳା ସେଥିରେ ଦେଲେ
ଆମରି ଟୁନା ଭାଇ!
ଚାରାରୁ ଗଛ ହୋଇଲା ବଡ଼,
ବାନ୍ଧିଲେ ନେଇ ବତା,
ମାଡ଼ିଲା ଦେଖ ଲତା,

ଧରିଲାଟିକି କଡ଼
କଡ଼ରୁ ଫୁଲ ଫୁଲରୁ ଫଳ
ଫଳିଲା ବଡ଼ ବଡ଼ ।

ପତର କାନ୍ଦୁଛି ଦେଖ

ପତରଟିଏ
ଛିଣ୍ଡେଇ ମୁନା,
ଦେଖିଲା ଝରୁଛି ପାଣି;
ଦଉଡ଼ି ଯାଇ
ମାଆକୁ ସିଏ
ପଚାରିଲା ଟାଣି ଆଣି ।
ମାଆ କହିଲେ
ପତର ଗୋଟି
କାନ୍ଦୁଛିରେ ଦେଖ ମୁନା;
ଛିଣ୍ଡେଇ ଦେଲୁ
କାଟିଲା ତାକୁ
ଝରାଏ ଲୁହ ଅନା ।



ଗଛରେ ଗଛ

ଗଛରେ ଗଛ
ଗଛରେ ଗଛ
ସବୁରି ଆଗେତୁ, ସବୁ ତୋ ପଛ
ଗଛରେ ଗଛ ।
ଗହଳ ପତର ସବୁଜ କୋଳ
ସୁନ୍ଦର ଫୁଲ ତୋ ସୁଆଦ ଫଳ ।

(୫) ପର୍ବ ପର୍ବାଣି ସମ୍ବନ୍ଧୀୟ :

ଚୁନିଆ ନାଚ୍

ଆମ ରେଡ଼ିଓରେ ବାଜିଲା ଗୀତ
ବାଜିଲେ ଗୀତ
ବାଜିଲେ ବାଜା
ନାଚ୍ କରୁଥାଏ ଚୁନିଆ ରାଜା
ହସ ପଡୁଥାଏ ଝରି
କିଏ ହେବ ତାଥା ପରି ।

କୁନିର ନାଚ୍

ଡ଼ିବି ଡ଼ିବିବାଜେ ଯୋଡ଼ି ନାଗରା
ମୋ କୁନି ନାଚ୍ଇ ପିନ୍ଧି ଘାଘରା
ଦେହଟି ତାହାର ଜଡ଼ିଆ ସାଜେ
ପାଦେ ରୁମ୍ଝୁମ୍ ଘୁଙ୍ଗୁର ବାଜେ
ନାଚେ ତାକ ଧିନି ଧିନି
କୁନା ବଜାଉଛି ଗିନି ।

ଧୁଷ୍ପୁରୁ ଧୁମା

ତାକ୍ ଡୁମ୍ ଡୁମ୍ ଡୁମୁକୁ ଡୁମା
ନାଚ୍ କରୁଅଛି ଧୂଷ୍ପରୁ ଧୁମା
ଅଚ୍ଛଲା ପେଟକୁ ହଲାଇ ହିଏ
ଆସରେ ଦେଖିବ ତା' ନାଚ କିଏ ?

ସୋନୀର ନାଚ୍

ପବନ ବହଇ ସୁଲୁ ସୁଲୁ
ଝରଣା ଝରୁଛି କୁଳୁ କୁଳୁ
ପରଜାପତିଟି ମନ ଭୁଲାଣିଆ
କୋଇଲିର ଗୀତ ମନ ଫୁଲାଣିଆ
ଲୋଟଣୀ ପାରାଟି ଘୁମୁରୁ ଘୁମ୍
ସୋନୀର ନୂପୁର ଛୁମୁରୁ ଛୁମ୍ ।

ଝୁମୁଝୁମୁ ପାଉଁଜ

ଦିକି ଦିକି ଜଳୁଥାଏ
ଆମଘର ଦୀପାଳୀ
ପୁଉଁ ପୁଉଁ ଆମକୁନି
ଫୁଙ୍କୁ ଥାଏ ପେଁକାଳୀ ।
ଆଜି ବଡ଼ ମଉଜ,
ଖଆ ପିଆ ଡିଆଁ ଡେଇଁ
ଝୁମୁ ଝୁମୁ ପାଉଁଜ ।



ଆଜି ବଡ଼ ମଉଜ

ଦିକି ଦିକି ଜଳୁଥାଏ
ଆମଘର ଦୀପାଳୀ
ପୁଉଁ ପୁଉଁ ଆମକୁନି
ଫୁଙ୍କୁ ଥାଏ ପେଁକାଳୀ ।
ଆଜି ବଡ଼ ମଉଜ,
ଖଆ ପିଆ ଡିଆଁ ଡେଇଁ
ଝୁମୁ ଝୁମୁ ପାଉଁଜ ।

ଆସିଛି ବଡ ଦିନ

ସଜାରେ ଆଲୁଅ ମାଳ ମାଳ
ଝଲମଲ ଖାଲି ଝଲ ଝଲ
ନାଚି ଯାଅ ଗାଇ ଯାଅ
ଛେନା ପଲାଉ ଖାଇଯାଅ
ନୂଆ ପୋଷାକରେ ମନ
ଆସିଛି ବଡ ଦିନ
ଆସିଛି ବଡ ଦିନ ।

କୁନି ଝିଅର ନାଁ ଦିଆ

ଯାଇଥିଲି ମୁଁ ପିଇସୀ ଘର
ନାଁ ଦିଆଥିଲା ତାଙ୍କ ଝିଅର
ମୋରି ପରି ପିଲେ ଆହୁରି,
ଖାଇଲୁ କ୍ଷୀରା କାକରା ପୁରି ।
ସଭିଏ ମିଳି ମାଇଲୁ ତାଳି
ମଜାରେ ଖେଳି ଖେଳି ।

କେନ୍ଦରା



ଛେଳି ଚରାଉଚି ଦେଖରେ ଦେଖ
ଆମରି ଗାଆଁର ଚନ୍ଦରା
ଛେଳି ଖାଉଛନ୍ତି ଡାଳ ପତର
ସିଏ ବଜାଉଛି କେନ୍ଦରା

ବାଇଦ ବାଜେ, ଝାଞ୍ଜ ବାଜେ

ବାଇଦ ବାଜଇ ଡାକ୍ ଡୁମା ଡୁମ୍
ଡାକ୍ ଡୁମା ଡୁମ୍
ଝାଞ୍ଜ ବାଜଇ ଝୁମ୍ ଝୁମା ଝୁମ୍
ଝୁମ୍ ଝୁମା ଝୁମ୍
ଏକାଠି ବାଜିଲେ ଦୁଇଟି ଯାକ
ନାଚୁ ଥାଉ ଆମେ
ଝୁମ୍ ଝୁମା ଝୁମ୍, ଝୁମ୍ ଝୁମା ଝୁମ୍ ।

ହାତୀ ନେ' ଘୋଡା ନେ'

ହାତୀ ନେ ଘୋଡା ନେ
ମୋ ପେଁକାଳି ବଜାଇଦେ ।
ମହୁରୀ ବାଜେ ପେଁ ପେଁ
କେନ୍ଦରା ବାଜେ କେଁ କେଁ
ବଇଁଶୀ ବାଜେ ପୁଁ ପୁଁ
ମୁନା କାନ୍ଦଇ ସୁଁ ସୁଁ ।

ତୂରୀ ନେଲି ମହୁରୀ ନେଲି

ତୂରୀ ନେଲି ମହୁରୀ ନେଲି
ପେଁ ପେଁ କରି ବଜେଇ ଦେଲି ।
ଢୋଲ ନେଲି ଢୁଲକି ନେଲି
ଡାକ ଡୁମ ଡୁମ ବଜେଇ ଦେଲି ।
ମାଦଳ ନେଲି ପଖାଜ ନେଲି
ଧାତିଙ୍ଗ ତିଙ୍ଗ ବଜେଇ ଦେଲି ।



ପପୁଆ ନାଚୁଛି

ଡିବି ଡିବି ଯୋଡି ନାଗରା,
ଘିରି ଘିରି ଘିରି ଘୁରେ ଘାଗରା ।
ପୁଁ ପୁଁ ପୁଁ ବଇଁଶୀ ବାଜେ
ପପୁଆ ଆମର ନାଟୁଆ ସାଜେ ।
କାନରେ କୁଣ୍ଡଳ ମୁଣ୍ଡରେ ଚିତା
ପପୁଆ ନାଚୁଛି ତାକ ଧିନିତା .. ତାକ ଧିନିତା ।

ମିତରେ ଗୀତ ଗାଇ ଯା

ମିତରେ ଗୀତ ଗାଇ ଯା'
କେଉଁ ଗୀତଟି ଗାଇବି କହ,
ଅଜାର ଗୀତ କି
ଆଇର ଗୀତ
ଅଜାର ସାଥୀରେ ଆଇର ଗୀତ
ଗାଇ ଗାଇ ତୁ ନାଚି ଯା' ।
ମିତରେ ଗୀତ ଗାଇ ଯା' ।

(ଞ) ସୂର୍ଯ୍ୟ, ଚନ୍ଦ୍ର, ତାରା ଦିନରାତି ସମ୍ବନ୍ଧୀୟ :

ସୂର୍ଯ୍ୟ

ସକାଳୁ ଉଠି ଆକାଶେ ଦେଖେ
ନାଲି ପେଣ୍ଡୁଟି ରହିଚି ସେଠି
ସେଇଟି ଆଣି ଦେଏ ଲୋ ବୋଉ
ମନ ଖୁସିରେ ଖେଳିବି ଏଠି ।

ସକାଳ ଖରା

ଲୀନା ମାଉସୀ....ଲୀନା ମାଉସୀ
କଅଣ କରୁଚ ଖରାରେ ବସି ?
ମାଉସୀ କହିଲା ଜାଣିଲୁ ନାଇଁ
ସକାଳୁ ବସିଚି ଖରା ପୁଆଁଇ ।
ସକାଳ ଖରାରେ ବହୁତ ଫଳ
ମନ ଭଲ ଆଉ ଦିହରେ ବଳ ।

ଟାଣୁଆ ଖରା

ହୋଇଲା ଟାଣୁଆ ଖରା
ନିଆଁ ଝରୁଅଛି ପରା
ପୋଖରୀ, ଗଡିଆ ପାଣି କମିଲା
ଲାଗିଗଲା ମାଛ ଧରା ।

କଣ୍ଢେଇ ହବ ଖୁସି

ସକାଳ ହେଲା
ପଡିଲା ଖରା
ଉଠିଲେ ପାରା ବଣି;
କଣ୍ଢେଇ ମୋର
ଶୋଇ ପଡିଛି
ପାରୁନି ଜମା ଜାଣି,
ଦେବି ତାକୁ ମୁହିଁ
ଉଠେଇ ଦେବି,
ମୁହଁ ହାତ ଧୋଇ

ବୁଲେଇ ନେବି,
କଣ୍ଢେଇ ହବ ଖୁସି,
ମୁରୁକି ଦେବି ହସି ।

ଖେଳିବା ଖେଳ

ସୂରୁଯ ବୁଡ଼ିଲେ
ବୁଡ଼ିଲା ବେଳ
ଚାଲଭାଇ ମାନେ
ସରିଲା ଖେଳ ।
ଝାଡି ଝୁଡି ଦିଅ ଧୂଳି;
କାଲି ଆଉ ଥରେ
ଖେଳିବା ଖେଳ,
ଆମେ ସବୁ ମିଳିମିଶି ।

ରାତି ପାହିଲା

ରାତି ପାହିଲା
ସକାଳ ହେଲା
ସୂରୁଯ ଉଠି ଆଲୁଅ ଦେଲା
ସୁଲୁ ସୁଲୁ ହୋଇ ପବନ ବହି
ଦେହକୁ ଶୀତଳ ଜଲା ।

ରାତି ଦେଖ ପାହିଲା

ରାତି ଦେଖ ପାହିଲା,
ଖରା ଆସି ପଡିଲା,,
ନଈ ନାଳ ଗଡିଆ,
ବିଲମାଳ ପଡିଆ,,
କି ସୁନ୍ଦର ଦିଶଇ,
ଗଛଲତା ହସଇ,,
ଆସ ଯିବା ଖେଳିବା,
ନାଚି କୁଦି ଡେଇଁବା,,
ଚ୍‌କା ଚ୍‌କା ଭଉଁରି,
ମାମୁଘର ଚଉଁରୀ ।

ରାତି ଆସିଲା

ବେଳ ଗଡ଼ିଲା ସୂର୍ଯ୍ୟ ବୁଡିଲା
ଧୀରେ ଧୀରେ ରାତି ଆସିଲା,
ଅନ୍ଧାର ହେଲା, ଦୀପ ଜଳିଲା,
ଆକାଶରେ ତାରା ହସିଲା
ଗେଲେଇ ହୋଇ ଡାକିଲା ଆଈ
ନାତିନାତୁଣୀଏ ଆସରେ,
କହିବି ଗପ ପକାଅ ସପ
ପାଖରେ ମୋହର ବସରେ

ନାତି ନାତୁଣୀଏ ବସିଲେ ବେଢି,
ଫିଟାଇଲେ ଆଈ କାହାଣୀ ମେଡି ।

ଦିଅ ବତୀ ଜଳାଅ

ସଂଜ ହେଲା ସଂଜ ହେଲା
ହେଇ ରାତି ଆସିଲା,
ଖରା ଏବେ ଗଲା ଚାଲି
ଅନ୍ଧାରଟା ପଶିଲା.
ଦିଅ ବତୀ ଜଳାଇ;
ଅନ୍ଧାରଟା ଚାଲିଯିବ
ଯିବ ଲୁଚି ପଳାଇ ।

ଦିନରାତି ଯେବେ ଏକାଠି ହେବେ

ରାତିଗଲେ ଆସେ ଦିନ,
ଦିନଗଲେ ଆସେ ରାତି,
ଦିନରାତି ଯଦି
ଏକାଠି ହେବେ,
ଆଲୁଅ ଅନ୍ଧାର
ସାଥି ହୋଇବେ,
ରହିବ ନାଇଁଟି କୋଉଠି ଆଉ
ଦିନ ଫିନ ରାତି ପାତି ।

କୁନିତାରା

କୁନି ତାରାଟିଏ,
ମେଘ ଭିତରୁ
ମିଟି ମିଟି ମତେ ଚାହିଁଲା;
ଗଲାଣି ସଂଜ
ହେଲାଣି ରାତି
ଶୋଇପଡ ବୋଲି କହିଲା

ଜହ୍ନ ଖେଳିବ ଆସି

ମୁଁ ଚାଲିଲେ
ଜହ୍ନ ଚାଲେ,
ରହିଲେ ଜହ୍ନ ରହେ,
ଦଉଡିଲେ ମୁଁ
ଦଉଡେ ସିଏ
ମୋ ପଛରେ ଧାଏଁ ।
ଆସରେ ଭାଇ
ଜହ୍ନକୁ ଡାକି,
ଖେଳିବା ଆମେ ମିଶି
ତଳକୁ ଆସି
ଖେଳିବ ସିଏ
ଆମରି ସାଙ୍ଗେ ହସି ।

ଆରେ ଜହ୍ନ

ଆସିବୁ ତ ଆରେ ଜହ୍ନ
ଆସିବୁ ତ ଆ,
ଆସି ଯେବେ ପାରିବୁ ନାହିଁ
ଥା ସେଇଠି ଥା ।
ମୁଁ ଯିବି ତୋ' ପାଖକୁ
ତୁ' ଥା ସେଠି
ଖେଳିବିରେ ତୋ' ସାଙ୍ଗରେ
ତତେ ସେଠି ଭେଟି ।

ଜହ୍ନମାମୁଁ

ଜହ୍ନମାମୁଁ ଜହ୍ନମାମୁଁ
ଆକାଶେ ତୁମେ ରହିଛ,
ତାରାଙ୍କ ସାଙ୍ଗେ ଖେଳୁଛ,
ତୁମର ମୋର କୁଟି
ହବ ନାହିଁ କେବେ ମିଟ୍‌ଟି;
ତଳକୁ ଯଦି ଆସିବ
ମୋ ସାଙ୍ଗରେ ଖେଳିବ,
କଟ୍‌ଟି ଦେବି କାଟି
ହବ ଆମରି ମିଟ୍‌ଟି ।

ଆଆ ଜହ୍ନମାମୁଁ ଆ

ଆଆ ଜହ୍ନମାମୁଁ ଆକାଶେ ଥା'...
ହାତ ଠାରି କିଆଁ ଡାକୁଛୁ ତୁମେ
ରକେଟରେ ବସି ଯାଉଛି ମୁହିଁ
ସାଙ୍ଗରେ ନେଉଛି ବହୁତ ପିଲା
ତୁମ ସାଙ୍ଗେ ସବୁ ଖେଳିବୁ ଯାଇ ।
ହସୁଥିବ ହା... ହା...
ଆଆ ଜହ୍ନମାମୁଁ ଥା'...

ଝିଲ୍ଲି

ବୋଉଲୋ ବୋଉ,
କାହିଁକି ହେଲା ?
କହିଲୁ ଭଲା

ଦିନଟେ ମୁହିଁ ଦେଖିଲି ସିଏ,
ଦିଶିଲା ଗୋଲ ସିଏ,
ଆଉ ଦିନଟେ ଦେଖିଲି ତାକୁ
ଖଣ୍ଡିଆ ଜହ୍ନଟିଏ ।

ଜହ୍ନ ଓ ସୂର୍ଯ୍ୟ

ହୋଇଗଲେ ରାତି ଜହ୍ନ ଆସେ
ଝରକାରେ ଗଳି ମୋ ଘରେ ପଶେ ।
କଅଁଳ ହାତରେ ଆଉଁଶି ଦିଏ
ଧୀରେ ଧୀରେ ମୋତେ ଶୁଆଇ ଦିଏ
ସକାଳେ ସୂର୍ଯ୍ୟ କିରଣ ଆସେ
ଝରକାରେ ଗଳି ଭିତରେ ପଶେ ।
ଛୁଇଁ ଦେଇ ମୋ ଆଖିକି ସିଏ
ନିଦରୁ ସେ ମୋତେ ଉଠାଇ ଦିଏ ।

ଜହ୍ନ ଧରିବାକୁ ମନ

ପୋଖରୀ ଭିତରେ ଜହ୍ନ
ଜହ୍ନ ଧରିବାକୁ ହେଉଛି ମନ,
ଆସରେ ଜାଲ ଆଣି
ଜାଲ ପକାଇ ପୋଖରି ତଳୁ
ଆଣିବା ତାକୁ ଛାଣି ।

ଜହ୍ନମାମୁଁ

ଚୁପଚାପ ଚୁପଚାପ
ପଛେ ପଛେ ମୋର ଆସ
ପୋଖରୀ ପାଣିକୁ ଦେଖ ।

ପୋଖରୀ ପାଣିରେ ଆମ ଜହ୍ନମାମୁଁ
ଦିଶଇ କି ଜକଜାକ ।
ଚୁପଚାପ ଚୁପଚାପ
ପଛେ ପଛେ ମୋର ଆସ
ପୋଖରୀ ଭିତରେ ପଶ ।
ପାଣିକି କରିଲେ ଚ଼ବର ଚ଼ବର
ଦେଖ ଜହ୍ନମାମୁଁ ନାଚ
ଦେଖ ଜହ୍ନମାମୁଁ ନାଚ ।
ଚୁପଚାପ ଚୁପଚାପ
ପଛେ ପଛେ ମୋର ଆସ ।

ସୂରୁଯ ଉଠେ

ସୂରୁଯ ଉଠେ ସୂରୁଯ ଉଠେ,
ସୁନାଥାଳୀ ପରି ସୂରୁଯ ଉଠେ ।
ବସାଛାଡି ପକ୍ଷୀ ଆକାଶେ ଉଠେ ।
ସୂରୁଯ ବୁଡ଼େ ସୂରୁଯ ବୁଡ଼େ
ନାଲି ପେଣ୍ଡୁ ପରି ସୂରୁଯ ବୁଡ଼େ ।
ବସା ଆଡକୁ ଚ଼ଢେଇ ଉଡ଼େ
ସୂରୁଯ ବୁଡ଼େ ସୂରୁଯ ବୁଡ଼େ ।

(ଟ) ପରିବହନ ସମ୍ବନ୍ଧୀୟ :

ଛାଡ଼ ବାଟ

ଛାଡ଼ ବାଟ ଛାଡ଼ ବାଟ
ମାମୁନି ଯାଉଛି ନୂଆ ହାଟ,
ରିକ୍ସା ଗଡୁଚ ଘିଡ଼ି ଘିଡ଼ି
ଚଇତନ ନିଏ ଭିଡ଼ିଭିଡ଼ି ।

ଶଗଡ଼

ଆମରି ଅଛନ୍ତି ଦୁଇଟି ବଳଦ,
କାଳିଆ ଧଳରା ତାଙ୍କରି ନାଁ
ଟାଣନ୍ତି ସେ ଦୁହେଁ ଶଗଡ଼ ଗାଡ଼ି,
ଶଗଡ଼ରେ ଯାଉ ମାଉସୀ ଗାଁ ।

ଫଟଫଟି

ଆଗ ଚକରେ ବେଲୁନ୍ ବାନ୍ଧି—
ତିନି-ଚକିଆ ସାଇକଲରେ
ଚାଲିଛି ଆମ ବଣ୍ଟି
ଡାକ ଛାଡୁଛି ଯାଉଚି ଗଡି
ଦେଖରେ ଫଟ ଫଟି
ଆଗରୁ ଯାଅ ହଟି
ମାରି ଦେଉଛି ଘଣ୍ଟି ।

କଳ-ଲଙ୍ଗଳ

ଆମରି ଲୁଲୁ ଚାଷ କରିବ
କଳ-ଲଙ୍ଗଳ ଧରି,
ସୁନା-ଫସଲ ଲୋଟି ପଡିବ
ଅମାର ଯିବ ଭରି ।



ଗାଡି

କେଏଁ କଟର ଶଗଡଗାଡି
ଟାଣନ୍ତି ବଳଦ ହଳେ,
ଅଜା ଯାଆନ୍ତି ତହିଁରେ ବସି
ମଠେଇ ମଠେଇ ତଳେ ।
ଅଫିସ ଯା'ନ୍ତି ବାପା ମୋଟରି
ସ୍କୁଟର ଗାଡି ଚଢ଼ି,
ଭାଇ ଚଢ଼ନ୍ତି ସାଇକେଲଟି
ଯାଆନ୍ତି ପାଠ ପଢ଼ି ।
ଚିନି ଚକିଆ ସାଇକେଲକୁ
ଚଲାଏ ଆମ ଜୁନା
ସାଙ୍ଗ ପିଲାଏ ଦେଖି କହନ୍ତି-
ଆମ ଜୁନାଟି ସୁନା ।

ରେଲଗାଡି

ରେଲଗାଡିରେ ରେଲଗାଡି
ଡବାକୁ ଡବା ଯୋଡି ଯୋଡି
ଯାଆ ତୁ ଯାଆ ଗଡି ଗୁଡିଏ
ଛୁକ୍ ଛୁକ୍ ଛକ୍ ଛକ୍
ଯାଆରେ ଚାଲି ଯାଆରେ ଚାଲି
ଧୂଆଁ ଛାଡି ଭକ୍ ଭକ୍

ଗାଡି ଖେଳ

ଆସ ଆସ ପିଲାଏ
ଖେଳିବା ଖେଳ
ଝୁକୁ ଝୁକୁ .....ଝୁକୁ ଝୁକୁ
ଚାଲିବ ରେଳ ।
ମୁଁ ହେବି ଇଞ୍ଜିନ୍
ତମେ ସବୁ ଡବା
ସର୍କସ ଦେଖି ଆଜି
ଆମେ ସବୁ ଯିବା ।

ଉଡାଜାହାଜ

ଉଡାଜାହାଜ ଉଡାଜାହାଜ
କୁଆଡେ ଯାଉ ଉଡି
ଏଡେ ପାଟିରେ ଭୁଁ ଭୁଁ
ଛାଡୁଛୁ କିଆଁ ରଡି ।
ଉଡାଜାହାଜ ଉଡାଜାହାଜ
ଏଇଠି ଟିକେ ରହ
କେମିତି ଉଡୁ ମେଘ ଭିତରେ
ମୋତେ ଟିକିଏ କହ ।

ହେଲିକପ୍ଟର

ହେଲିକପ୍ଟର
ହେଲିକପ୍ଟର
ଚକ୍ ମକିଆ ହେଲିକପ୍ଟର
ତଳକୁ ଟିକେ ଆସ



ବଗିଚାରେ ଆସ ବସ,
ହୋଇଛୁ ଆମେ ବେଶ
ଯିବୁ ଜହ୍ନର ଦେଶ ।

ଆକାଶଛତା

ଆକାଶଛତାରେ
ଆକାଶଛତା
ଡର ନାହିଁ ତୋର
ବାଆ କି ବତା,
ଆକାଶରେ ଉଡୁ
ଡେଣା ମେଲେଇ,
ତୋ ସଙ୍ଗେ ମତେ କି
ନବୁ ଉଡେଇ ।

(୦) ପେଷା ଓ ବୃତ୍ତି ସମ୍ବନ୍ଧୀୟ :

ଡ୍ରାଇଭର



ଡ୍ରାଇଭର ଭାଇ
ଡ୍ରାଇଭର,
ଗାଡିଟି ତୁମର
ଠିଆକର ।

ଯିବୁ ଆମେ ଆଜି
ଅଜାଘର,
ଆମ ଅଜାଘର
ବାଜପୁର ।



ବସ୍ କଣ୍ଡକ୍ଟର ମୁଁ

କଣ୍ଡକ୍ଟର ମୁଁ
କଣ୍ଡକ୍ଟର ମୁଁ
ଟିକେଟ୍ ବହିଟେ ହାତେ ଧରିବି,
ବସ୍ ଭିତରକୁ
ଯାଏ ବା ଆସୁ
ଟିକେଟ୍ ଦେଲା ମୁଁ ପଇସା ନେଇ ।

ଆମ ସାର୍

ଆମ ସାର୍ ଆମ ସାର୍
ସାର୍‌ଙ୍କୁ କରିବି ନମସ୍କାର
ଆସିଲା ବେଳେ ନମସ୍କାର
ଗଲା ବେଳେ ନମସ୍କାର
ହାଟରେ ବାଟରେ ନମସ୍କାର
ଯେଉଁଠି ପାଇଁଲେ ନମସ୍କାର ।

ଜୋକର

ଜୋକର ଜୋକର-ଜୋକର
ଡେଉଁଚି ଫକର ଫକର
ଲାହକୁ ଦେଉଚି ଭିଡି
କାହାକୁ ନେଉଚି ଡଡି
ନାଲିଆ ବେଲୁନ୍ ନାକରେ ବାନ୍ଧି
ଜୁରଁରେ ଯାଉଚି ଗଡି ।

ଜୋକର୍

ମୁହେଁ ପାଉଡର
ଟିପିଟିପିକା
ଆପଣ ଜିଏରେ
ଛପି ଛପିକା
ଚୋପା ଚୋପା ମାରି ରଙ୍ଗ
ଦେଖାଉଛି କେତେ ଢଙ୍ଗ,
ଆସିଛି ଜୋକର ପିଲା
କେଉଁଠି ଏଇଟି ଥିଲା ?

ମେଜିକ ବାଲା

ଅନ୍ତର ମନ୍ତର ଉଚ୍ଚାର ଜୁଁ
ଅଲଜଡ ମଲକଡ ସଲକଡ ସୁ.....
ମେଜିକ୍ ବାଲା ମୁଁ ମେଜିକ୍ ବାଲା
ଦିହର ପୋଷାକ ଢିଲମ ଢିଲା
ମେଜିକ୍ କରିବି...ବଦଳାଇ ଦେବି
ପଡର କରିବି ପୁରି
ପାଣିକି କରିବି ଖିରୀ

ବେଲୁନ୍ ସବୁ ହଅନ୍ତା ଯେବେ

ପରିବା ଝୁଡିର ଆଳୁ ବାଇଗଣ
ବେଲୁନ୍ ସବୁ ହୁଅନ୍ତା ଯେବେ
ମନ ଖୁସିରେ ସଜାଇ ତାକୁ
ବେଲୁନ୍ ବାଲା ହୁଅନ୍ତି ତେବେ ।



ଗୋଟି ଗୋଟି କରି ବେଲୁନ୍ ନେଇ
ତୁମ ସମସ୍ତଙ୍କୁ ଦିଅନ୍ତି ମୁହିଁ
ଏକ ସଙ୍ଗେ ସବୁ ବେଲୁନ୍ ଉଡନ୍ତା
କେମିତି କା ମଜା ହୁଅନ୍ତା ଭାଇ

ହଳଧରି ଚାଲେ ଚାଷୀ

ମେଘ ବରଷିଲା ଟପର ଟପର
ବିଲରେ ପଡିଲା ପାଣି
ହଳଧରି ଚାଲେ ବିଲକୁ ବଳିଆ
କାଳିଆ, କଷରା ଘେନି ।

ମଇଁଷିଆଳ

ଆମରି ଘର
ମଇଁଷିଆଳ
ଚରେଇ ନେଲା ମଇଁଷି,
ମଇଁଷି ଖାଇଲେ
କଅଁଳ ଘାସ
ସିଏ ବଜେଇଲା ବଇଁଶୀ ।

ଡାକ୍ତର ହେବି

ବଡ ହେଲେ ମୁଁ,
ଡାକ୍ତର ହେବି
ରୋଗୀ ଦେଖିବି
ଔଷଧ ଦେବି,
ରୋଗକୁ ଦେବି ତଡି,
ଆଗରେ ମୋର
ବାଟ ବେମାର



ଜନ୍ତୁ ବି ଅଟେ
ସିଏ ଯିବେ ଉଡି ।

ପଡ଼ିଗଲି ଦିନେ ଖଣ୍ଡିଆ ହୋଇ

ପଡ଼ିଗଲି ଦିନେ
ଖଣ୍ଡିଆ ହୋଇ
ଡାକ୍ତରଖାନା
ନେଲେ କକେଇ ।
ଧଳାଲୁଗା ପିନ୍ଧି
ଜଣେ ମାଉସୀ,
ଔଷଦ ଇଞ୍ଜେକ୍ସନ ଦେଲେ ଆଉଁସି ।
ପଚାରିଲି ମୁହିଁ
କିଏ ସେ ଇଏ,
କକେଇ କହିଲେ
ନର୍ସ ସିଏ ।

କୁମ୍ଭାର ଭାଇ

କୁମ୍ଭାର ଭାଇ ବୁଲାଇ ଚକି
ଗଢୁଛନ୍ତି କେତେ ହାଣ୍ଡି ଓ ଠେକି
ପଇସା ଗୋଟିଏ ନେବୁ କି ?
ହାଣ୍ଡି ଗୋଟିଏ ଦେବୁ କି ?



କମାରଶାଳ

କମାର ଭାଇ କରୁଚ ଶାଳ
ଖିମ୍ ଗମ୍ ବହୁଚି ଝାଳ
ଟାଇଁ ଟାଇଁ ପିଟୁଛି ଲୁହା
ଗଢୁଛି କୋଡ଼ି କୋଦଳ ଦାଆ ।

(ଡ) ରଙ୍ଗ, ଆକାର ସମ୍ବନ୍ଧୀୟ :

ରଂଗ

ନୀଳ ଆକାଶ
ନାଲି ମନ୍ଦାର
ସବୁଜ ଘାସ
ଧଳା ଟଗର
କଳା କୋଇଲି
କଜଳ ପାତି
ରଂଗ ବେରଂଗ
ପରଜାପତି ।

କିଏ କେମିତି କଲା

ବଗ ଦେହଟି ଧଳା
କାଉ ଦେହଟି କଳା,
ଶୁଆର ଥଣ୍ଡ ନାଲି
ଦେହ ଶାଗୁଆ ଖାଲି,
କିଏ କେମିତି କଲା
କହି ଦିଅଟି ଭଲା ।

ନାଲି

ବଡ଼ ନାଲିଆ ମନ୍ଦାର ଥୋପା
ନାଲିଆ ଦିଶେ ସିନ୍ଦୂର ଟୋପା
ପୂରୁବେ ଉଠେ ନାଲି ସୂରୁଜ
ବୁଣି ବୁଣିକା ନାଲି ମୁରୁଜ ।

ନାଲିଆ ଫଗୁ ହୋଇବା ବୋଳି
ଖେଳିବା ଆସ ମଜାରେ ଦୋଳି ।

ଧଳା

ଦୁଧ ଧଳା
ଛେନା ଧଳା
ଧଳା କୁକୁଡ଼ା ଅଣ୍ଡା ।
ଭାତ ଧଳା
ଦହି ଧଳା
ଧଳା ଚୁକୁଳି ମଣ୍ଡା
ଆସରେ ପିଲେ ଖାଇଲୁ
ଖାଇସାରି ଖେଳିବା ।

ଗୋଲ

ଗୋଲ ଅଟଇ ଆମ କୁନାର ପେଣ୍ଡୁ,
ବାଡ଼ିରେ ଦେଖ ଫୁଟିଛି ଗୋଲ ରୋଷ,
ପୂନେଇ ରାତି ଗୋଲ ଚାନ୍ଦଟି ହସେ,
ଗୋଲ ସୂରୁଜ ଉଜଳ ଖରା ଖସେ ।
ଗୋଲ କମଳା ଖାଇବା ପାଇଁ ମଜା,
ଗୋଲ ମଣ୍ଡାଟି ପିଠା ମଧ୍ୟରେ ରଜା,
କୁନାର ମୁହଁ ଗୋଲ,
ଗୋଲ ଖୋଲ ଗୋଲ ।

ଚିକି ଚିକି ପତର

ଡ଼େଙ୍ଗା ଡ଼େଙ୍ଗା ଉଁଶର
ନଜ ନକ କଣି,

ସରୁ ସରୁ ପତର ତା'
ନହୁଅଇ ଗଣି ।
ମୋଟା ମୋଟା କଆଁଗଣ୍ଠି
ବଙ୍କା ବଙ୍କା ଫଳ
ଟିକି ଟିକି ପତର ତା'
ଛାଇ ତା'ର ତଳ ।



ଜିଏ ସେ ଉଚ୍ଚା

ଜହ୍ନି ଫୁଲ ଠୋ ଠା,
କାକୁଡି ଫୁଲ ଠୋ ଠା,
ମୋଠୁ ଉଚ୍ଚା ଅପା ମୋର
ତାଆଠୁ ଉଚ୍ଚା ମା ।

ଜହ୍ନି ଫୁଲ ଠୋ ଠା,
କାକୁଡି ଫୁଲ ଠୋ ଠା,
ମାଆଠୁ ଆହୁରି ବାପା ଉଚ୍ଚା
ଆହୁରି ଉଚ୍ଚା ଗଛ ।

(ଢ) ଋତୁ ପବନ ଆଦି ସମ୍ବନ୍ଧୀୟ :

ପବନ

ପବନରେ ପବନ
ଥରି ଥରି ପବନ
ବହିଯାରେ ବହିଯା
ମତେ ଟିକେ ଛୁଇଁଯା
ଛୁଇଁଯାରେ ଛୁଇଁଯା
ଗୀତଟିଏ ଗାଇଯା ।

କଳା ଧଳା ମେଘ

ମେଘ ଦେଖ
ମେଘ ଦେଖ
କଳା କଳା
ମେଘ ଦେଖ ।
ହାତୀ ପରି
ମେଘ ଦେଖ
ଭାଲୁ ପରି
ମେଘ ଦେଖ ।
ମେଘ ଦେଖ
ମେଘ ଦେଖ
ଧଳା ଧଳା
ମେଘ ଦେଖ ।
ଠେକୁଆ ପରି
ମେଘ ଦେଖ ।
ମେଣ୍ଢା ପରି
ମେଘ ଦେଖ
ମେଘ ଦେଖ
ମେଘ ଦେଖ
କଳା-ଧଳା
ମେଘ ଦେଖ ।

କାକର ବିନ୍ଦୁ

ଆରେ କୁନିଆ,
ଆଦରେ କହନ୍ତି ମାଆ

"ସକାଳ ହେଲାଣି
ଖରା ପଡିଲାଣି
ବାଡି ପଛପଟେ ଆ
ଟୋପା ଟୋପା ହୋଇ
ଜାଜାର କେତେ
ଝଲମଲ ହୋଇ
ସୁନ୍ଦର ଦିଶେ
ଦେଖିବୁ ଯେବେ ଆ
ଆରେ କୁନିଆ ଆ"
ଆଦରେ କହନ୍ତି ମା ।

ଆରେ ମେଘ ଆ

ଆରେ ମେଘ ଆ
ନାନା ଜାତିର ଫୁଲ ସବୁକୁ
ଫୁଟାଇ ଦେଇ ଯା
ଆରେ ମେଘ ଆ
ମେଘରେ ମେଘ
କାଳିଆ ମେଘ
ଆଜି ହୋଇଛି ମେଘୁଆ ପାଟ
ବହେ ଶୀତୁଆ ବାଆ
ଆରେ ମେଘ ଆ ।

ବରଷା ପଡେ ଝରି

ଟୁପ୍ ଟାପ୍ ଟୁପ୍ ଟାପ୍ ବରଷା ପଡେ ଝରି
ଚିକ୍ ମିକ୍ ଚିକ୍ ମିକ୍ ବିଜୁଳି ଦିଏ ମାରି



ଟୁପ୍ ଟାପ୍ ଟୁପ୍ ଟାପ୍ ବରଷା ପଡେ ଝରି ।
କିଏ ସେ ହେଉଚି ଖୁପୁରୁ ଖୁପୁ

ମେଘ ବରଷିଲା ଟୁପୁରୁ ଟୁପୁ
କିଏ ସେ ହେଉଚି ଖୁପୁରୁ ଖୁପ୍
ଭାଡି ତଳେ ଡେଇଁ ଡେଇଁ
ସବୁ ବେଙ୍ଗ ଯାଇ ଗାଡିଆ କୂଳେ
ଫାପୁଲା କି ଯାଇ ନାହିଁ ।

ବରଷା ଗୀତ

ଆ' ବରଷା ଢ଼ାଳି ଦେ ପାଣି
ଙ୍କେଁ କଟକଟ ବେଙ୍ଗୁଲୀ ରାଣୀ ।
ଓଳି ପାଣି ପଡୁ ଥପ୍ ଥପ୍
ବାହାରେ କାଦୁଅ ଚପ୍ ଚପ୍ ।
ଘୁଡୁଘୁଡୁ ମେଘ ଦୁଲୁକୁ ଥାଉ
ଆମ ଗାଁ ଦାଣ୍ଡ ଉଚ୍ଛୁଳି ଯାଉ ।
ଆ' ବରଷା ଢ଼ାଳି ଦେ ପାଣି
ଙ୍କେଁ କଟକଟ ବେଙ୍ଗୁଲୀ ରାଣୀ ।

ବରଷା

ମେଘ ବରଷୁଚି ଝପର ଝାଇଁ
ପବନ ବହୁଚି ସାଇଁ ସାଇଁ
କନ କନଆ ଶୀତୁଆ ବାଆ
ଦେହରେ ଲାଗୁଚି ଚାଇଁ ଚାଇଁ ।
ଶୀତ କଲାରେ ମିଉର ଭାଇ
ବାଟଓଳି ବସିଚି ମାଠ କଣ୍ଢେଇ

ଖାଉଚି ମିଠେଇ ଗାଉଚି ଗୀତ
ପିଠିରେ ପକାଇ ନେଉଚି ଶୀତ ।

ଚକା ଭଉଁରୀ

ନଈରେ ପଶିଲା
ବରଷା ପାଣି
ପାଣି ହୋଇଗଲା ଗୋଳିଆ
ସେଥିରେ ଖେଳିଲେ
ଚକା ଭଉଁରୀ
ଭାକୁଡ ଚିତଳ ବାଳିଆ

ଇନ୍ଦ୍ରଧନୁ

ବାପାଙ୍କୁ ଡାକି
ମନୁ କହିଲା
ଆକାଶେ କେତେ ରଙ୍ଗର ଗାର
କିଏ ଟାଣିଲା ।

ବାପା କହିଲେ
ନୁହଁରେ ନୁହଁ
ଗାର ଇଏ ନୁହଁ
ରଙ୍ଗବି ନୁହଁ
ସାତ ରଙ୍ଗର ଏ
ମେଘରେ ମନୁ
ଏହାର ନାଆଁଟି
ଇନ୍ଦ୍ରଧନୁ ।

ବରଷା ପାଗ

କେଁ କଟ୍ କଟ୍ ବେଙ୍ଗୁଲୀ ରାଣ୍ଡୀ
ଆସିଲା ବରଷା ଢ଼ାଳିଲା ପାଣି ।
କାଳୁଆ ପବନ ବହିଲା,
ମାମୁ ଘର ଯିବା ନୋହିଲା ।
ଗରମା ଗରମ୍ ପକୁଡି ବରା
ଖାଇବାକୁ ମନ କହିଲା ।

ମୁଢ଼ି ନଡିଆ

ବରଷା ପାଗ
ମୁଢ଼ିକି ନଡିଆ
ହୋଇଲେ ସାଙ୍ଗ
ସୋନୁ କହେ ମୁଁ ଖାଇବି ଆଗ
ପଡିଚି ବାଗ
ଛୁନୁ କହେ ସୋନୁ କହୁଚି ତତେ
ଏତେ ଉଚ୍ଛନିଆ ହୁଅନା ଏତେ
ତରତରରେ
ଖାଇଲେ ଲାଗିବ ତଣ୍ଟିରେ ତୋର ।

କୁଆ ପଥର

କୁଆ ପଥରରେ କୁଆ ପଥର
ଧୋବ ଫରଫର ଦେହଟି ତୋର
କିଏ ଗଢ଼େ ତୋତେ କେଉଁଠି ଥାଉ
ହାତରେ ଧଇଲେ ଶିଳେଇ ପାଉ ।

ପାଣି ଫୋଟକା

ପାଣି ଫୋଟକାରେ ପାଣି ଫୋଟକା
ପାଣି ଉପରେ ଫୁଲି ଫୁଲିକା
କେମିତି ଥାଉ
ଛୁଇଁ ଦେଲେ ତୁ ଉଭେଇ ଯାଉ ।

ପାଣି

ଢଳ ଢଳ ସେ ଢଳ ଢଳ
ବହିଯାଏ ସେ କଳ କଳ ।
ଆକାଶୁ ପଡେ ଝର୍ ଝର୍
ପାହାଡୁ ଖସେ ସର୍ ସର୍
ତାକୁ ଛାଡି ଆମେ ରହି ନପାରୁ
ପାଣି ବିନା ଆମେ ହରବର ।

ଆମରି ଟିକି ଗଡିଆ

ଆମରି ଟିକି ଗଡିଆ
କଇଁ ଫୁଟଇ ବଡ଼ିଆ
ହୁଡାରେ ତା'ର
ଲାଗିଛି କେତେ
ଆମ୍ବ ପଣସ ନଡିଆ ।

ଏଇ ଆମର ନଈ

ଏଇ ଆମର ନଈ
ଏଇ ଆମର ନଈ
ଯାଉଛି ଧୀରେ ବହି
ଯାଉଛି ଧୀରେ ବହି ।



ପୁନେଇଁ ଜହ୍ନ ଏଇଠି ବିଏଁ
ନାଲି ସୂରୁଜ ଏଇଠି ହସେ
ରହିଥାଏ ମୁଁ ଚାହିଁ
ରହିଥାଏ ମୁଁ ଚାହିଁ ।
ଏଇଠି ଲାଗେ ସକାଳ ଭଲ
ଏଇଠି ଲାଗେ ସଞ୍ଜ ଭଲ
ନଇକି ଆମ ଚାହିଁ ।
ଏଇ ଆମରି ନଈ
ଏଇ ଆମରି ନଈ ।

ଶୀତ ମାଉସୀ ଆଇଲା

ଶୀତ ମାଉସୀ ଅଇଲା
ଥଣ୍ଡା ପବନ ବହିଲା
ରତନୀ, ନିନି ଉହ୍ଲେଇ ଜାଲି
ଆଇଙ୍କ ପାଖେ ଗଲେଣି ମିଳି
ଠେକୁଆ ରଜା, ବେଙ୍ଗୁଲୀ ରାଣୀ
ଗପର ସୁଅ ବହିଲା
ଶୀତ ମାଉସୀ ଅଇଲା ।

ଶୋଇବା ଘୋଡିଘାଡି

ସିରି ସିରି ସିରି
ବହିଲା ବାଆ,
ଆସିଗଲା ଶୀତ ଦିନ,
ଠକ ଠକ ଠକ
ବାଜିଲା ଦାନ୍ତ
ଛାଡିଗଲା ନାକ କାନ

ଆଣ କମ୍ବଳ ଚଦର,
ଦିଅ ଘୋଡେଇ ଏଥର ।
ଯିବରେ ଶୀତ ଛାଡି,
ଶୋଇବା ଘୋଡି ପାଟି ।

ଆସିଲା ଶୀତ

ଆସିଲା ଏତେ ଶୀତରେ ଭାଇ
ଆସିଲା ଏତେ ଶୀତ
କାକର କୁହୁଡି ତାହାରି ମିତ ।
ଗାଇଲେ ପିଲେ ଗୀତ ।

ଶୀତ

ଖରାରେ ବସିଲେ
ଖରା କାଟୁଟି
ଛାଇରେ ବସିଲେ ଶୀତ
କୋଉଠି ଖାଇବି
କହ ଲୋ ମା
ବାଡି ଦେଲୁଣି ତ ଭାତ ।

ଚାଇଁ ଚାଇଁ ଝାଇଁ ପବନ

ଚାଇଁ ଚାଇଁ ଝାଇଁ ପବନ
ଧୂ ଧୂ ଖରା
ପାଣି ବାଲଟିଏ ଆଣିଲୁ ନାଇଁ ।
ଜଳିଗଲା ସବୁ ଖରା ।

କେମିତି ଆଉ ଫୁଟିବ କହ
ସୂର୍ଯ୍ୟମୁଖୀ ଫୁଲ
ବୋଉ ଚାହିଁଚି ଫୁଟିଲେ ଫୁଲ
କରିବ ପରା ତେଲ ।

(ଶ) ବିବିଧ ବିଷୟ ବସ୍ତୁ :

ତାରା ହସେ

ତାରା ହସେ
ଜହ୍ନ ହସେ
ହସେ ଆମ ବୁଢ଼ିଆ
ଫୁଲ ହସେ ଗଛର ଡାଳେ
କଇଁ ହସେ ପୋଖରୀ ଜଳେ
ବୁଢ଼ିଆର ହସ ମୋତେ
ଲାଗେ ବଡ଼ ବଢ଼ିଆ ।

ତିନି ମିତ

କୁକୁର ବିଲେଇ କୁକୁଡା ଛୁଆ
ମିତ ବସା ବସି ହୋଇଲେ,
ଗୋଟିଏ ଉପରେ ଗୋଟିଏ ବସି
ଯାତ ଦେଖିବାକୁ ଧାଇଁଲେ
କୁକୁର ଉପରେ ବିଲେଇ,
ବିଲେଇ ଉପରେ କୁକୁଡା ଛୁଆ
ଗୀତ ଗାଇ ହୁଏ ଫୁଲେଇ ।

କୋଉଦିନ ମୁଁ ବଡ ହୋଇବି

ମାଆଲୋ ମାଆ...
କୋଉଦିନ ମୁଁ ବଡ ହୋଇବି ?
ଭାଇନା ପରିକା ପାଠ ପଢ଼ିବି ?
କହୁଥିବୁ ତୁ ମୋ ଗଳାମାଳି
ବାପା କହୁଥିବେ ମୋ ଧନମାଳି ।

କିଏ ଖାଏ କିମିତି

ବିଲେଇ ଛୁଆ ଆରେ ଆ,
ଦୁଧ ଗୋଳେଇ ଦେବି
ଗାଉଲ୍ ଗାଉଲ୍ ଖାଆରେ ଖା ।
ହାମା ଛୁଆ ଆ'ରେ ଆ
କୁଣ୍ଡା ଦେବି ତୋରାଣି ଦେବି
ହାବୁଲ୍ ହାବୁଲ୍ ଖାଆରେ ଖା ।
କୁକୁର ଛୁଆ ଆ'ରେ ଆ
ଥାଳିରେ ଦେବି ମାଉଁସ ଭାତ
ଚାକୁଲ୍ ଚାକୁଲ୍ ଖାଆରେ ଖା ।

ଅଳିଆ

ଚୁନା, ଚୁନି ଦିହେଁ ଛାଞ୍ଚୁଣି ଧରି,
ଘର ଗୋଟାଯାକ ଦେଲେ ଓଳେଇ
ଅଳିଆ ଯେତକ ଏକାଠି କରି,
ଖତ ଗାଡରେ ସେ ଦେଲେ ପକେଇ



କୁକୁଡା ଛୁଆ କୁଆଡେ ଗଲା

ହଇଲୋ ମାଆ, କହିଥିଲୁ ତୁ,
ଅଣ୍ଡାର ଭିତରେ ଚଢ଼େଇ ପିଲା,
କୁକୁଡା ଅଣ୍ଡାଟି ଦେଲୁ ତୁ ଭାଜି
କୁକୁଡା ଛୁଆଟି କୁଆଡେ ଗଲା ?

ହାଟ

ଗାଆଁ ମୁଣ୍ଡରେ ବସିଛି ହାଟ
ହୁଅର କିଣାବିକା
ଯାଇଛି ଡଲୀ କିଣିବ ବୋଲି
ହାଣ୍ଡି-ଆଟିକା-ଶିକା ।
ଶିକାଟି ଭଲ ଭାଇ
ଥୋଇଲେ ତହିଁ ଦୁଧ କି ଦହି
ପୁଷି ନପାରେ ଖାଇ ।

ଗଉରର ପାଠ ପଢ଼ା

ଗଉର ପଢୁଛି ଖୁସିରେ ବହି
ମଝିରେ ମଝିରେ ଟିକିଏ ରହି
ପାଖେ ଥିଲେ ଅପା ଭାଇ
ଓଲଟା ଧରିଚି ବହିଟିକୁ ଦେଖି
ହସିଲେ ତାହାକୁ ଚାହିଁ ।

ଜଣକ ପରେ ଜଣେ

କେଏଁ କଅଁ କେଏଁ କଅଁ
କଟର ଭଟର ହୋଇ

ବେଙ୍ଗମାନେ ହୁଅନ୍ତି କଥା
ଗାଡିଆ କୂଳରେ ରହି
କାହାରି କଥା ନହୁଏ ଶୁଣି
କଅଣ କହୁଚି କିଏ
ଜଣକ ପରେ ଜଣେ କହିବା ପାଇଁ
ଶିଖି ନାହାନ୍ତି ସିଏ ?

ମୋ ଚିଠି କାହିଁ ?

ଏ ଚିଠିଟା ତ ବୋଉର
ଏ ଚିଠିଟି ବାପାଙ୍କ ଚିଠି
ଏଇଟା ହେଲା ଭାଇର ।
ମୋ'ର ଚିଠି କାହିଁ ?
ପଳାଇ ଗଲା ଡାକବାଲାଟି
ମୁରୁକି ହସା ଦେଇ ।

ଚିଠି ନିଅ ଚିଠି

ମୋ' କଣ୍ଢେଇ
ବଡ ହୋଇବ
ପାଠ ପଢ଼ିବ
ଦୂରକୁ ଯିବ
ଚିଠି ଲେଖିବ ।

ଡାକ-ବାଲା ମୋର ନାଆଁଟି ଧରି
"ଚିଠି ନିଅ ଚିଠି"
ଡାକ ଛାଡିବ ।



ମୋତେ ନେଇ ଛାଡିଦେ

ଆଖିରେ ଚଷମା ହାତରେ ବାଡି
ନଇଁ ନଇଁ ଚାଲେ ଭୁଆ ବିରାଡି ।
ଛୁଆ ବିରାଡିକି ଡାକେ
ମୋତେ ନେଇ ଛାଡି ଦେଏରେ
ସଡକର ଆର ପାଖେ ।

କାଠ କଣ୍ଢେଇ

ହସି ଦେ ମୋ' କାଠ କଣ୍ଢେଇ
ହସି ଦେ ମୋ' ଧନ
ଆଜି ତୋ' ଜନମ ଦିନ
ନାଚି ଯା ତୁ ଗାଇ ଯା ଗୀତ
ଖୁସି କରି ତୋ' ମନ ।

ଡତେ ଖୋଇବି
କାକାରା ପିଠା
ପାଟିକି ହେବ
ବହୁତ ମିଠା
ନାଇ ଦେବିରେ ଚନ୍ଦନ ଚିତା
ଆଜି ଗୋଟିଏ ଦିନ ।



ଛାଇ

ସବୁବେଳେ ସିଏ ମୋ' ପାଖେ ଥାଏ
ବସିଲେ ବସେ ଶୋଇଲେ ଶୁଏ
ମୁଁ ଟେକିଲେ ହାତ ହାତ ସେ ଟେକେ
ଗୋଡ଼ ଦେଖାଇଲେ ସିଏ ବି ଟେକେ





ସପାଖିଏ ସେପାଖିଏ ଦେଖିଲା ମୁଁ ଚାଲେ
ସିଏ ବି ସେମିତି ଚୁଲେ ଅନାଇ
କିଏ କି ସେଇ
ବୋଉ କହେ ସିଏ ତୋଓରି ଛାଇ ।

ଭୋଜି

ଆଲୋ ଟୁନୀ
ତୋ'ର ମୋର ବଣକୁ ଯିବା ।
ବଣ ଭିତରୁ
ତୋର ମୋର କାଠ ଆଣିବା ।
ତୋ' କାଠ ମୋ' କାଠ
ଭାତ ରାନ୍ଧିବା,
ତୋ ଭାତ ମୋ ଭାତ
ଭୋଜି କରିବା
ତୋ କଣ୍ଢେଇ ମୋ କଣ୍ଢେଇ
ଭୋଜି ଖାଇବେ
ଖାଇ ସାରି ନାଚି ନାଚି
ଗୀତ ଗାଇବେ ।

ବାଁକୁ ଚାଲ୍

ସଡକକୁ ଗଲେ,
ବାଆଁ ପାଖେ ପାଖେ ଚାଲ୍
ପୁଁ ପୁଁ କରି ଆସୁ ଯେତେ ଗାଡି
ନଥିବ ତହିଁକି ଡର ।
ଯାଇଥିଲି ଦିନେ ମୁହିଁ ସହର,
ମୋ ହାତକୁ ଧରି ମଉସା ମୋର,

ଶିଖାଇଲେ ରାସ୍ତା ହେବାକୁ ପାର ।

ଦାମ ଭାଇ

ଖପ୍ ଖପ୍ ଖପ୍ ଗଛରେ ଚଢ଼ି
ଭୁଷ୍ ଭୁଷ୍ ଦିଏ ନଡିଆ ପାରି ।
ଦାମ ଭାଇ ସିଏ ଜାଣିଚ ତାକୁ
ବଡ ପାରିବାର ସବୁ କାମକୁ ।

ଟିକିର ମୁହଁ ଯାଇଛି ଶୁଖି

ହରଲୋ ଟିକି
ମୁହଁଟି ତୋହର କାହିଁ ପାଇଁକି ଯାଇଚି ଶୁଖି ?
କହିଲା ଟିକି
ଛବି ବହିଟି ଯାଇଚି ହଜି
ପାଉନି ସେଇଟି ଟିକେ
କହିଲା କୁନା, ''ଆ ଖେଳିବା,
ଖେଳି ସାରି ତୁହେଁ ବହି ଖୋଜିବା

ଗରମ ହେଲା

କୁନା କହିଲା ଗରମ ହେଲା ଗରମ ହେଲା
ଝାଳ ବହିଲା
କୁନି ଉଠି ପଡି ଦଉଡି ଗଲା
ଝରକା ସବୁ କରିଲା ମେଲା
ଏ ଝରକା ବାଟେ ପବନ ଆସି
ଆର ଝରକାରେ ବାହାରି ଗଲା
କହିଲା କୁନା ବଢ଼ିଆ ହେଲା ।

ଏଣିକି ଆମେ ଶୋଇଲା ବେଳେ
ଝରକା ସବୁ ରଖିବା ଖୋଲା
ଝରକା ସବୁ ରଖିବା ଖୋଲା

କାହିଁ ଗଲା କୋଇଲି

କୁନି, ମୁନି ଦିହେଁ ଥରେ
ମାମୁ ଘର ଯାଉଥିଲେ
ହେଉଥିଲା ଟାଣ ଖରା
ତାଙ୍କୁ ବଡ ବାଧା ହେଲା
ବାଟରେ ସେ ବସିଗଲେ
ବୁଢ଼ା ବରଗଛ ତଳେ
ପତର ଗହଳେ ଲୁଚି
କାହିଁଥିଲା କୋଇଲିଟି
କୁହୁ କୁହୁ କୁହୁ କୁହୁ
କେତେ ଗୀତ ଗାଇଲା
କୁନି, ମୁନି, ଅନେଇଲେ
କେତେ ତାକୁ ଖୋଜି ହେଲେ
ଜାଣି ନ ପାରିଲେ କେବେ
କାହିଁ ସିଏ ରହିଲା ।